52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

| RNI NO-42004/83 | Vol. : 45/ Issue : 172 | Brahmapur | Sunday 2 August 2026 | ବର୍ଷ: ୪୫/ ଅଙ୍କ: ୧୭୨ | ରବିବାର ୨ ଅଗଷ୍ଟ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦ |
|---|---|---|---|---|---|---|---|---|

# ବନ୍ୟାଞ୍ଚଳ ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ



## ୧୪ ଜିଲ୍ଲାରେ ବନ୍ୟା
## ୮ ଲକ୍ଷ ଲୋକ ପ୍ରଭାବିତ
## ୭୨ ଘଣ୍ଟାରେ ରିପୋର୍ଟ ଦେବେ ଅଧିକାରୀ
## ୨ ଲକ୍ଷ ୬୯ ହଜାର ଲୋକଙ୍କୁ ସ୍ଥାନାନ୍ତରିତ

ଭୁବନେଶ୍ୱର ୦୧/୦୮: ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆକାଶମାର୍ଗରୁ ରାଜ୍ୟର ୫ଟି ଜିଲ୍ଲାର ୧୨ଟିରୁ ଅଧିକ ବ୍ଲକରେ ବନ୍ୟାସ୍ଥିତି ଅନୁଧ୍ୟାନ କରିଛନ୍ତି। ଚଳିତ ବନ୍ୟା ଦ୍ୱାରା ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ନେଇ ସମୀକ୍ଷା ପରେ ସୂଚନା ଦେଲେ ମୁଖ୍ୟମନ୍ତ୍ରୀ। ଚଳିତ ବନ୍ୟାରେ ୨ ଲକ୍ଷ ୬୯ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୧୭ଟି ଓଡ୍ରାଫ୍, ୭ ଏନଡିଆରଏଫ୍, ୧୨୯ ଅଗ୍ନିଶମ ଟିମ୍ ନିୟୋଜିତ ହୋଇଛନ୍ତି। ଜିଲ୍ଲାପାଳମାନଙ୍କୁ ପାଣି ଛାଡ଼ିବାର ୩ ଦିନ ଭିତରେ କ୍ଷୟକ୍ଷତି ଆକଳନ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏସଡିଆରଏଫ୍ ରୁ ୨୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ବନ୍ୟା ପରବର୍ତ୍ତୀ ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚଳିତ ବନ୍ୟାରେ ସତର୍କତା ପଦକ୍ଷେପ ନିଆଯାଇଛି। ଏଥିଯୋଗୁଁ ବଡ଼ ବିପର୍ଯ୍ୟୟକୁ ଟାଳି ଦିଆଯାଇଛି। ଦୟା, କୁଶଭଦ୍ରା, ଭାର୍ଗବୀ ଉପରେ ନଜର ରଖାଯାଇଛି। ପାଣି ଛାଡ଼ିଲାଣି, ଧୀରେ ଧୀରେ ସ୍ଥିତି ସୁଧୁରୁଛି। ଆସନ୍ତା ଦୁଇ ଦିନ ଭିତରେ ବନ୍ୟା ପାଣି ଛାଡି ଯିବାର ସମ୍ଭାବନା ଅଛି।ଏଥିସହିତ ବନ୍ୟା ଛାଡିବାର ୩ ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଆକଳନ ପରେ ତୁରନ୍ତ କୃଷି ଓ ଘରଭଙ୍ଗା ଇତ୍ୟାଦି କ୍ଷେତ୍ରରେ ସହାୟତା ପ୍ୟାକେଜ ଦିଆଯିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ଯାଜପୁର ଜିଲ୍ଲାର ଦଶରଥପୁର, ବରୀ ଓ ବିଂଝାରପୁର, ଭଦ୍ରକ ଜିଲ୍ଲାର ଧାମନଗର, ଭଣ୍ଡାରିପୋଖରୀ ଓ ଚାନ୍ଦବାଲି, ବାଲେଶ୍ୱର ଜିଲ୍ଲାର ସୋର, ରେମୁଣା ଓ ବାଲେଶ୍ୱର ସଦର, ମୟୂରଭଞ୍ଜ ଜିଲ୍ଲାର ବଡସାହି, ଉଦଳା ଓ କପ୍ତିପଦାର କିଛି ପ୍ରଭାବିତ ଅଂଶ ଏବଂ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ପ୍ରଭାବିତ ଅଞ୍ଚଳ ଗୁଡିକର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି।ବନ୍ୟା ପରିସ୍ଥିତି ଉପରେ ତାଙ୍କର ସମ୍ପୂର୍ଣ୍ଣ ଦୃଷ୍ଟି ରଖାଯାଇଛି।ସବୁ ବିପର୍ଯ୍ୟୟ ପରି ଏହି ବନ୍ୟାରେ ମଧ କୁ ଗୁରୁତ୍ୱ ଦିଆଯାଇଛି। ଚଳିତ ବନ୍ୟାରେ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ବନ୍ୟା ଦ୍ୱାରା ପ୍ରଭାବିତ ୨.୬୯ ଲକ୍ଷ ଲୋକଙ୍କୁ ବ୍ୟବସ୍ଥା, ପିଇବା ପାଣି ଓ ଡାକ୍ତରୀ ସେବାର ବ୍ୟବସ୍ଥା କରାଯାଇଛି। ଏ ସମସ୍ତ ଜିଲ୍ଲା ଗୁଡିକରେ ବରିଷ୍ଠ ଅଧିକାରୀମାନେ କ୍ଷେତ୍ର ସ୍ତରରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି ବୋଲି ସେ ଶୁଖିଲା ଓ ରନ୍ଧାଖାଦ୍ୟ, ପିଇବା ପାଣି ଓ ଔଷଧ ଆଦି ଯୋଗାଇଦିଆଯାଉଛି।

କ୍ଷତିଗ୍ରସ୍ତ ରାସ୍ତାଗୁଡିକୁ ମଧ ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପ୍ରକାଶ କରି ନଜର ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ମନ୍ତ୍ରୀ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୁରୀ ଜିଲ୍ଲାର ବନ୍ୟା ପରିସ୍ଥିତି ଉପରେ ମଧ ସତର୍କ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି।

ଉଦ୍ଧାର କାର୍ଯ୍ୟରେ ୧୭ଟି , ୭ଟି ଏବଂ ୧୨୯ଟି ଅଗ୍ନିଶମ ଓ ଜରୁରୀ ସେବାଦଳ ସାମିଲ ଅଛନ୍ତି। ୭୦୦ଟି ଆଶ୍ରୟ ସ୍ଥଳ ଓ ରିଲିଫ କ୍ୟାମ୍ପରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ରହିବା, ଶୁଖିଲା ଓ ରନ୍ଧାଖାଦ୍ୟ କହିଥିଲେ।

ବନ୍ୟା ପ୍ରପୀଡିତଙ୍କ ସହାୟତା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୨୬ କୋଟି ଟଙ୍କା ପ୍ରଦାନ କରାଯାଇଛି। କ୍ଷତିଗ୍ରସ୍ତ ପରିବାରମାନଙ୍କୁ ପଲିଥିନ, ବନ୍ୟା ପରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଯେପରି ନଉପୁଜେ ସେଥିପାଇଁ ମଧ କଡ଼ା ନଜର ରଖାଯାଇଛି। ସରକାରଙ୍କ ପକ୍ଷରୁ ଉପଯୁକ୍ତ ସମୟରେ ସୂଚନା ପ୍ରଦାନ ଓ ଉଚିତ ପଦକ୍ଷେପ ଯୋଗୁ ବନ୍ୟାଜନିତ ବଡ କ୍ଷୟକ୍ଷତିକୁ ରୋକାଯାଇ ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

### କ୍ଷୟକ୍ଷତିର ପ୍ରାଥମିକ ରିପୋର୍ଟ
## ୩୩ ହଜାର ହେକ୍ଟର ଚାଷ ଜମି ନଷ୍ଟ

ଭୁବନେଶ୍ୱର: ରାଜ୍ୟରେ ହୋଇଥିବା ବନ୍ୟାର ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ ସାମ୍ନାକୁ ଆସିଛି । ଏହି ସରକାରୀ ରିପୋର୍ଟ ଅନୁଯାୟୀ, ବନ୍ୟା ଯୋଗୁଁ ରାଜ୍ୟର ଅନେକ ଜିଲ୍ଲା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି । ପ୍ରାୟ ୮ ଲକ୍ଷରୁ ଅଧିକ ଲୋକ ଏହି ବନ୍ୟାରେ ସିଧାସଳଖ ପ୍ରଭାବିତ ହୋଇଛନ୍ତି । ରାଜ୍ୟର ୬୩ଟି ବ୍ଲକର ୪୯୨ଟି ଗ୍ରାମ ପଞ୍ଚାୟତ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି । ଅନେକ ଗାଁ ଦୀର୍ଘ ସମୟ ଧରି ଜଳବନ୍ଦୀ ରହିବା ଫଳରେ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି । ବନ୍ୟା ପାଣି ମାଡ଼ିଯିବା ଫଳରେ ପ୍ରାୟ ୩୩ ହଜାର ୪୫୦ ହେକ୍ଟର ଚାଷ ଜମିରେ ଫସଲ ନଷ୍ଟ ହୋଇଛି, ଯାହା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ସେହିପରି ରାଜ୍ୟରେ ମୋଟ ୧୧୩୨ଟି ଘର ଭାଙ୍ଗିଥିବା ନେଇ ପ୍ରାଥମିକ ଆକଳନ କରାଯାଇଛି । ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଛି । ବର୍ତ୍ତମାନ ସୁଦ୍ଧା ବନ୍ୟା ଘେରରୁ ୨ ଲକ୍ଷ ୫୧ ହଜାର ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ବିପନ୍ନଙ୍କୁ ଆଶ୍ରୟ ଦେବା ପାଇଁ ସାରା ରାଜ୍ୟରେ ୫୨୭ଟି ରିଲିଫ୍ ସେଣ୍ଟର ଖୋଲାଯାଇଛି । ଏହି ସେଣ୍ଟରଗୁଡ଼ିକରେ ବର୍ତ୍ତମାନ ପ୍ରାୟ ୨ ଲକ୍ଷ ୫୪ ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ଓ ଅନ୍ୟାନ୍ୟ ଜରୁରୀ ସେବା ଯୋଗାଇ ଦିଆଯାଉଛି । ଆଗାମୀ ଦିନରେ ବନ୍ୟା ଛାଡ଼ିବା ପରେ କ୍ଷୟକ୍ଷତିର ଚୂଡ଼ାନ୍ତ ଆକଳନ କରାଯିବ ଏବଂ ପ୍ରଭାବିତଙ୍କୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।

### ଆସୁଛନ୍ତି ମହାମହିମ
## ମୁତୟନ ହେବେ ୪୦ ପ୍ଲାଟୁନ ପୋଲିସ

ଭୁବନେଶ୍ୱର ୧।୮: ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଅଗଷ୍ଟ ୩ରୁ ୫ ତାରିଖ ଯାଏଁ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି । ଭୁବନେଶ୍ୱର ଓ କଟକରେ ରହିଛି ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମ । ଆସନ୍ତା ୩ ତାରିଖରେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରରେ ପହଞ୍ଚିବେ ରାଷ୍ଟ୍ରପତି । ଏହାପରେ ୪ ତାରିଖରେ ଭୁବନେଶ୍ୱର ରେଳ ଷ୍ଟେସନରୁ ଟ୍ରେନ୍ ଯୋଗେ ବ୍ରହ୍ମପୁର ଗସ୍ତ କରିବେ । ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏୟାରପୋର୍ଟ ଠାରୁ ରେଲୱେ ଷ୍ଟେସନ ଏବଂ ରୁଟ୍ ପର୍ଯ୍ୟନ୍ତ ସବୁଠି ରହିବ କଡ଼ା ସୁରକ୍ଷା । ରୁଟ୍ ଓ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ରାଙ୍କର ଅଧିକାରୀଙ୍କ ସହ ଓ ରାଙ୍କର ଅଧିକାରୀ ମାନେ ନିୟୋଜିତ ରହିବେ । ସୁରକ୍ଷା ବ୍ୟବସ୍ଥାର ସମସ୍ତ ଦିଗକୁ ନିଜେ ନଜରରେ ରଖିବେ ପୋଲିସ କମିଶନର ଏସ୍. ଦେବ ଦତ୍ତ ସିଂହ । ରାଷ୍ଟ୍ରପତିଙ୍କ ଗସ୍ତକୁ ସୁରୁଖୁରୁରେ ପରିଚାଳନା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି । ସୁରକ୍ଷା ଦାୟିତ୍ୱରେ ପ୍ରାୟ ୪୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିବେ । ଏହାକୁ ନେଇ ଭୁବନେଶ୍ୱର ରେଳ ଷ୍ଟେସନରେ ଶନିବାର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ପୋଲିସ କମିଶନର । ତାଙ୍କ ସହ , , ରେଳ ଷ୍ଟେସନ ଡାଇରେକ୍ଟରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

### କାଶ୍ମୀରରେ ଆତଙ୍କୀ ହାମ୍‌ଲା
## ଦୁଇଜଣଙ୍କୁ ହତ୍ୟା

ଶ୍ରୀନଗର,୧।୮: କାଶ୍ମୀରରେ ପହଲଗାମ ଭଳି ହମଲା। ଆସିଲେ, ପରିଚୟ ପଚାରିଲେ। ବନ୍ଧୁକ ଗୁଳିରେ ମାରିଲେ। ଆତଙ୍କବାଦୀମାନେ ଦକ୍ଷିଣ କାଶ୍ମୀରର କୁଲଗାମ ଜିଲ୍ଲାରେ ଏକ ଇଟା ଭାଟିରେ କାମ କରୁଥିବା ଛତିଶଗଡ଼ର ଦୁଇଜଣ ଶ୍ରମିକଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଏହି ଆକ୍ରମଣରେ ଉଭୟ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସୁରକ୍ଷା ବାହିନୀ ଆଖପାଖ ଅଞ୍ଚଳକୁ ଘେରାବନ୍ଦୀ କରିଛନ୍ତି। ଫେରାର୍ ହୋଇଯାଇଥିବା ଆତଙ୍କବାଦୀଙ୍କୁ ଧରିବା ପାଇଁ ତଲାସୀ ଅଭିଯାନକୁ ଜୋରଦାର କରିଛି। ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ଲସ୍କର-ଏ-ତୈବାର ଏକ ଛାମୁଆ ସଂଗଠନ - ଏହି ଆକ୍ରମଣକୁ ଦାୟୀ କରିଛି। ଆଗାମୀ ଦିନରେ ଏପରି ଆହୁରି ଆକ୍ରମଣ କରିବାକୁ ଧମକ ଦେଇଛି। ଶୁକ୍ରବାର ରାତିରେ କୁଲଗାମର କେଲମ ଅଞ୍ଚଳରେ ଥିବା ଇଟ୍ କିଲନ୍-୭୭ରେ ଦୁଇ ଆତଙ୍କବାଦୀ ପହଞ୍ଚିଥିଲେ। ସେମାନେ ନିକଟରୁ ଗୁଳି ଚଳାଇବା ପୂର୍ବରୁ ଦୁଇ ଶ୍ରମିକଙ୍କୁ ସେମାନଙ୍କ ନାମ ପଚାରିଥିବା ଜଣାପଡ଼ିଛି। ଉଭୟ ଶ୍ରମିକ ନିକଟରେ ଏକ ଭଡା ଘରେ ରହୁଥିଲେ।

ଗୁଳି ମାରିବା ପରେ ଉଭୟ ତଳେ ପଡ଼ିଗଲେ, ଏବଂ ଆତଙ୍କବାଦୀମାନେ ସେମାନଙ୍କୁ ମୃତ ଭାବି ଚାଲିଯାଇଥିଲେ। ଆତଙ୍କବାଦୀମାନେ ଚାଲିଯିବା ପରେ, ସ୍ଥାନୀୟ ଲୋକଙ୍କ ସହାୟତାରେ ସହକର୍ମୀମାନେ ରକ୍ତ ଜୁଡୁବୁଡୁ ଶ୍ରମିକମାନଙ୍କୁ ଅନନ୍ତନାଗର ସରକାରୀ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଉଭୟ ମୃତକ ଛତିଶଗଡ଼ର ବୋଲି ଜଣାପଡ଼ିଛି। ବିଳମ୍ବିତ ରାତିରେ, ଜଣକଙ୍କୁ ଉତ୍ତମ ଚିକିତ୍ସା ପାଇଁ ଶ୍ରୀନଗରର କୁ ପଠାଯାଇଥିଲା। ଦୀପକଙ୍କ ଛାତିରେ ଗୁଳି ବାଜିଥିଲା। ଭୂପେନ୍ଦ୍ରଙ୍କ ପେଟରେ ଗୁଳି ବାଜିଥିଲା। ଏହା ନଅ ଦିନ ମଧ୍ୟରେ କାଶ୍ମୀରରେ ଦ୍ୱିତୀୟ ଆକ୍ରମଣ। ପୂର୍ବରୁ ଜୁଲାଇ ୨୨ରେ, ଆତଙ୍କବାଦୀମାନେ ଅନନ୍ତନାଗର ଲାଲ ଚୌକ୍ ଅଞ୍ଚଳରେ ଶ୍ରୀ ଅମରନାଥ ଯାତ୍ରା ଡ୍ୟୁଟିରେ ନିୟୋଜିତ ଜଣେ ପୋଲିସ ଅଧିକାରୀଙ୍କୁ ଗୁଳି କରି ହତ୍ୟା କରିଥିଲେ। ଅନ୍ୟପକ୍ଷରେ, ଗତବର୍ଷ ଏପ୍ରିଲ ୨୨ରେ ପହଲଗାମ ଆକ୍ରମଣ ପରେ ଏହା ଚଳିତ ବର୍ଷ ଦ୍ୱିତୀୟ ବଡ଼ ଆକ୍ରମଣ।

### ଟଙ୍କା ଆତ୍ମସାତ୍ ଅଭିଯୋଗ
## ପୂର୍ବତନ ଜୁନିଅର ଆସିଷ୍ଟାଣ୍ଟଙ୍କୁ ଗିରଫ କଲା ଭିଜିଲାନ୍ସ

ବାଲେଶ୍ୱର, ୧।୮ : ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସକୁ ମିଳିଛି ବଡ଼ ସଫଳତା। ବାଲିଆପାଳ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ପୂର୍ବତନ ଜୁନିଅର ଆସିଷ୍ଟାଣ୍ଟ ଦେବଦ୍ୟୁତି ନନ୍ଦଙ୍କୁ ଭିଜିଲାନ୍ସ ଶନିବାର ଗିରଫ କରିଛି। ତାଙ୍କ ବିରୋଧରେ ୩୭ ଲକ୍ଷ ୩୨ ହଜାର ଟଙ୍କା ସରକାରୀ ଅର୍ଥ ଆତ୍ମସାତ୍ କରିଥିବା ଗୁରୁତର ଅଭିଯୋଗ ରହିଛି। ସୂଚନା ଅନୁସାରେ, ଦେବଦ୍ୟୁତି ନନ୍ଦ ବର୍ତ୍ତମାନ ବାଲିଆପାଳ ବ୍ଲକର ଜଗାଇସ୍ଥିତ ପଦ୍ମଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜୁନିଅର ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟରତ ଅଛନ୍ତି। ସେ ୨୦୨୨ରୁ ୨୦୨୬ ମଧ୍ୟରେ ବାଲିଆପାଳ ବିଇଓ କାର୍ଯ୍ୟାଳୟରେ କାମ କରୁଥିବା ବେଳେ ବିଲ୍ କ୍ଲାର୍କ-କମ୍-ଆକାଉଣ୍ଟାଣ୍ଟ ଭାବେ ଦାୟିତ୍ୱରେ ଥିଲେ।

ଭିଜିଲାନ୍ସ ତଦନ୍ତରେ ଜଣାପଡ଼ିଛି ଯେ, ସେ ଅନ୍ୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବକେୟା ବିଲ୍ ମଧ୍ୟରେ ନିଜ ନାମରେ ଜାଲ୍ ଆରିୟର ବିଲ୍ ପ୍ରସ୍ତୁତ କରି ଯୋଡ଼ିଥିଲେ। ପରେ ସେହି ଜାଲ୍ ବିଲ୍ ଆଧାରରେ ସରିକାରୀ ଅର୍ଥକୁ ନିଜ ବ୍ୟାଙ୍କ ଖାତାକୁ ସ୍ଥାନାନ୍ତର କରିଥିଲେ। ଏଭଳି ଉପାୟରେ ସେ ମୋଟ ୩୭.୩୨ ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି।ଏହି ଘଟଣାରେ ଭିଜିଲାନ୍ସ ପକ୍ଷରୁ ବାଲେଶ୍ୱର ଭିଜିଲାନ୍ସ ଥାନା କେସ୍ ନମ୍ବର ୧୩/୨୦୨୬ ରୁଜୁ କରାଯାଇଛି।

## ବନ୍ୟା ମୁକାବିଲା ପାଇଁ କେନ୍ଦ୍ରରୁ ଓଡ଼ିଶାକୁ ୫୦୦ କୋଟି ମଞ୍ଜୁର

ଭୁବନେଶ୍ୱର, ୧।୮ : ବନ୍ୟା ପ୍ରଭାବିତ ଓଡ଼ିଶା ପାଇଁ କେନ୍ଦ୍ର ସରକାରଙ୍କ ବଡ଼ ସହାୟତା। ଚଳିତ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିର ମୁକାବିଲା ଓ ରିଲିଫ୍ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରାଜ୍ୟକୁ ୫୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି ର କେନ୍ଦ୍ରୀୟ ଅଂଶର ଦ୍ୱିତୀୟ କିସ୍ତି ଭାବେ ଆଗୁଆ ଜାରି କରାଯାଇଛି। କେନ୍ଦ୍ର ସରକାର ମୋଟ ୨,୧୧୭.୮୫ କୋଟି ଟଙ୍କା ସାତଟି ବନ୍ୟା ପ୍ରଭାବିତ ରାଜ୍ୟ ପାଇଁ ଅନୁମୋଦନ କରିଛନ୍ତି। ଏଥିରୁ ଓଡ଼ିଶାକୁ ୫୦୦ କୋଟି ଟଙ୍କା ମିଳିଥିବା ବେଳେ ମହାରାଷ୍ଟ୍ର ଓ ଗୁଜରାଟକୁ ମଧ ୫୦୦ କୋଟି ଟଙ୍କା ଲେଖାଏଁ ଦିଆଯାଇଛି। ଆସାମକୁ ୩୭୯.୩୫ କୋଟି, ହିମାଚଳ ପ୍ରଦେଶକୁ ୧୯୩.୯୫ କୋଟି ଏବଂ ଅରୁଣାଚଳ ପ୍ରଦେଶକୁ ୪୪.୫୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ନାଗାଲାଣ୍ଡ ମଧ ପୂର୍ବରୁ ପ୍ରଥମ କିସ୍ତି ପାଇସାରିଛି। ଓଡ଼ିଶା ଓ ହିମାଚଳ ପ୍ରଦେଶ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ର ପ୍ରଥମ କିସ୍ତି ପୂର୍ବରୁ ପାଇଥିବାରୁ ବର୍ତ୍ତମାନ ଦ୍ୱିତୀୟ କିସ୍ତି ଆଗୁଆ ଜାରି କରାଯାଇଛି। ଏହି ଅର୍ଥ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର, ରିଲିଫ୍, ପୁନର୍ବାସ ଏବଂ ଜରୁରୀକାଳୀନ ବ୍ୟବସ୍ଥାକୁ ଆହୁରି ତ୍ୱରାନ୍ୱିତ କରିବ।

କେନ୍ଦ୍ର ସରକାର କହିଛନ୍ତି ଯେ, ମୌସୁମୀ ବର୍ଷା ଆରମ୍ଭ ହେବା ପରଠାରୁ ବନ୍ୟା ସ୍ଥିତି ଉପରେ ଲଗାତାର ନଜର ରଖାଯାଉଛି। ରାଜ୍ୟ ସରକାରମାନଙ୍କ ସହ ସମନ୍ୱୟ ରକ୍ଷା କରି ଆବଶ୍ୟକ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି। ଆବଶ୍ୟକ ସ୍ଥାନରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ ଟିମ୍‌କୁ ପୂର୍ବରୁ ମୁତୟନ କରାଯାଇଥିବା ବେଳେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମଧ ଲଜିଷ୍ଟିକ୍ ସହଯୋଗ ଦିଆଯାଇଛି।

ବନ୍ୟା କ୍ଷୟକ୍ଷତିର ଆକଳନ ପାଇଁ ଅରୁଣାଚଳ ପ୍ରଦେଶ ଓ ଆସାମକୁ ଆନ୍ତଃମନ୍ତ୍ରାଳୟ କେନ୍ଦ୍ରୀୟ ଟିମ୍ ପଠାଯାଇଛି। ଆସାମର ଗୁରୁତର ବନ୍ୟା ପରିସ୍ଥିତି ଦୃଷ୍ଟିରୁ ସେଠାକୁ ଦୁଇଥର ଗସ୍ତ କରିଛି। ନାଗାଲାଣ୍ଡ ସରକାରଙ୍କ ଅନୁରୋଧ କ୍ରମେ ସେଠାକୁ ମଧ ଏକ ଗଠନ କରାଯାଉଛି।

କେନ୍ଦ୍ର ସରକାର କହିଛନ୍ତି, ବନ୍ୟା ପୀଡ଼ିତ ଲୋକଙ୍କୁ ଶୀଘ୍ର ସହାୟତା ପହଞ୍ଚାଇବା ଏବଂ ରାଜ୍ୟଗୁଡ଼ିକ ପାଖରେ ଅର୍ଥର ଅଭାବ ନ ରହିବା ପାଇଁ ର କିସ୍ତିକୁ ଆଗୁଆ ଜାରି କରାଯାଇଛି। ଏହାଦ୍ୱାରା ଓଡ଼ିଶା ସମେତ ବନ୍ୟା ପ୍ରଭାବିତ ରାଜ୍ୟଗୁଡ଼ିକର ଉଦ୍ଧାର, ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି।

## ପେପର ଲିକ୍ ବିରୋଧୀ ଆଇନରେ ସଂଶୋଧନକୁ ରାଷ୍ଟ୍ରପତିଙ୍କ ଅନୁମୋଦନ

ନୂଆଦିଲ୍ଲୀ:ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପେପର ଲିକ୍ ବିରୋଧୀ ଆଇନର ସଂଶୋଧନ ବିଲ୍‌କୁ ମଞ୍ଜୁରୀ ଦେଇଛନ୍ତି। ଏହା ସହିତ ପେପର ଲିକ୍ ଆଇନରେ ଦଣ୍ଡ ବ୍ୟବସ୍ଥା ଏବେ ଆହୁରି କଠୋର ହୋଇଯାଇଛି। ନୂତନ ବ୍ୟବସ୍ଥା ଅନୁଯାୟୀ, ପେପର ଲିକ୍ ମାମଲାରେ ଫଇସଲା ତିନି ମାସ ମଧ୍ୟରେ ନିଆଯିବ। ଦୋଷୀଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଦଣ୍ଡିତ କରାଯିବ। ପେପର ଲିକ୍ ବିରୋଧୀ ସଂଶୋଧନ ବିଲ୍ ସମ୍ପର୍କରେ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଥିଲେ ଯେ ଏହି ବିଲ୍ ପେପର ଲିକ୍‌ର ସମ୍ପୂର୍ଣ୍ଣ ନେଟୱାର୍କକୁ ସମାପ୍ତ କରିବାର ଏକ ପ୍ରୟାସ। ଏହି ବିଲ୍ ପରୀକ୍ଷା ପ୍ରକ୍ରିୟାରେ ସ୍ୱଚ୍ଛତା, ବିଶ୍ୱସନୀୟତା ଏବଂ ନିରପେକ୍ଷତା ବୃଦ୍ଧି କରିବ। ଜାରି ହୋଇଥିବା ଏକ ଗେଜେଟ୍ ବିଜ୍ଞପ୍ତିରେ ଆଇନ ମନ୍ତ୍ରଣାଳୟ କହିଛି ଯେ, ରାଷ୍ଟ୍ରପତି ଚଳିତ ସପ୍ତାହର ଆରମ୍ଭରେ ସଂସଦର ଉଭୟ ଗୃହ ଦ୍ୱାରା ମଞ୍ଜୁରୀ ପାଇବା ପରେ ପବ୍ଲିକ୍ ପରୀକ୍ଷା (ଅନ୍ୟାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬କୁ ଅନୁମୋଦନ କରିଛନ୍ତି। ହଟ୍ଟଗୋଳ ମଧ୍ୟରେ ଲୋକସଭାରେ ସଂଶୋଧନ ବିଲ୍ ଗୃହୀତ ହୋଇଥିଲା। ବିଲ୍ ଗୃହୀତ ହେବା ପରେ, ଶିକ୍ଷା ମନ୍ତ୍ରୀ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟରେ କହିଥିଲେ ଲୋକସଭା ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬ ପାସ୍ କରିଛି, ଯାହା ପରୀକ୍ଷା ତ୍ରୁଟିର ସମାଧାନ ପାଇଁ ଏକ ଦୃଢ଼ ଆଇନଗତ ଢାଞ୍ଚା ସୃଷ୍ଟି କରିବ। କଠୋର ଦଣ୍ଡ, ଦ୍ରୁତ ଅଦାଲତ, ଉନ୍ନତ ତଦନ୍ତ ପଦ୍ଧତି ଏବଂ ପରୀକ୍ଷା ତ୍ରୁଟି ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପ୍ରଦାନ କରୁଥିବା ଏହି ବିଲ୍ ପ୍ରଶ୍ନପତ୍ର ଲିକ୍‌ର ସମ୍ପୂର୍ଣ୍ଣ ନେଟୱାର୍କକୁ ଦୂର କରିବା ଏବଂ ପରୀକ୍ଷା ପ୍ରକ୍ରିୟାରେ ସ୍ୱଚ୍ଛତା, ବିଶ୍ୱସନୀୟତା ଏବଂ ନିରପେକ୍ଷତା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି। ପେପର ଲିକ୍ ମାମଲାର ଶୁଣାଣି ପାଇଁ ପ୍ରତ୍ୟେକ ରାଜ୍ୟରେ ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯିବ, ଯେଉଁଠାରେ ପ୍ରତିଦିନ ଶୁଣାଣି ହେବ ଏବଂ ୯୦ ଦିନ ମଧ୍ୟରେ ବିଚାର ସମାପ୍ତ ହେବ ଏବଂ ଦଣ୍ଡାଦେଶ କରାଯିବ। ୨୦୨୪ ଆଇନରେ ୩ ରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡର ବ୍ୟବସ୍ଥା ଥିଲା। ଏବେ ଏହାକୁ ୫ ରୁ ୧୦ ବର୍ଷ କରାଯାଇଛି। ୨୦୨୪ ଆଇନରେ ପେପର ଲିକ୍ ପାଇଁ ୧୦ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିଲା। ଏହାକୁ ଏବେ ୧୦ କୋଟି ଟଙ୍କାକୁ ବୃଦ୍ଧି କରାଯିବ। ପୂର୍ବରୁ କେନ୍ଦ୍ରୀୟ ତଦନ୍ତ ସଂସ୍ଥା ପେପର ଲିକ୍ ମାମଲାଗୁଡ଼ିକର ତଦନ୍ତ କରୁଥିଲା। ଏବେ, ପେପର ଲିକ୍ ମାମଲାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯିବ। ୨୦୨୪ ଆଇନରେ ପେପର ଲିକ୍ ମାମଲାର ତଦନ୍ତ ସମାପ୍ତ କରିବା ପାଇଁ କୌଣସି ସମୟ ସୀମା ଧାର୍ଯ୍ୟ କରାଯାଇ ନଥିଲା, କିନ୍ତୁ ଏବେ ନୂତନ ସଂଶୋଧନରେ କୁହାଯାଇଛି ଯେ ତଦନ୍ତ ୨ ମାସ ମଧ୍ୟରେ ସମାପ୍ତ ହେବ।

### ଏଣିକି ଭୁବନେଶ୍ୱରରେ ଘର କିଣିବା ସ୍ୱପ୍ନ ହେବ ସାକାର
## 'ଏକାମ୍ର ରେସିଡେନ୍ସି'କୁ ମଞ୍ଜୁରୀ

ଭୁବନେଶ୍ୱର, ୧।୮ : ରାଜଧାନୀ ଭୁବନେଶ୍ୱରର ବିକାଶକୁ ଆହୁରି ଗତି ଦେବା ଲକ୍ଷ୍ୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ସବୁଜ ସଙ୍କେତ ଦେଇଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ଅଧକ୍ଷ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ୧୫୨ତମ କର୍ତ୍ତୃପକ୍ଷ ବୈଠକରେ ବହୁ ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ଏହି ବୈଠକର ସବୁଠାରୁ ବଡ଼ ନିଷ୍ପତ୍ତି ହେଉଛି ବହୁ ପ୍ରତୀକ୍ଷିତ 'ଏକାମ୍ର ରେସିଡେନ୍ସି' ଆବାସ ପ୍ରକଳ୍ପକୁ ଅନୁମୋଦନ। ପ୍ରକଳ୍ପଟି ଅକ୍ୟୁପାନ୍ସି ସାର୍ଟିଫିକେଟ୍ ପାଇସାରିଥିବା ବେଳେ ଫ୍ଲାଟ୍‌ର ମୂଲ୍ୟ ମଧ ନିର୍ଦ୍ଧାରଣ କରାଯାଇଛି। ସାଧାରଣ ଓ ମଧ୍ୟବିତ୍ତ ପରିବାରଙ୍କ ସାମର୍ଥ୍ୟକୁ ଧ୍ୟାନରେ ରଖି ଦର ଧାର୍ଯ୍ୟ କରାଯାଇଥିବାରୁ ଅନେକ ପରିବାରଙ୍କ ନିଜ ଘର ସ୍ୱପ୍ନ ସାକାର ହେବ ବୋଲି ଆଶା କରାଯାଉଛି।

ସୁବୁଦ୍ଧିପୁରର ୭.୩୬ ଏକର ଜମିରେ ନିର୍ମିତ ଏହି ପ୍ରକଳ୍ପରେ ତିନୋଟି ବହୁତଳ ଟାୱାରରେ ୨ ବିଏଚକେ ଓ ୩ ବିଏଚକେ



ଫ୍ଲାଟ୍ ରହିଛି। ଭୂକମ୍ପ ପ୍ରତିରୋଧକ ନିର୍ମାଣ, ସୁଇମିଂ ପୁଲ୍, ଜିମ୍, କମ୍ୟୁନିଟି ହଲ୍, ପିଲାଙ୍କ ଖେଳ ସ୍ଥାନ, ଜଗିଂ ଟ୍ରାକ୍, ସିସିଟିଭି, ପାୱାର ବ୍ୟାକଅପ୍, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ଅନ୍ୟାନ୍ୟ ଆଧୁନିକ ସୁବିଧା ଏଠାରେ ଉପଲବ୍ଧ ହେବ।କେବଳ ଆବାସ ପ୍ରକଳ୍ପ ନୁହେଁ, ସହରର ଯାତାୟାତ ଓ ପରିବେଶକୁ ଉନ୍ନତ କରିବା ପାଇଁ ଏକାମ୍ର କାନନ ଛକ ରୁ ହାତିଆସୁଣି ପର୍ଯ୍ୟନ୍ତ ବ । ମ ପ । ଶ୍ୱ ରାସ୍ତାରେ ଛାୟାଯୁକ୍ତ ସାଇକେଲ୍ ଟ୍ରାକ୍ ଓ ଫୁଟପାଥ ନିର୍ମାଣକୁ ମଧ ମଞ୍ଜୁରି ମିଳିଛି। ଏହାଦ୍ୱାରା ପଥଚାରୀ ଓ ସାଇକେଲ୍ ଚାଳକମାନେ ଅଧିକ ସୁବିଧା ପାଇବେ।ଏହାଛଡ଼ା ବାଣୀବିହାର ନିକଟ ଡ୍ରେନ୍ ନମ୍ବର-୪ରେ ୧୦ କେଏଲଡି କ୍ଷମତା ବିଶିଷ୍ଟ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ, ସିଆରପି ଛକସ୍ଥିତ ପ୍ରିୟଦର୍ଶିନୀ ମାର୍କେଟ୍ କମ୍ପ୍ଲେକ୍ସର ପୁନଃବିକାଶ ଏବଂ ମାଳିପଡ଼ା, ଦାସପୁର, ବିଜିପୁର, ବାଲିଆପଡ଼ା, କାଶୀପୁର, ଭଗବାନପୁର ଓ ପାତ୍ରପଡ଼ା ଅଞ୍ଚଳର ଟାଉନ ପ୍ଲାନିଂ ସ୍କିମ୍‌କୁ ମଧ ଅନୁମୋଦନ ଦିଆଯାଇଛି। ବୈଠକରେ ପ୍ରସ୍ତାବିତ ନ୍ୟୁ ସିଟି ଓ ଭୁବନେଶ୍ୱର ଟାଉନ ସେଣ୍ଟର ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା। ଉଭୟ ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତିକୁ ନେଇ କର୍ତ୍ତୃପକ୍ଷ ସନ୍ତୋଷ ପ୍ରକାଶ କରିଛନ୍ତି। ର ଏହି ସମସ୍ତ ନିଷ୍ପତ୍ତି ଆଗାମୀ ଦିନରେ ଭୁବନେଶ୍ୱରକୁ ଏକ ଅଧିକ ଆଧୁନିକ, ସୁନିୟୋଜିତ ଓ ବାସଯୋଗ୍ୟ ସହରରେ ପରିଣତ କରିବ ବୋଲି ଆଶା କରାଯାଉଛି।

# ସୁନ୍ଦରଗଡ଼ ଉପ କନିଷ୍ଠ ସିପକଟାକ୍ରୋ ଦଳ ଚାନ୍ଦବାଲି ଗସ୍ତ

ସୁନ୍ଦରଗଡ:୦୧/୦୮(ଆନିସ): ଜୁଲାଇ ୩୧ ତାରିଖ ଶୁକ୍ରବାର ରାତ୍ରି ୮ ଟା ସମୟରେ ସୁନ୍ଦରଗଡ଼ ଜିଲ୍ଲା ଉପ କନିଷ୍ଠ ସିପକଟାକ୍ରୋ ଦଳ ଭଦ୍ରକ ଚାନ୍ଦବାଲି ଯାତ୍ରା କରିଛନ୍ତି ଭଦ୍ରକ ଚାନ୍ଦବାଲିରେ ଅଗଷ୍ଟ ୧ ଓ ୨ ତାରିଖ ଦୁଇ ଦିନ ଧରି ହେବାକୁ ଥିବା ୨୪ ତମ ଉପ କନିଷ୍ଠ ସିପକଟାକ୍ରୋ ପ୍ରତିଯୋଗିତାରେ ଭାଗ ନେବେ ସେଠାରେ ଯେଉଁ ଖେଳାଳି ମାନେ ଚୟନ ହେବେ ଆସନ୍ତା ସେପ୍ଟେମ୍ବର ମାସ ୬ ରୁ ୧୦ ତାରିଖ ପର୍ଯ୍ୟନ୍ତ ଜାମ୍ମୁ କାଶ୍ମୀରର ଶ୍ରୀନଗର ହେବାକୁ ଥିବା ୨୮ ତମ ଜାତୀୟ ସ୍ତରୀୟ ଉପ କନିଷ୍ଠ ସିପକଟାକ୍ରୋ ପ୍ରତିଯୋଗିତାରେ ଭାଗ ନେବେ ସମସ୍ତ ଖେଳାଳି ମାନଙ୍କୁ ଭବାନୀ ଭବନ ସ୍ପୋର୍ଟ୍ସ କଂପ୍ଲେକ୍ସର ଟ୍ରେନର ଲିପ୍ସା ଷଡ଼ଙ୍ଗୀ, ଜାତୀୟ ରେଫରୀ କିରଣ ଶିଳା ବାର୍ଲା,



ଖେଳ ଶିକ୍ଷକ ବିଜୟ ଲକ୍ଷ୍ମୀ ନାଏକ, ସୁନ୍ଦରଗଡ଼ ଜିଲ୍ଲା ସିପକଟାକ୍ରୋ ସଂଘ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ଷଡ଼ଙ୍ଗୀ ସମ୍ବର୍ଦ୍ଧିତ କରି ଶୁଭ କାମନା କରିଥିଲେ ଏହି ଉପ କନିଷ୍ଠ ଦଳରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲେଢ଼ିମଙ୍ଗର ପ୍ରେମ ବୁଦୁଲା ଓ ଅଗଷ୍ଟି କାଙ୍ଗାଡି, ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ ଦର୍ଲିପାଲିର ଅନୁଜ ଭୋଇ,ହିମେନ୍ଦୁ ବାଗ,ଖୁସି ନେଟି ଓ ରୀନା ବରିହା, ସରକାରୀ ଉଚ୍ଚ ବିଦ୍ୟାଳୟ ଅଲେକେରାର ପ୍ରୀତି ପ୍ରଧାନ,ଦୀପାରାଣୀ କୁଜୁର, ତନୁଜା ବାଗ, ହେମବତୀ ମାଝୀ ଓ ସୁରେନ୍ଦ୍ର ଟପ୍ପୋ ଭାଗ ନେଇଛନ୍ତି ସମସ୍ତ ଖେଳାଳି ମାନଙ୍କୁ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ, ପୌରାଧକ୍ଷା ଶ୍ରୀମତୀ ତନୟା ମିଶ୍ର, ସୁନ୍ଦରଗଡ଼ ଜିଲ୍ଲା ସିପକଟାକ୍ରୋ ସଂଘ ଓ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତିର ସମସ୍ତ ସଭ୍ୟ ସଭ୍ୟା ଶୁଭେଚ୍ଛା ଜଣାଇଛନ୍ତି

## ପାନୀୟ ଜଳ ଓ ପରିମଳ ନିର୍ଦ୍ଦେଶକଙ୍କ ତିନି ଦିନିଆ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ

# କ୍ଷେତ୍ର ପରିଦର୍ଶନ ସହ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

ସୁନ୍ଦରଗଡ଼, ୧୮ (ଆନିସ): ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ତିନି ଦିନିଆ ସୁନ୍ଦରଗଡ ଜିଲ୍ଲା ଗସ୍ତରେ ଆସିଛନ୍ତି। ଏହି ଅବସରରେ କ୍ଷେତ୍ର ପରିଦର୍ଶନ କରିବା ସହିତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କ ସହିତ ବୈଠକ କରିଥିଲେ। ପ୍ରଥମେ ସଦର ବ୍ଲକ୍? ଅର୍ନ୍ତଗତ ଭସ୍ମା ଅଞ୍ଚଳ ଗସ୍ତ କରି ସେଠାକାର ନିର୍ମାଣାଧୀନ ଜଳ ବିଶୋଧନ ପ୍ଲାଣ୍ଟ ପ୍ରକଳ୍ପର କାର୍ଯ୍ୟକାରିତା ତଥା ଅଗ୍ରଗତି ସମୀକ୍ଷା କରିବା ସହିତ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ପରେ ସ୍ଥାନୀୟ ସଦଭାବନା ଭବନ ଠାରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ଉପସ୍ଥିତିରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ମଧ କରିଥିଲେ।

ଏହି ଅବସରରେ ଶ୍ରୀ ଭରଦ୍ୱାଜ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପାନୀୟ ଜଳ ପ୍ରକଳ୍ପ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ଅଗ୍ରଗତି, କାର୍ଯ୍ୟାନ୍ୱୟନ ଏବଂ ଫଳପ୍ରଦତା ଉପରେ ବିସ୍ତୃତ ସମୀକ୍ଷା କରିଥିଲେ। ବିଶେଷ କରି ପ୍ରତ୍ୟେକ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ



ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଏବଂ ପରିମଳ ବିଭାଗର ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା କରାଯିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ କରିବା ସମୟରେ ଆନୁଷଙ୍ଗିକ ବିଭାଗ ଗୁଡିକ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ଗ୍ରାମିଣ ହିତାଧିକାରୀଙ୍କ ଘରେ କିପରି ଟ୍ୟାପ ଜଳ ପହଞ୍ଚି ପାରିବ ସେ ନେଇ ଆଲୋଚନା କରଯାଇ ଥିଲା ଗୃହ ଓ ନଗର ଉନ୍ନୟନ ବିଭାଗ ଓ ୱାଟକୋର ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ଆଲୋଚନା ହୋଇଥିଲା ଏବଂ ବିଶେଷ କରି ପରିମଳ ବ୍ୟବସ୍ଥା ଏବଂ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରା ଯାଇଥିଲା।

ସେହିଭଳି ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ଭିତ୍ତିଭୂମି, ସ୍ମାର୍ଟ କ୍ଲାସ ରୁମ୍, ପିଏମଶ୍ରୀ ବିଦ୍ୟାଳୟ ଆଦି ଉପରେ ଆଲୋଚନା କରାଯାଇଥିଲା।

ସେହିଭଳି ସ୍ୱାସ୍ଥ୍ୟ ବିଭାଗ, ମହିଳା ଓ ଶିଶୁ ବିକାଶ, ଜିଲ୍ଲା ଯୋଗାଣ ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ଟିପିଡବ୍ଲୁ ଓ ଡିଏଲ, ଜିଲ୍ଲା ମଙ୍ଗଳ ବିଭାଗ, ସମସ୍ତ ଆଇ.ଟି.ଡି. ଏ., ସମବାୟ ଆଦି ଅନ୍ୟାନ୍ୟ ବିଭାଗ ଗୁଡ଼ିକର ବିଭିନ୍ନ ପ୍ରକଳ୍ପ ଯୋଜନା ଆଦି ଉପରେ ଆଲୋଚନା କରା ଯାଇଥିଲା ଏବଂ ବିଭାଗୀୟ ଅଧିକାରୀ ମାନେ ନିଜ ବିଭାଗ ଅର୍ନ୍ତଗତ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହିତ ମତାମତ ମଧ ପ୍ରଦାନ କରିଥିଲେ।

ଶେଷରେ ଶ୍ରୀ ଭାରଦ୍ୱାଜ ପ୍ରତ୍ୟେକ ଯୋଜନାର ସୁଫଳ ଯେପରି ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସମୟୋପଯୋଗୀ ଓ ସୁନିଶ୍ଚିତ ଭାବେ ପହଞ୍ଚିପାରିବ, ସେଥିପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା, ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଅଙ୍ଗନଦୀ ପାଣି ମାଡ଼ିଆସିବାରୁ ଘଣ୍ଟପାଳିରୁ ୭ ଜଣଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ

ବିନିକା, ୧୮ (ଆନିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ଏନଏସି ଅନ୍ତର୍ଗତ ୧୦ ନମ୍ବର ୱାର୍ଡ କାଇରାପାଲି ଗ୍ରାମରେ ବୁଧବାର ଚୌକିଜୋରର ବନ୍ୟା ପାଣି ମାଡ଼ି ଯିବାରୁ ୪ଟି ପରିବାର ଜଳବନ୍ଦୀ ହୋଇ ରହିବା ସହ ବିନିକା ଅଞ୍ଚଳରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି । ସୂଚନା ଅନୁଯାୟୀ, ବିନିକା ଅଞ୍ଚଳରେ ଲାଗିରହିଥିବା ପ୍ରବଳ ବର୍ଷା ଯୋଗୁଁ ଗତକାଲି ରାତିରୁ ଚୌକିଜୋରରେ ଜଳସ୍ତର ବୃଦ୍ଧି ପାଇଥିଲା। ବିଳମ୍ବିତ ରାତିରେ ବନ୍ୟା ଜଳ କାଇରାପାଲି ଗ୍ରାମରେ ପ୍ରବେଶ କରିବାରୁ ସକାଳୁ ସମଗ୍ର ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିଲା। ଫଳରେ ଗାଁର ଈଶ୍ୱର ବିଶ୍ୱାଳ, ଜେମାମନୀ ବିଶ୍ୱାଳ, ଭାସ୍କର ସେଠ୍, ଗହଳ ସେଠ୍, ଜୟରାମ ସେଠ୍, ଅଙ୍କିତା ସେଠ୍ ଏବଂ ସନ୍ତୋଷିନୀ ସେଠ୍ଙ୍କ ପରିବାର ଜଳବନ୍ଦୀ ହୋଇଫସି ରହିଥିଲେ।ଖବର ପାଇ ଜିଲ୍ଲାପାଳ ଡ. ନୃପରାଜ ସାହୁ, ବିନିକା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ, ଏନଏସି ଅଧକ୍ଷ ସୁବାଷ ଚନ୍ଦ୍ର ଭୁଏ, ସିଡିପିଓ, ସୁପରଭାଇଜର, ଏନଏସି କର୍ମଚାରୀ ଓ ପୁଲିସ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ପରିବାରମାନଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ଗାଁର ମିଶନ ଶକ୍ତି ଗୃହ ଓ କମ୍ୟୁନିଟି ଗୃହରେ ସୁରକ୍ଷିତ ଭାବେ ରଖାଯାଇ ପ୍ରଶାସନ ପକ୍ଷରୁ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ଏଥିସହିତ ବିନିକା ଏନଏସି ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ ସହାୟତା କେନ୍ଦ୍ର ଖୋଲାଯାଇ ସହରର ତଳିଆ ଅଞ୍ଚଳ ଯଥା ଗୁଲାପଡ଼ା, ପାତିକାରପଡ଼ା, ମନହରୀପଡ଼ା ବାସିନ୍ଦାଙ୍କୁ ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି।ଅନ୍ୟମାନଙ୍କୁ ମଧ ସ୍ଥାନୀୟ ମିଶନଶକ୍ତି ଗୃହ ରେ ରଖାଯାଇ ରିଲିଫ ଦିଆଯାଉଛି

# ବନ୍ୟା ବିପନ୍ନଙ୍କ ସେବାରେ ଆଗେଇ ଆସିବାକୁ ବିଜେପି କର୍ମୀଙ୍କୁ ଗୌତମ ରାୟଙ୍କ ଆହ୍ୱାନ

ବିଂଝାରପୁର, ୧୮ (ଆନିସ): ବୈତରଣୀ ଓ କାଣୀ ନଦୀର ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ



ରଖି ବିଜେପି ନେତା ଗୌତମ ରାୟ ଦଳୀୟ ଯୁବ ମୋର୍ଚ୍ଚା ସଭାପତି ଏବଂ କର୍ମୀମାନଙ୍କୁ ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚି ସେବା ଓ ସହାୟତା କାର୍ଯ୍ୟରେ ସକ୍ରିୟ ଭାଗ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ସରକାରୀ କିମ୍ବା ବେସରକାରୀ ସଂସ୍ଥା ପକ୍ଷରୁ ହେଉଥିବା ରିଲିଫ୍ ବଣ୍ଟନ କାର୍ଯ୍ୟର ସୁପରିଚାଳନାରେ ଦଳୀୟ କର୍ମୀମାନେ ସହଯୋଗୀ ଭୂମିକା ଗ୍ରହଣ କରିବା ଉଚିତ୍। ପ୍ରଶାସନିକ ଅଧିକାରୀ ଓ ସରକାରୀ କର୍ମଚାରୀଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କଲେ ବନ୍ୟା ପୀଡ଼ିତମାନଙ୍କ ନିକଟରେ ଶୀଘ୍ର ସହାୟତା ପହଞ୍ଚିପାରିବ ବୋଲି ସେ ମତ ପ୍ରକାଶ କରିଥିଲେ।ଶ୍ରୀ ରାୟ କହିଥିଲେ, ବର୍ତ୍ତମାନ ସମୟ ଦାବି କିମ୍ବା ବିବାଦ ସୃଷ୍ଟି କରିବାର ନୁହେଁ, ବରଂ ମାନବିକତାର ପରିଚୟ ଦେଇ ବିପନ୍ନ ଲୋକଙ୍କ ପାଖରେ ଠିଆ ହେବାର ସମୟ। ପରବର୍ତ୍ତୀ ସମୟରେ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ପଦ୍ଧତିରେ ଅଭାବ, ଅଭିଯୋଗ ଓ ଦାବି ଉପସ୍ଥାପନ କରାଯାଇପାରିବ। ସେବା ମନୋଭାବ ଓ ସମର୍ପଣ ସହ କାର୍ଯ୍ୟ କଲେ ବନ୍ୟା ପୀଡ଼ିତଙ୍କ ଦୁଃଖ ଲାଘବ ହେବା ସହ ସମାଜରେ ଏକ ସକାରାତ୍ମକ ବାର୍ତ୍ତା ପହଞ୍ଚିବ ବୋଲି ସେ କହିଥିଲେ। ପତିରି ଠାରେ ଅନୁଷ୍ଠିତ ବୈଠକରେ ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ଜିଲା ସଭାପତି ସତ୍ୟ ସାଗର ଜେନା, ମଙ୍ଗଳପୁର ଜୋନ ସଭାପତି ପ୍ରିୟଂଶୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପେନସନ ମେଳା

ବାରିପଦା,୧୮ (ଆନିସ): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି ଙ୍କ ସଭାପତିତ୍ୱରେ ଫେବୃଆରୀ ମାସରେ ଅବସର ଗ୍ରହଣ କରିଥିବା ୨୩ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଥିବା ସମସ୍ତ ସରକାରୀ, ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ଏହି କର୍ମଚାରୀମାନେ ଅବସର ଗ୍ରହଣ କରିଛନ୍ତି ଜିଲ୍ଲାସ୍ତରୀୟ ଏହି ବିଦାୟ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଏଥିରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ସେକ୍ସନ ଅଫିସର ସୁଦୀପ୍ତ କୁମାର ମୌଳିକ୍,ବରିଷ୍ଠ ସହାୟକ ଶକୁନ୍ତଳା ସେଠୀ ଓ ପିନାକୀ ବେରା,କନିଷ୍ଠ ସହାୟକ କ୍ଷେତ୍ର ମୋହନ ବେହେରା ପ୍ରମୁଖଙ୍କ ଉପସ୍ଥିତରେ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସେଠୀ ଅବସର ଗ୍ରହଣ କରୁଥିବା ସମସ୍ତଙ୍କୁ ସମସ୍ତ କାଗଜପତ୍ର ସହ ଉତ୍ତରୀୟ ପ୍ରଦାନ କରିବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏଥିରେ ୯ ଜଣଙ୍କୁ ପୂର୍ଣ୍ଣାଙ୍ଗ ଅବସର କାଳୀନ ପ୍ରାପ୍ୟ ପ୍ରଦାନ କରାଯାଇଥିଲା ।ଏଥିରେ ସାନଖଲାଡ଼ି ସଂସ୍କୃତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାର୍ତ୍ତିକଶ୍ୱର ପଣ୍ଡା, ସରକାରୀ ୟୁଜି ଉଚ୍ଚ ବିଦ୍ୟାଳୟ ଝୁମୁକାକୁଦର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତ, ଏସ.ଏମ ସରକାରୀ ଉଚ୍ଚ ବିଦ୍ୟାଳୟ ଆମ୍ୱଯୋଡ଼ାର ପ୍ରଧାନ ଶିକ୍ଷକ ଅରୁଣ କୁମାର ଶତପଥୀ, ଜୀବନଦ୍ୱୀପ ଉଚ୍ଚ ବିଦ୍ୟାଳୟ ଗାଲୁସାହିର ପ୍ରଧାନ ଶିକ୍ଷକ ତ୍ରିଲୋଚନ ମହାନ୍ତ,ସରକାରୀ ଉଚ୍ଚ ବିଦ୍ୟାଳୟ ଚିତ୍ରଡ଼ାର ପ୍ରଧାନ ଶିକ୍ଷକ ମିନାକ୍ଷୀ ନନ୍ଦୀ,ନୃସିଂହ ଚରଣ ମହାନ୍ତି, ହରି ନାରାୟଣ ଦାସ, ଜୟନ୍ତ କୁମାର ମହାନ୍ତ, ବିନୋଦ ପାଣ୍ଡେ, ବିଜୟ କୁମାର ଦାସ, ଅଶୋକ କୁମାର ପାଲ, ସୂର୍ଯ୍ୟମଣୀ ବେହେରା, ସଂଜିତ କୁମାର ଜେନା, ନନ୍ଦ କିଶୋର ବର୍ଦ୍ଧା, ସୋମନାଥ ସିଂହ, ପ୍ରଭାକର ବେହେରା, ସୋମନାଥ ବେହେରା, ମହେଶ୍ୱର ପୃଷ୍ଟି, ପ୍ରଦୀପ କୁମାର ନାୟକ, ଭଗବାନ ତୁଙ୍ଗ, ଶ୍ରୀପର୍ଣ୍ଣା ସାହୁ,ପଙ୍କଜିନୀ ମହାନ୍ତ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ଜିପିଆର କଲେଜରେ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ

## ଛାତ୍ରୀ ସୁରକ୍ଷା ଓ ସଶକ୍ତିକରଣ ଉପରେ ଗୁରୁତ୍ୱ

କୁଚିଣ୍ଡା, ୧୮ (ଆନିସ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ତହସିଲ ଅନ୍ତର୍ଗତ ପ୍ରତିଷ୍ଠିତ ଗୋକୁଳ-ପାର୍ବତୀ ଗ୍ରାମୀଣ (ଜି.ପି.ଆର.) ମହାବିଦ୍ୟାଳୟ, କୁନ୍ତୁରା ପରିସରରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା ରାଜ୍ୟସ୍ତରୀୟ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କଲେଜ ପରିସରରେ ଛାତ୍ରୀମାନଙ୍କର ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ ଏବଂ ସେମାନଙ୍କୁ ଆତ୍ମରକ୍ଷା କୌଶଳରେ ନିପୁଣ କରି ସଶକ୍ତ କରିବା। ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ କଲେଜର ମହିଳା ଅଭିଯୋଗ ପ୍ରକୋଷ୍ଠ, ଏନ.ଏସ.ଏସ. ଏବଂ ଯୁବ ରେଡ୍‌କ୍ରସ୍ ୟୁନିଟ୍‌ର ମିଳିତ ସହଯୋଗରେ ଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିବା ଶ୍ରୀ ତରୁଣ କୁମାର ପୃଷେଠଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶକ୍ତିଶ୍ରୀ ସାଥି ଭାବରେ କଳା ତୃତୀୟ ବର୍ଷର ଛାତ୍ରୀ ସମ୍ପ୍ରତା ଛତ୍ରିଆ ଓ ଦ୍ୱିତୀୟ ବର୍ଷର ଛାତ୍ରୀ ଲକ୍ଷ୍ମୀ ଓରାମ୍‌ଙ୍କୁ ଚୟନ କରାଯାଇଥିଲା। ସମସ୍ତ ଅଧାପକ-ଅଧାପିକା ଉକ୍ତ ସଭାରେ ଉପସ୍ଥିତ ରହି ସଭାକୁ ସଫଳ କରିଥିଲେ। ଅନ୍ୟାନ୍ୟ ଅଧାପକ ଓ ଅଧାପିକାମାନଙ୍କ ମଧ୍ୟରେ ଦୀପିକା ବେହେରା, ଯୋଗେନ୍ଦ୍ର ମୁଦୁଲି, ଶିବ ଶଙ୍କର ମଲ୍ଲିକ, ରୁଦ୍ରଦତ୍ତ ପଟେଲ, ପୂଜା ବନଛୁର ଓ ରାଜେଶ ମକର ଉପସ୍ଥିତ ଥିଲେ। ଶକ୍ତିଶ୍ରୀ ସଂଯୋଜିକା ଭାବରେ ବର୍ଷା ମୁଦୁଲି ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱଚ୍ଛଳଙ୍କୁ ଆବାସ ଘର, ଗରିବଙ୍କ ପାଇଁ ସାତ ସପନ

**ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ**

ଖପ୍ରାଖୋଲ, ୧୮ (ଆନିସ): ଘର ଖଣ୍ଡିକ ପାଇଁ ତଳୁ ଉପର ମହଲା ଯାଏ ଗୁହାରୀ କରି କରି ନୟାନ୍ତ । ମୌଳିକ ସୁବିଧାରୁ ଆଜି ମଧ ଅନେକ ଗରୀବ ଲୋକ ବଞ୍ଚିତ । ସରକାର ବିକାଶ ନାଁରେ ଡିମ ଡ଼ିମି ପିଟି କୋଟି କୋଟି ଟଙ୍କା ଋଣ ବୋଝ ଲଦିବାରେ ମାହିର । କିନ୍ତୁ ବର୍ଷ ବର୍ଷ ଧରି ସରକାର ଘର ଦେଇ ଆସୁଥିଲେ ବି ମୁଷ୍ଟିମେୟ ଓ ପ୍ରଭାବଶାଳୀ ଘର ପାଉଥିବାରୁ ଗରିବ ଲୋକମାନେ ବଞ୍ଚିତ ହେଉଥିବା ଅଭିଯୋଗ ଆସୁଛି । ସରକାର ପରେ ସରକାର ଟାର୍ଗେଟ ପରେ ଟାର୍ଗେଟ ଆସୁଛି ଯାଉଛି ହେଲେ ବିତୁଛି ଗରୀବ ଲୋକଙ୍କ ଦୟନୀୟ ଜୀବନ । ଲଗାଣ ବର୍ଷାରେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକର ବିଭିନ୍ନ ପଞ୍ଚାୟତ ଧନ ଜୀବନ ବାଧା ପ୍ରାପ୍ତ । ବର୍ଷାରେ ମୁଣ୍ଡ ଗୁଞ୍ଜିବାକୁ କୁଡ଼ିଆ ଘରେ ଆଶୟ ଥିବା ବେଳେ ଘର ଭୁଷୁଡ଼ି ପଡିବାରୁ ମରୁ ମରୁ ବଞ୍ଚିଲେ କିଛି ପରିବାର । ଏମିତି ଭୟଙ୍କର ପରିସ୍ଥିତିରେ ଥାଇ ସୁଦ୍ଧା ଏମାନଙ୍କ ପାଇଁ ପକ୍କା ଘର ଟିଏ ସାତ ସପନ ହୋଇଛି । ଏମିତି ପରିବାରକୁ ବଡ଼ ବାବୁ ମାନେ ଘର ମିଳିବ ବୋଲି କେବଳ ଆଶ୍ୱାସନା ଦେଇଥାନ୍ତି । ବର୍ତ୍ତମାନ ବିଜେପି ସରକାର ଅମଳରେ ପ୍ରଧାନ ମନ୍ତ୍ରୀ ଆବାସ ଘର ପାଇଁ ଅନଲାଇନରେ ସହ ସହ ଲୋକଙ୍କ ନାମ ଥିବାରୁ ଦ୍ୱନ୍ଦ୍ୱରେ ଗରିବ ପରିବାର ।

ଘର ମିଳିବା ଆଶାରେ ଦୁଃଖକୁ ଆପେଣାଇ ଭଙ୍ଗା ଦଦରା ଘରେ ଦିନ ବିତାଉଛନ୍ତି ଯୋଗ୍ୟ ହିତାଧିକାରୀ ମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ବାସଗୃହ ପାଇବା ପାଇଁ ଅନଲାଇନ ଆବେଦନ କରିଥିଲେ । ବ୍ଲକ ପ୍ରଶାସନ ଘର ପାଇଁ ଅନଲାଇନ ଆବେଦନ କରିଥିବା ପ୍ରକୃତ ହିତାଧିକାରୀ ମାନଙ୍କୁ ଚିହ୍ନଟ କରି ଉପରିସ୍ଥ ଅଧିକାରୀଙ୍କୁ ପଠାଇବା କଥା ହେଲେ ତାହା ସଠିକ ଭାବେ କରିନଥିବାରୁ ପ୍ରକୃତ ହିତାଧିକାରୀ ମାନେ ଏଥିରୁ ବଞ୍ଚିତ ରହି ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତି ମାନଙ୍କୁ ଘର ପାଇବା ପାଇଁ ତାଙ୍କର ନାମ ପ୍ରକାଶ ପାଇଥିବା ଜଣା ପଡିଛି । ଏ ବାବଦରେ ଖପ୍ରାଖୋଲ ବିଡିଓ ମହାଶୟଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲା ହେଲେ ମହାଶୟ ଫୋନ ଗ୍ରହଣ କରିନଥିବାରୁ ତାଙ୍କର ପ୍ରତିକ୍ରିୟା ନିଆଯାଇ ପାରିନଥିଲା । ଜଣାଯାଏ, ବିଡିଓ ମହାଶୟ ଦୈନିକ ଆଶା ଖବରକାଗଜ ଖପ୍ରାଖୋଲ ପ୍ରତିନିଧିଙ୍କ ହ୍ୱାଟସଆପ ଓ କଲ ନମ୍ବର କୁ ବ୍ଲକ କରି ରଖିଛନ୍ତି । ଏଥିରୁ ପ୍ରମାଣିତ ହେଉଛି ଦୁର୍ନୀତି ଲୁଚାଇ ଜନସାଧାରଣଙ୍କ ହେଉଥିବା ଅଭିଯୋଗ ଉପରେ କେତେ ଯେ ସମାଧାନ ହେଉଥିବ ସ୍ପଷ୍ଟ ଜଣା ପଡ଼ିଯାଉଛି । ଏଣୁ ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଫୁଲବାଣୀ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଫୁଲବାଣୀ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ବୃକ୍ଷରୋପଣ

ଫୁଲବାଣୀ, ୧୮ (ଆନିସ): ଫୁଲବାଣୀ ସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଆଜି, ଫୁଲବାଣୀ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅନୁଷ୍ଠିତ ଏକ ସଭାରେ ଅନୁଷ୍ଠାନ ର ଛାତ୍ରଛାତ୍ରୀ ମାନଙ୍କୁ ବୃକ୍ଷ ରୋପଣର ଆବଶ୍ୟକତା ବାବଦରେ ଆଲୋକପାତ କରିବା ପାଇଁ, ସମଗ୍ର ପୃଥିବୀ ରେ ୯୭% ଲୁଣି ଜଳ ଏବଂ ମାତ୍ର ୩% ପାନୀୟ ଉପଯୋଗୀ ଜଳ ଥିବା, ଏବଂ ଜଳ ଭାଗ ହିଁ ପୃଥିବୀର ସର୍ବାଧିକ ଅମ୍ଳଜାନ ଯୋଗାଉଛି। ତେଣୁ ଆବଶ୍ୟକ ପରିମାଣର ବର୍ଷା, ପରିବେଶ ସୁରକ୍ଷା ଓ ଅଧିକ ଅମ୍ଳଜାନ ପାଇଁ ଅଧିକ ରୁ ଅଧିକ ବୃକ୍ଷ ର ଆବଶ୍ୟକତା ରହିଛି ତେଣୁ ଆମେ ବୃକ୍ଷ ରୋପଣ ସହିତ ଏହାର ଜତ୍ନ ନେବାର ମଧ ଆବଶ୍ୟକତା ରହିଛି ବୋଲି କହିଥିଲେ।

ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନ ର ଅଧକ୍ଷ ପ୍ରକାଶ ରଞ୍ଜନ ସୋରେନ,ବରିଷ୍ଠ ନାଗରିକ ସଂଘ ର ସଭାପତି ଶ୍ରୀ ପଦ୍ମଚରଣ ସ୍ବାଇଁ, କାର୍ଯ୍ୟକାରୀ ସଭାପତି ନବକିଶୋର ରଥ,ସାଧାରଣ ସମ୍ପାଦକ ଶ୍ରୀ ପ୍ରଣବ କୁମାର ମଣ୍ଡଳ ଏବଂ ବରିଷ୍ଠ ଉପଦେଷ୍ଟାନବୀନ କିଶୋର ପଣ୍ଡା ନିଜ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ର ପ୍ରଶିକ୍ଷକ ନୃସିଂହାନନ୍ଦ ମହାପାତ୍ର ଓ ବରିଷ୍ଠ ନାଗରିକ ସଂଘ ର ସହସମ୍ପାଦକ ଶ୍ରୀ ବଂଶୀଧର ପଣ୍ଡା ପରିଚାଳନା କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ସଂଘ ର ସମସ୍ତ ସଦସ୍ୟ ସଦସ୍ୟା ଓ କର୍ମକର୍ତ୍ତା ଯୋଗ ଦେଇ ସହଯୋଗ କରିବା ସହ ବୃକ୍ଷ ରୋପଣ କରିଥିଲେ। ଅନୁଷ୍ଠାନର ପରିସରରେ ବିଭିନ୍ନ ପ୍ରକାରର ଔଷଧିୟ ବୃକ୍ଷ ସମେତ ଅନ୍ୟାନ୍ୟ ୬୦ଟି ବୃକ୍ଷ ରୋପଣ କରାଯାଇଥିଲା। ଏଥିରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସମେତ ଅବସର ପ୍ରାପ୍ତ ସେନା କର୍ମଚାରୀ ଶ୍ରୀ ପ୍ରକାଶ ଚନ୍ଦ୍ର ଦାସ ଓ ସମାଜସେବୀ ତଥା ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ଅଧକ୍ଷ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ଶିକ୍ଷା କ୍ଷେତ୍ରରେ ସରକାରଙ୍କ ବଡ଼ ଉପହାର

# ନୂତନ ଛାତ୍ରୀନିବାସ ଉଦ୍‌ଘାଟନ ସହ ତିନୋଟି ଛାତ୍ରାବାସରେ ନୂତନ ପ୍ରକଳ୍ପର ଶିଳାନ୍ୟାସ

ସାରସକଣା, ୧୮ (ଆନିସ):ମୟୁରଭଞ୍ଜ ଜିଲ୍ଲା ସାରସକଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାରସକଣା ବ୍ଲକ ଅଧୀନରେ ଥିବା ଚାରିଗୋଟି ଶିକ୍ଷା ଅନୁଷ୍ଠାନରେ ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀ ମାନଙ୍କ କଲ୍ୟାଣ ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଛି ଏକ ବଡ଼ ପଦକ୍ଷେପ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ସାରସକଣା ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାରସକଣା ମାନ୍ୟବର ବିଧାୟକ ଭାଦବ ହାଁସଦାଙ୍କ କରକମଳରେ ଏହି ସବୁ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ସୂଚନା ଅନୁଯାୟୀ, ବୀଣାପାଣି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ପ୍ରାୟ ସାଢେ ତିନି କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୨୦ ଶଯ୍ୟା ବିଶିଷ୍ଟ ଏକ ନୂତନ ଛାତ୍ରୀନିବାସର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ହୋଇଛି।



ଏଠାରେ ରହୁଥିବା ଛାତ୍ରୀମାନଙ୍କ ପାଇଁ ସରକାରଙ୍କ ତରଫରୁ ମାଗଣା ବହି, ପୋଷାକ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି ବୋଲି ବିଧାୟକ ଭାଦବ ହାଁସଦା ମତ ପ୍ରକାଶ କରିଥିଲେ। ଏହା ବ୍ୟତୀତ ସ୍ଥାନୀୟ ଝାରପୋଖରିଆ ଠାରେ ଥିବା ସୀମାନ୍ତ ମହାବିଦ୍ୟାଳୟର ଛାତ୍ରାବାସରେ ଥିବା ଛାତ୍ର ମାନଙ୍କ ନିମନ୍ତେ ପ୍ରାୟ ୨୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏକ ଭୋଜନ କକ୍ଷ ଓ ଅଧ୍ୟୟନ କକ୍ଷର ଶିଳାନ୍ୟାସ କରାଯାଇଛି। ସେହିପରି ଝାରପୋଖରିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୫୦ ଶଯ୍ୟା ବିଶିଷ୍ଟ ନୂତନ ଛାତ୍ରାବାସ ଏବଂ ଜାମଶଳା ଠାରେ ଥିବା ପୁରୁଣାପାଣି ସୀମାନ୍ତ ନୂତନ ସରକାରୀ ପ୍ରାଥମିକ ବିଦ୍ୟାଳୟ ପାଇଁ ୫୦ ଶଯ୍ୟା ବିଶିଷ୍ଟ ନୂତନ ଛାତ୍ରାବାସ ପାଇଁ ପ୍ରାୟ ଦେଢ଼ କୋଟି ଟଙ୍କା ଲେଖାଏଁ ଉଭୟ ଶିକ୍ଷା ଅନୁଷ୍ଠାନରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।ଏହି ପ୍ରକଳ୍ପଗୁଡ଼ିକ ଶିକ୍ଷା ଅନୁଷ୍ଠାନ ଗୁଡିକରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବା ସହିତ ଅଞ୍ଚଳରେ ଶିକ୍ଷାର ବିକାଶ ଓ ସାକ୍ଷରତା ହାର ବୃଦ୍ଧି କରିବାରେ ସହାୟକ ହେବ ବୋଲି ବିଧାୟକ କହିଛନ୍ତି।

# କଣ୍ଟେନର ଟ୍ରକ୍ ଚାଳକ ହତ୍ୟାକାଣ୍ଡ ପର୍ଦ୍ଦାଫାଶ

କେନ୍ଦୁଝର, ୧୮(ଆନିସ): କେନ୍ଦୁଝର ସଦର ପୋଲିସ ବର୍ଷକ ତଳେ ଘଟିଯାଇଥିବା ବହୁ ଚର୍ଚ୍ଚିତ କଣ୍ଟେନର ଟ୍ରକ୍ ଚାଳକ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି. ଏଥିରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ ପୋଲିସ କରିଛି।ସୂଚନା ଅନୁସାରେ ୨୨.୦୪.୨୦୨୫ ରେ ପ୍ରଶାନ୍ତ କୁମାର, ଜିଲ୍ଲା ଗିରିଡିହ, ଝାଡ଼ଖଣ୍ଡଙ୍କ ଲିଖିତ ଏତଲା ଆଧାରରେ କେନ୍ଦୁଝର ପୋଲିସ ସଦର ଥାନା କେସ୍ ନଂ-୧୭୯/୨୦୨୫ ଧାରା ୧୦୩(୧) ବିଏନଏସ୍ ଅନୁଯାୟୀ ମାମଲା ରୁଜୁ କରିଥିଲା। କିନ୍ତୁ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ସମ୍ଭବ ହୋଇନଥିଲା. ଏତେଲାକାରୀଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ବଡ଼ ଭାଇ ଉମେଶ ଯାଦବ ଆଲିଆସ ଉମେଶ ମହତୋ (୪୦) ଜଣେ କଣ୍ଟେନର ଟ୍ରକ୍ ଚାଳକ ଅଟନ୍ତି. କିନ୍ତୁ ସଦର ଥାନା ଅଞ୍ଚଳର ଗୋଟିଏ ସ୍ଥାନରେ ସନ୍ଦେହଜନକ ଅବସ୍ଥାରେ ନିଜ ଗାଡ଼ି ଭିତରେ ମୃତ ଅବସ୍ଥାରେ ଠାବ ହୋଇଛନ୍ତି ।ଏତେଲା ପରେ ପୋଲିସ ଶ ଜବତକରି ଶବ ବ୍ୟବଚ୍ଛେଦ କରାଇଥିଲା. ବ୍ୟବଛେଦ ରିପୋର୍ଟରୁ ଜଣାପଡ଼ିଥିଲା ଯେ, ମୃତକଙ୍କ ମୁଣ୍ଡରେ କଠିନ ଓ ଭାରୀ ବସ୍ତୁରେ କ୍ରାନିଓ-ସେରିବ୍ରାଲ ଆଘାତ ସୃଷ୍ଟି ହୋଇଥିଲା. ଯାହାକି ସାଧାରଣ ଭାବେ ମୃତ୍ୟୁ ଘଟାଇବା ପାଇଁ ପର୍ଯ୍ୟାପ୍ତ ଥିଲା।ପରେ ପୋଲିସ ତଦନ୍ତରୁ ଜଣାପଡ଼ିଥିଲା ଯେ ୧୯.୦୪.୨୦୨୫ ସନ୍ଧ୍ୟାରେ ମୃତକ ଅନୁଗୁଳ ଜିଲ୍ଲା ପାଲଲହଡା ଥାନା ଅଧୀନ କଣ୍ଟାଳା ନିକଟସ୍ଥ ମାଲୁଆ ଢାବାରେ ଖାଇବା ପାଇଁ ଅଟକିଥିଲେ। ଖାଦ୍ୟ ପରିବେଷଣରେ ବିଳମ୍ବକୁ ନେଇ ଢାବା କର୍ମଚାରୀମାନଙ୍କ ସହ ତାଙ୍କର ବଚସା ହୋଇଥିଲା। ପରେ ୩ ଜଣ ଢାବା କର୍ମଚାରୀ ମିଳିତ ଭାବେ ମୃତକଙ୍କୁ ମୁଷ୍ଟିଘାତ ଓ ଶାଳ କାଠ ଦ୍ୱାରା ଆକ୍ରମଣ କରି ଗୁରୁତର ଆହତ କରିଥିଲେ। ଆକ୍ରମଣ ପରେ ମୃତକଙ୍କ ମୋବାଇଲ ଫୋନ୍‌ଟି ମଧ ଜଣେ ଅଭିଯୁକ୍ତ ନିଜ ପାଖରେ ରଖିଦେଇଥିଲେ। ଗୁରୁତର ଆହତ ଅବସ୍ଥାରେ ମୃତକ ନିଜ କଣ୍ଟେନର ଚଳାଇ ସଦର ଥାନା ଅଞ୍ଚଳ ଜାତୀୟ ରାଜପଥ ୪୯ କଡ଼ ଗହ୍ଳା ଢାବା ନିକଟରେ ପହଞ୍ଚି ସେଠାରେ ଥିବା ପାର୍କିଂ କର୍ମଚାରୀଙ୍କୁ ମାଲୁଆ ଢାବାରେ ମାଡ଼ ଖାଇଥିବା କଥା କହିଥିଲେ। ପରଦିନ ସକାଳେ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ସୁଆକାଟି ତେନ୍ତୁଳୀ ପାର୍କିଂ ନିକଟରେ କଣ୍ଟେନର ଭିତରେ ତାଙ୍କର ମୃତ୍ୟୁ ଘଟିଥିଲା।

ପରେ ତଦନ୍ତ ସମୟରେ ବୈଷୟିକ ତଦନ୍ତ ଆଧାରରେ ମୋବାଇଲ ଫୋନ୍‌ଟିକୁ ଟ୍ରେସ୍ କରାଯାଇ ଜଣେ ଅଭିଯୁକ୍ତଙ୍କ ନିକଟରୁ ଉଦ୍ଧାର କରାଯାଇଥିଲା। ତଦନ୍ତରେ ତିନିଜଣ ଅଭିଯୁକ୍ତଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଥିଲା।

## ରାଷ୍ଟ୍ରପତିଙ୍କ ଗଞ୍ଜାମ ଗସ୍ତ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

# ରାଷ୍ଟ୍ରପତିଙ୍କ ଆଗମନ ଜିଲ୍ଲାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ : ଜିଲ୍ଲାପାଳ



ବ୍ରହ୍ମପୁର,୧୮ (ଆନିସ): ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସ ୪ ଓ ୫ ତାରିଖରେ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସୁଥିବା ପରିପ୍ରେକ୍ଷୀରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧକ୍ଷତାରେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ମାନ୍ୟବର ରାଷ୍ଟ୍ରପତିଙ୍କ ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିବା ଠାରୁ ଆରମ୍ଭ କରି ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ସମସ୍ତ ପ୍ରସ୍ତୁତି ଓ ବ୍ୟବସ୍ଥାର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା।

ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ କହିଥିଲେ ଯେ, ମାନ୍ୟବର ରାଷ୍ଟ୍ରପତିଙ୍କ ଗଞ୍ଜାମ ଆଗମନ ଜିଲ୍ଲାବାସୀ ଏବଂ ଜିଲ୍ଲା ପ୍ରଶାସନ ପାଇଁ ଗର୍ବ ଓ ଗୌରବର ବିଷୟ। ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ସମସ୍ତ ପ୍ରସ୍ତୁତି ଜାରି ରହିଥିବା ବେଳେ ଖୁବ୍ ଶୀଘ୍ର ପୂର୍ଣ୍ଣାଙ୍ଗ ରିହର୍ସାଲ ଅନୁଷ୍ଠିତ ହେବ।

ମାନ୍ୟବର ରାଷ୍ଟ୍ରପତି ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଯେଉଁ ରୁଟ୍‌ରେ ଯାତାୟାତ କରିବେ, ସେହି ରାସ୍ତାର ପରିଷ୍କାର–ପରିଚ୍ଛନ୍ନତା, ରାସ୍ତାକଡ଼ ଜବରଦଖଲ ଉଚ୍ଛେଦ, ଅସ୍ଥାୟୀ ଭେଣ୍ଡିଂ ଦୋକାନଗୁଡ଼ିକର ସ୍ଥାନାନ୍ତରଣ ଆଦି ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱ ଦେବା ସହ ଏଥିପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

ମାନ୍ୟବର ରାଷ୍ଟ୍ରପତିଙ୍କ ସହ ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମ୍ଭାବ୍ୟ ଗସ୍ତକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ନେଇ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡା ଶ୍ରବଣା ବିବେକ ଏମ୍. ଏବଂ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ହରିଶ ବିଶି ସୂଚନା ଦେଇଥିଲେ। ଖୁବ୍ ଶୀଘ୍ର ଟ୍ରାଫିକ୍ ଆଡଭାଇଜରୀ ଜାରି କରାଯିବ ବୋଲି ମଧ୍ୟ ସେମାନେ କହିଥିଲେ।

ଜିଲ୍ଲାପାଳ ବିଭିନ୍ନ ବିଭାଗକୁ ନ୍ୟସ୍ତ ଦାୟିତ୍ୱଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମାନ୍ୟବର ରାଷ୍ଟ୍ରପତି ୪ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ୧୦ ମିନିଟ ସମୟରେ ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିବେ। ସେଠାରୁ ତପ୍ତପାଣି ଅଭିମୁଖେ ଯାତ୍ରା କରି ଅପରାହ୍ନ ପ୍ରାୟ ୩ଟା ୧୦ ମିନିଟ ସମୟରେ ମା କନ୍ଧୁଣୀ ଦେବୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବେ। ପୂଜାର୍ଚ୍ଚନା ପରେ ସେ ଆର୍ମି ଏଡି କଲେଜରେ ରାତ୍ରିଯାପନ କରିବେ। ପରଦିନ ପୂର୍ବାହ୍ନ ପ୍ରାୟ ୧୦ଟା ୨୦ ମିନିଟ ସମୟରେ ଟ୍ରେନ୍ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ।

ବୈଠକରେ ରେଳ ଷ୍ଟେସନର ପରିବେଶ ଓ ପରିମଳ ବ୍ୟବସ୍ଥା, ପାରମ୍ପରିକ ଲୋକନୃତ୍ୟ ପରିବେଷଣ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା, ସୁରକ୍ଷା ବ୍ୟବସ୍ଥା, ବ୍ୟାରିକେଡିଂ, ଅସ୍ଥାୟୀ ଓ ସ୍ଥାୟୀ ଶୌଚାଳୟର ସୁବନ୍ଦୋବସ୍ତ, ବ୍ୟାଗେଜ୍ ସ୍ଥାନାନ୍ତରଣ, ଅଫିସିଆଲ ପାସ୍, ଆମ୍ବୁଲାନ୍ସ, ପାର୍କିଂ, ଅଗ୍ନି ନିରାପତ୍ତା, ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ, ନେଟୱର୍କ ସଂଯୋଗ ସୁନିଶ୍ଚିତ କରିବା ଏବଂ ସାମୟିକ ରୋଡ୍ ବ୍ରେକର ଅପସାରଣ ସମେତ ସମସ୍ତ ପ୍ରସଙ୍ଗରେ ସବିଶେଷ ଆଲୋଚନା ହୋଇଥିଲା।

କାର୍କେଡ୍ ବ୍ୟବସ୍ଥା, ମାନ୍ୟବର ରାଜ୍ୟପାଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଇଁ ସ୍ୱତନ୍ତ୍ର କାର୍କେଡ୍, ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ଏବଂ ପାସ୍ ପ୍ରଦାନକୁ ସୀମିତ ରଖିବା ସମ୍ପର୍କରେ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ବୈଠକ ପରେ ଜିଲ୍ଲାପାଳଙ୍କ ସହ ଗଞ୍ଜାମ ଓ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଏବଂ ଅନ୍ୟାନ୍ୟ ଅଧିକାରୀ ବ୍ରହ୍ମପୁର ରେଳ ଷ୍ଟେସନ, ତପ୍ତପାଣି ଓ ଧବଳେଶ୍ୱର ମନ୍ଦିର ପରିଦର୍ଶନ କରି ପ୍ରସ୍ତୁତିର ସମୀକ୍ଷା କରିଥିଲେ। ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ପୁନର୍ବାର ନିର୍ଦ୍ଦେଶ ଦେଇଥିଲେ।

ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ମହାନଗର ନିଗମର ଆୟୁକ୍ତ ଆକବରମ ଏସ ରେଡ୍ଡି, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗଞ୍ଜାମ ବ୍ଲକରେ ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବୀର



ଗଞ୍ଜାମ,୧୮ (ଆନିସ): ଗଞ୍ଜାମ ବ୍ଲକ କନଫରେନ୍ସ ହଲ୍‌ରେ ଶୁକ୍ରବାର ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ଏଡିଏମ୍) ଏସ୍. କେ. କେରକେଟା, ବିଡିଓ ଅଚ୍ୟୁତାନନ୍ଦ ଯାନୀ, ଜିଲା ସାମାଜିକ ସମୀକ୍ଷା ଅଧିକାରୀ ରବୀନ୍ଦ୍ରନାଥ ମଲାଣ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏବିଡିଓ ସୁଶୀଲ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା)ର କାର୍ଯ୍ୟକାରିତା ଉପରେ ପଞ୍ଚାୟତ ପ୍ରତିନିଧିମାନେ ବିଭିନ୍ନ ପ୍ରସଙ୍ଗରେ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରଶ୍ନ କରିଥିଲେ। ପୂର୍ବ ଜନଶୁଣାଣିରେ ଉଠିଥିବା ଅଭିଯୋଗ ଓ ପ୍ରସ୍ତୁତ ଏଜେଣ୍ଡା ଉପରେ ବିସ୍ତୃତ ଉତ୍ତର ରଖିବାକୁ ଜିଲା ପରିଷଦ ସଦସ୍ୟ ସନାତନ ବେହେରା ଦାବି କରିଥିଲେ।

ବ୍ଲକ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ୨୦୨୬–୨୭ ଆର୍ଥିକ ବର୍ଷରେ ମୋଟ ୧,୭୯୪ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଥିଲା। ସେଥିମଧ୍ୟରୁ ୧,୧୪୨ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୬୫୨ଟି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।ପଞ୍ଚାୟତ ସ୍ତରରେ ୭ କୋଟି ୧୯ ଲକ୍ଷ ଟଙ୍କା ଏବଂ ବ୍ଲକ ସ୍ତରରେ ୭ କୋଟି ୩୮ ଲକ୍ଷ ଟଙ୍କା, ଅର୍ଥାତ୍ ମୋଟ ୧୪ କୋଟିରୁ ଅଧିକ ଟଙ୍କା ବିଭିନ୍ନ ପ୍ରକଳ୍ପରେ ବ୍ୟୟ କରାଯାଇଥିବା ସୂଚନା ଦିଆଯାଇଥିଲା।

ଗଞ୍ଜାମ ବ୍ଲକର ୧୫ଟି ପଞ୍ଚାୟତରେ ମୋଟ ୧୭,୯୫୮ ଜଣ ଶ୍ରମିକ ପଞ୍ଜୀକୃତ ହୋଇଥିବା ବେଳେ ୯,୪୪୫ ଜଣ କାମ ପାଇଁ ଆବେଦନ କରିଥିଲେ ଏବଂ ସମସ୍ତଙ୍କୁ କାମ ଯୋଗାଇ ଦିଆଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ସେହିପରି ୪୨୪ ଜଣ ଶ୍ରମିକ ୧୦୦ ଦିନର କାମ ସମ୍ପୂର୍ଣ୍ଣ କରିଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ମୋଟ ୪,୧୧,୦୭୫ ଶ୍ରମଦିବସ ସୃଷ୍ଟି କରାଯାଇଛି।

# ରଷିକୂଲ୍ୟା ରୟତ ମହାସଭା ପକ୍ଷରୁ ବିଡ଼ିଓ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ



ପୋଲସରା,୧୮ (ଆନିସ): ରଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଶନିବାର ବିଡ଼ିଓ ଶଶିଭୂଷଣ ମହାପାତ୍ର ଓ ତହସିଲଦାର ଦିପ୍ତିରାଣୀ ମହାପାତ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ପୋଲସରା ଅଞ୍ଚଳ ରେ ଚାଷ କାର୍ଯ୍ୟ ଆରମ୍ଭ ହେବା ସହ କିଛି ସ୍ଥାନରେ ଶେଷ ପର୍ଯ୍ୟାୟ ରେ ପହଂଚିଲାଣି। ଚାଷୀଙ୍କ ଲାଗି ସାର ସମସ୍ୟା ଦେଖାଦେଇଛି। ଯଦିବା ସାର ମିଳୁଛି ସାର ଦୋକାନୀ ବା ପ୍ରାଇଭେଟ ଡିଲର ମାନେ ଚଡା ଡରରେ ବିକ୍ରି କରୁଛନ୍ତି। ପ୍ରକାଶ ଥାଉକି ୟୁରିଆ ସାର ସରକାରୀ ସ୍ତରରେ ୪୫ କିଗ୍ରା ପ୍ରତି ଦର ଟ.୨୬୬. ୫୦ ପ ରହିଥିବା ବେଳେ ବାହାର ବଜାରରେ ୬୫୦ ରୁ ୭୦୦ ଟଙ୍କା ରେ ବିକ୍ରି କରାଯାଉଛି। ଚାଷୀ ମୁଣ୍ଡରେ ହାଟଦେଇ ବସୁଛି। ସାର ସେବା ସମବାୟ ସମିତି ଯୋଗାଇବା ଲାଗି ବ୍ୟବସ୍ଥା ଥିଲେ ମଧ୍ୟ ଚାଷ କାର୍ଯ୍ୟ ଆରମ୍ଭ ହେଲାଣି ତଥାପି ଏ ପର୍ଯ୍ୟନ୍ତ ୟୁରିଆ ସାର ସୋସାଇଟି ରେ ମିଳିନାହିଁ। ଚାଷୀ ବାଧ୍ୟ ହୋଇ ବାହାର ବଜାରରୁ ଚଢ଼ା ଦରରେ କିଣିବାକୁ ବାଧ୍ୟ ହେଉଛି। ସାର ର କଳାବଜାରୀ ରୋକିବା ସହ ଚାଷୀଙ୍କୁ ସାରର ସୁଷମ ବଣ୍ଟନ ଲାଗି ଶନିବାର ରଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ସୋସାଇଟି ରେ ସମସ୍ତ ଚାଷୀଙ୍କୁ ସାର ଦେବାପାଇଁ ଦାବିପତ୍ର ରେ ମଧ୍ୟ ଉଲ୍ଲେଖ ରହିଛି।ସାର ସରକାରଙ୍କ ନିୟମ ପ୍ରକାରେ ବଣ୍ଟନ କରାଯିବ। ଏବଂ କୌଣସି ଚାଷୀ ଯେଭଳି ବଢ଼ ନପଡ଼ନ୍ତି ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ବିଡ଼ିଓ ଶଶିଭୂଷଣ ମହାପାତ୍ର,, ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ସାହୁ କହିଥିଲେ। ଏବଂ ଚଢ଼ା ଦରରେ ଯେଉଁମାନେ ବିକ୍ରି କରୁଛନ୍ତି ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।ଦାବିପତ୍ର ପ୍ରଦାନ ସମୟରେ ରଷିକୂଲ୍ୟା ରୟତ ମହାସଭା ପୋଲସରା ଶାଖା ର ଆବାହକ ହୀନ ସ୍ୱାଇଁ, ଶିବ ପ୍ରସାଦ ସାହୁ, ଉପଦେଷ୍ଟା ନାରାୟଣ ପ୍ରଧାନ, ସଂଯୋଜକ ପ୍ରମୋଦ କୁମାର ରଥ, ଦୁଃଖିଶ୍ୟାମ ପ୍ରଧାନ, ଶଙ୍କର ଡାକୁଆ, ପ୍ରଦୀପ ଦାସ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ବାସ ଭବନ ସମ୍ମୁଖ ଗୁରୁପ୍ରିୟା ବାଳିକା ଛାତ୍ରାବାସରେ ଅବ୍ୟବସ୍ଥା

## ଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ, ମଙ୍ଗଳ ବିଭାଗର କାର୍ଯ୍ୟଶୈଳୀ ସନ୍ଦେହ ଘେରରେ




ମାଲକାନଗିରି,୧୮ (ଆନିସ): ଜିଲ୍ଲାପାଳଙ୍କ ବାସ ଭବନ ସମ୍ମୁଖରେ ଥିବା ଗୁରୁପ୍ରିୟା ବାଳିକା ଛାତ୍ରାବାସରେ ଗତ ତିନି ଦିନ ଧରି ପ୍ରଶାସନିକ ଅବ୍ୟବସ୍ଥା ଚାଲିଥିବା ଅଭିଯୋଗ ସାମ୍ନାକୁ ଆସିଛି। ଛାତ୍ରାବାସର ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ପ୍ରସୂତି ଛୁଟିରେ ଥିବାବେଳେ ତାଙ୍କ ସ୍ଥାନରେ ଅନ୍ୟ କୌଣସି ଦାୟିତ୍ୱପ୍ରାପ୍ତ ଅଧିକାରୀଙ୍କୁ ନିୟମାନୁସାରେ ଚାର୍ଜ ଦିଆଯାଇନଥିବାରୁ ପ୍ରାୟ ୨୦୦ ଜଣ କୋମଳମତି ଛାତ୍ରୀଙ୍କ ସୁରକ୍ଷା, ପରିଚାଳନା ଓ ଦୈନନ୍ଦିନ ବ୍ୟବସ୍ଥାକୁ ନେଇ ଉଦ୍‌ବେଗ ସୃଷ୍ଟି ହୋଇଛି।

ଅଭିଯୋଗ ଅନୁଯାୟୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ପାଖରେ ମଧ୍ୟ ଏହି ବିଷୟରେ ସ୍ପଷ୍ଟ ସୂଚନା ନଥିଲା। ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିବା ପରେ ପ୍ରତିଥର ଆପଣଙ୍କ ମାଧ୍ୟମରେ ବିଷୟଟି ଜାଣିଲୁ, ତୁରନ୍ତ ପଦକ୍ଷେପ ନେବୁ ବୋଲି ଉତ୍ତର ମିଳୁଥିବା କୁହାଯାଉଛି। ଏହାକୁ ନେଇ ବିଭାଗୀୟ ତଦାରଖ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି।

ବର୍ତ୍ତମାନର ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ ନୂତନ ଭାବେ ବ୍ଲକରେ ଯୋଗଦେଇଥିବାରୁ ଏହି ଛାତ୍ରାବାସ ସମ୍ପର୍କରେ ଅବଗତ ନଥିବା କହିଥିବାବେଳେ, ଅଭିଯୋଗ ହେଉଛି ଯେ ପ୍ରସୂତି ଛୁଟିରେ ଥିବା ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଛାତ୍ରାବାସର ବିଭିନ୍ନ ବ୍ୟବସ୍ଥା ବୁଝୁଛନ୍ତି ଏବଂ ନାମକୁ ମାତ୍ର ଜଣେ ମେଟ୍ରନ ଙ୍କୁ ଚାର୍ଜ ଦିଆଯାଇଥିବା କୁହାଯାଉଛି।

ଆହୁରି ଅଭିଯୋଗ ହେଉଛି ଯେ, ପ୍ରସୂତି ଛୁଟିରେ ଯିବା ପୂର୍ବରୁ ଉପରିସ୍ଥ ଅଧିକାରୀଙ୍କୁ ଯଥାବିଧି ସୂଚନା ଦିଆଯାଇନଥିଲା ଏବଂ ନିୟମାନୁସାରେ ବିକଳ୍ପ ଦାୟିତ୍ୱ ହସ୍ତାନ୍ତର ମଧ୍ୟ କରାଯାଇନଥିଲା। ଏହା ଯଦି ଜିଲ୍ଲା ସଦରରେ ଥିବା ଏକ ଛାତ୍ରାବାସର ସ୍ଥିତି, ତେବେ ଚିତ୍ରକୋଣ୍ଡା, ମାଥିଲି, ମହୁପଦର, ଗୋବିନ୍ଦପାଲି ଭଳି ଦୁର୍ଗମ ଅଞ୍ଚଳର ଛାତ୍ରାବାସ ଓ ବିଦ୍ୟାଳୟଗୁଡ଼ିକର ସ୍ଥିତି କିପରି ଥିବ, ତାହା ସହଜରେ ଅନୁମାନ କରାଯାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହିପରି ସମସ୍ୟା ନେଇ ପ୍ରତିଦିନ ଖବର ପ୍ରକାଶ ପାଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ କାର୍ଯ୍ୟାନୁଷ୍ଠାନ ପାଇଁ ବାରମ୍ବାର ସମ୍ପର୍କ କରିବାକୁ ପଡୁଥିବା ମଧ୍ୟ ଅଭିଯୋଗ ହେଉଛି।

ଅଭିଯୋଗକାରୀମାନଙ୍କ ଦାବି ହେଉଛି, ସମ୍ପୃକ୍ତ ବିଭାଗର ଅଧିକାରୀ ଓ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରି ନିରପେକ୍ଷ ତଦନ୍ତ କରାଗଲେ ଆହୁରି ଅନେକ ତଥ୍ୟ ସାମ୍ନାକୁ ଆସିପାରେ। ଏକ ପରିବାରକୁ କେନ୍ଦ୍ର କରି ପରିଚାଳନା ଚାଲୁଥିବା ଏବଂ ଉପରିସ୍ଥ ଅଧିକାରୀଙ୍କ ଅଗୋଚରରେ ବିଭିନ୍ନ କାର୍ଯ୍ୟ ହୋଇଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। କିଛି ଲୋକ ଏପରି ଅନିୟମିତତା ମାଧ୍ୟମରେ ପ୍ରଶାସନ, ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କ କ୍ଷତି ହେଉଥିବା ଦାବି କରିଛନ୍ତି।

ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରକୃତ ସତ୍ୟ ପଦାକୁ ଆସିବ, ଦୋଷୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବା ଏବଂ ଛାତ୍ରୀମାନଙ୍କ ସୁରକ୍ଷା ଓ ହିତକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

# ରକ୍ତ ଭଣ୍ଡାରରେ ରକ୍ତ ଅଭାବ, ଦୁଇ ବର୍ଷରେ କମିଛି ପ୍ରାୟ ୬୦% ରକ୍ତଦାନ ଶିବିର

ବୁଗୁଡ଼ା, ୧୮ (ଆନିସ):ଓଡିଶାର ରକ୍ତ ଭଣ୍ଡାରରେ ବର୍ତ୍ତମାନ ରକ୍ତର ଅଭାବ ଦେଖାଦେଇଛି। ଦୁଇ ବର୍ଷରେ ପ୍ରାୟ ୬୦ ପ୍ରତିଶତ ରକ୍ତଦାନ ଶିବିର କମିଥିବା ବେଳେ ଭବିଷ୍ୟତରେ ରକ୍ତ ଅଭାବ ଉତ୍କଟ ସମସ୍ୟା ସୃଷ୍ଟି କରିପାରେ ବୋଲି ଓଡିଶା ରକ୍ତଦାତା ମହାସଂଘ ସଭାପତି ଅକ୍ଷୟ କୁମାର ରାଉତ ପ୍ରକାଶ କରିଛନ୍ତି।ରାଜ୍ୟ ସରକାରଙ୍କ ୫୬ଟି ରକ୍ତ ଭଣ୍ଡାର ସହ ରେଡ କ୍ରସ୍? ର ଦୁଇଟି ରକ୍ତ ଭଣ୍ଡାର ଓ ଏଏମସ ଗୋଟିଏ ରକ୍ତ ଭଣ୍ଡାରକୁ ମିଶାଇ ମୋଟ ୫୯ ଟି ବ୍ଲଡ ବ୍ୟାଙ୍କ୍? ଆମ ରାଜ୍ୟରେ ଅବସ୍ଥିତ। ରାଜ୍ୟରେ ଥାଲାସେମିଆ ରୋଗୀ, କର୍କଟ ରୋଗୀ, ଦୁର୍ଘଟଣା ଓ ବିଭିନ୍ନ ଅସ୍ତ୍ରୋପଚାର ପାଇଁ ବାର୍ଷିକ ପ୍ରାୟ ଛଅ ଲକ୍ଷ ୟୁନିଟ୍? ରକ୍ତର ଆବଶ୍ୟକତା ପଡ଼ିଥାଏ। ପୂର୍ବ ସରକାରଙ୍କ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ବର୍ଷକୁ ପ୍ରାୟ ତିନି ଲକ୍ଷ ରୁ ଚାରି ଲକ୍ଷ ୟୁନିଟ୍? ପର୍ଯ୍ୟନ୍ତ ରକ୍ତ ସଂଗୃହୀତ ହେଉଥିବା ବେଳେ ବିଭିନ୍ନ ସଂଗଠନ ଦ୍ୱାରା ଅବଶିଷ୍ଟ ରକ୍ତ ସଂଗୃହୀତ ହେଉଥିଲା। ୧୦୦ ୟୁନିଟ୍? ସଂଗୃହୀତ ରକ୍ତ ମଧ୍ୟରେ ପ୍ରାୟ ୪୫ ୟୁନିଟ୍? ରକ୍ତ ଓ ପଜିଟିଭ ଗ୍ରୁପ ହୋଇଥିବା ବେଳେ ଅବଶିଷ୍ଟ ଅନ୍ୟ ସମସ୍ତ ରକ୍ତ ଗ୍ରୁପର ହୋଇଥାଏ। ବିଡ଼ମ୍ବନାର ବିଷୟ ବର୍ତ୍ତମାନ ରାଜ୍ୟର ବିଭିନ୍ନ ରକ୍ତ ଭଣ୍ଡାରରେ ଓ ପଜିଟିଭ ଗ୍ରୁପର ରକ୍ତ ମଧ୍ୟ ଅଭାବ ଦେଖା ଦେଇଛି। ବର୍ତ୍ତମାନର ସରକାର ରକ୍ତଦାନ ଶିବିର ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରୁନଥିବା ଯୋଗୁଁ ଦୁଇ ବର୍ଷରେ ପ୍ରାୟ ୬୦% ରକ୍ତଦାନ ଶିବିର କମିଥିବା ଶ୍ରୀ ରାଉତ ଅଭିଯୋଗ କରିଛନ୍ତି। ଏପରିକି ରକ୍ତଦାନ ଶିବିରର ସଚେତନତା ପାଇଁ ପ୍ରଚାର ପତ୍ର ମଧ୍ୟ ମିଳିପାରୁନାହିଁ। ରାଜ୍ୟ ସରକାର ରକ୍ତଦାନ ଶିବିର ପାଇଁ ବିଭିନ୍ନ ସଂଗଠନ ଗୁଡ଼ିକୁ ଉତ୍ସାହିତ କରି ରକ୍ତ ସଂଗ୍ରହ ପାଇଁ ପଦକ୍ଷେପ ଗ୍ରହଣ ନକରନ୍ତି ତେବେ ଭବିଷ୍ୟତରେ ରକ୍ତର ଅଭାବ ପାଇଁ ବହୁ ମୂଲ୍ୟବାନ ଜୀବନ ଚାଲିଯିବାର ସମ୍ଭାବନାକୁ ଏଡ଼ାଇ ଦେଇପାରିବା ନାହିଁ ବୋଲି ରକ୍ତଦାତା ମହାସଂଘର ସଭାପତି ଶ୍ରୀ ରାଉତ ପ୍ରକାଶ କରିଛନ୍ତି।

# ସାତନଳ ନିକଟସ୍ଥ ରାଜ୍ୟ ରାଜପଥରେ ମର୍ମନ୍ତୁଦ ସଡକ ଦୁର୍ଘଟଣା: ଜଣେ ମୃତ, ୨ ଆହତ

କୋଦଳା,୧୮ (ଆନିସ): ଭାରସାମ୍ୟ ହରାଇ ରାସ୍ତା କଡ଼ରେ ପିଟି ହୋଇଗଲା ସ୍କୁଟି। ଘଟଣା ସ୍ଥଳରେ ଜଣକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଆହତ ହୋଇଥିବା ଜଣାପଡିଛି।ମୃତକ ଜଣକ ହେଉଛନ୍ତି କୋଦଳା ଥାନା ଚାକୁଣ୍ଡା ଝୋଲା ଗ୍ରାମର ୨୫ ବର୍ଷୀୟ କାଳୁ ଜାନି। ଆହତ ମାନେ ହେଲେ ସେହି ଗ୍ରାମର ୫୭ ବର୍ଷୀୟ ସୁରେନ୍ଦ୍ର ଜାନି ଓ ୨୫ ବର୍ଷୀୟ ନବଘନ ଜାନି। ଏହି ୩ ଜଣ ବୁଢ଼ାମ୍ବ ଠାରୁ କୋଦଳା ଅଭିମୁଖେ ଆସୁଥିବା ବେଳେ ସାତନଳ ନିକଟସ୍ଥ ରାଜ୍ୟ ରାଜପଥରେ ଭାରସାମ୍ୟ ହରାଇ ସ୍କୁଟି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ସମସ୍ତଙ୍କୁ ସ୍ଥାନୀୟ ଲୋକେ ଉଧାର କରି କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ।ସେଠାରେ ଡାକ୍ତର କାଳୁ ଜାନିଙ୍କୁ ମୃତ ଘୋଷଣା କରିଛନ୍ତି। କୋଦଳା ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସାତନଳ ଗ୍ରାମରେ ଏନେଇ ଶୋକର ଛାୟା ଖେଳିଯାଇଛି।ପୋଲିସ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ କରୁଥିବା ବେଳେ ମୃତ ପରିବାର ଅତି ଗରିବ ପରିବାରର ହୋଇଥିବାରୁ ସରକାରୀ ସହାୟତା ନିମନ୍ତେ ଦାବି ହୋଇଛି।

# ପିତୃମାତୃହୀନ ଓ ଏକକ ଅଭିଭାବକ ଶିଶୁଙ୍କ ପାଇଁ କୋରାପୁଟ ଜିଲ୍ଲା ରେ ସ୍ୱତନ୍ତ୍ର କ୍ୟାମ୍ପ

ଜୟପୁର,୧୮ (ଆନିସ): କୋରାପୁଟ ଜିଲ୍ଲାର ପିତୃମାତୃହୀନ ଏବଂ ଏକକ ଅଭିଭାବକ ଥିବା ଶିଶୁଙ୍କ ସୁରକ୍ଷା ଓ ଉପଯୁକ୍ତ ଥଇଥାନ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁନାବେଡା ବ୍ଲକର ମିଶନଶକ୍ତି ଗୃହ ପରିସରରେ ଏକ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ କରାଯାଇଛି।କୋରାପୁଟ ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟବାନ ମହାଜନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କ୍ୟାମ୍ପରେ ସୁରକ୍ଷା ଓ ଯତ୍ନ ଆବଶ୍ୟକ କରୁଥିବା ମୋଟ ୨୧୨ ଜଣ ଶିଶୁଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନ କରାଯାଇଥିଲା। ଶିଶୁ ମଙ୍ଗଳ ସମିତିର ତଦନ୍ତ ପ୍ରକ୍ରିୟା ସମାପ୍ତ ହେବା ପରେ ଯୋଗ୍ୟ ଶିଶୁମାନଙ୍କୁ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାରେ ସାମିଲ କରାଯିବ। ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତ ସହ ଯୋଡ଼ି ସର୍ବାଙ୍ଗୀନ ବିକାଶ ସୁନିଶ୍ଚିତ କରିବା ଏହି କ୍ୟାମ୍ପର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। କୋରାପୁଟ ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ସୁନାବେଡା ଆଇସିଡିଏସ୍?ର ମିଳିତ ଆନୁକୂଲ୍ୟରେ ଏହି କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ଡା. ଗାୟତ୍ରୀ ଦେବୀଙ୍କ ସହ ସଦସ୍ୟା ସୁରେଶ କୁମାର ହୋତା ଉପସ୍ଥିତ ରହି ଶିଶୁମାନଙ୍କ ଉପସ୍ଥାପନା ଗ୍ରହଣ କରିଥିଲେ। ଏଥିସହ ଆଇସିଡିଏସ୍? ସୁପରଭାଇଜର, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଚାଇଲ୍ଡ ହେଲ୍ପଲାଇନ୍?ର କର୍ମକର୍ତ୍ତା ଏବଂ ଅଙ୍ଗନବାଡ଼ି କର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଖବର ପ୍ରକାଶ ପରେ ଚେତିଲେ ପ୍ରଶାସନ

# ସିନାରୀଙ୍କ ପରିବାରକୁ ମିଳିଲା ଆଶ୍ରୟ ଓ ୨୫ କିଲୋ ଚାଉଳ



ମୁନିଗୁଡା, ୧୮(ଆନିସ) ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଇଚ୍ଛାପୁର ପଞ୍ଚାୟତ ପୁରୁଣାପାଣି ଗାଁରେ ଲଗାଣ ବର୍ଷାରେ ଭାଙ୍ଗିପଡ଼ିଥିବା କୁଡ଼ିଆ ଘର ଘଟଣାରେ ଶେଷରେ ପ୍ରଶାସନ ପହଞ୍ଚିଛି। ଘର ଭୁଶୁଡ଼ି ପଡ଼ିବା ପରେ ଦୁଇ ଦିନ ଧରି ଦୁଇ ଶିଶୁଙ୍କ ସହ ଚାରି ପ୍ରାଣୀ କୁଟୁମ୍ବ ଖୋଲା ଆକାଶ ତଳେ ଅସହାୟ ଅବସ୍ଥାରେ ଦିନ କାଟୁଥିବା ଘଟଣା ଗଣମାଧ୍ୟମରେ ପ୍ରସାରିତ ହେବା ପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି।ପୁରୁଣାପାଣି ଗାଁର ସିନାରୀ ଶିକକା ଦୀର୍ଘ ବର୍ଷ ଧରି ଜରିପାଲ ଢଙ୍କା ମାଟି କାନ୍ଥର ଏକ କୁଡ଼ିଆ ଘରେ ପରିବାର ସହ ବସବାସ କରୁଥିଲେ। ଲଗାତାର ବର୍ଷାରେ କାନ୍ଥ ଭୁଶୁଡ଼ି ପଡ଼ିବା ବେଳେ ଘର ଭିତରେ ଥିବା ଦୁଇ ଶିଶୁ କାନ୍ଥ ତଳେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ତତ୍ପରତା ଯୋଗୁ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ହେଲେ ଘର ଭାଙ୍ଗିଯିବା ପରେ ପରିବାରଟି ଦୁଇ ଦିନ ଧରି ବର୍ଷା ମଧ୍ୟରେ ଖୋଲା ଆକାଶ ତଳେ ରହିବାକୁ ବାଧ୍ୟ ହୋଇଥିଲା।ଶନିବାର ସକାଳେ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ ସୁନାମଣି ମିଶ୍ର ମାନବିକତାର ପରିଚୟ ଦେଇ ପରିବାରଟିକୁ ଅଙ୍ଗନବାଡ଼ି କେନ୍ଦ୍ର ବାରାଣ୍ଡାରେ ଅସ୍ଥାୟୀ ଆଶ୍ରୟ ଦେବା ସହ ରନ୍ଧା ଖାଦ୍ୟ ଯୋଗାଇଥିଲେ। ପରେ ଇଚ୍ଛାପୁର ପଞ୍ଚାୟତର ନିର୍ବାହୀ ଅଧିକାରୀ ମନୋରଞ୍ଜନ ବେହେରା ଘଟଣାସ୍ଥଳରେ ପହଞ୍ଚି ସିନାରୀ ଶିକକାଙ୍କ ପରିବାରକୁ ଗ୍ରାମର ଏକ ଗୋଦାମ ଗୃହକୁ ସ୍ଥାନାନ୍ତର କରାଇବା ସହ ପ୍ରାଥମିକ ସହାୟତା ଭାବେ ୨୫ କିଲୋ ଚାଉଳ ପ୍ରଦାନ କରିଥିଲେ।

ତେବେ କେବଳ ଅସ୍ଥାୟୀ ସହାୟତାରେ ସମସ୍ୟାର ସମାଧାନ ହେବ ନାହିଁ ବୋଲି ସ୍ଥାନୀୟ ଯୁବ ନେତା ଧୀରେନ୍ଦ୍ର ପାଣିଗ୍ରାହୀ,ସାଂସଦ ପ୍ରତିନିଧି ରଜନୀ କାନ୍ତ ପୋଡ଼ାଲ,ଜଗନ୍ନାଥ ପ୍ରସାଦ, ବରିଷ୍ଠ ସାମ୍ବାଦିକ ଆନନ୍ଦ ଟାକ୍ରୀ,ଗ୍ରାମବାସୀ ଅର୍ଜୁନ ସୁନା,ପୁଞ୍ଜି ସିଡିଆ,ସୁଲୋଚନା ସୁନା,ୱାର୍ଡ ମେମ୍ବର ରାଂଦୁଲି କଟିମ ପ୍ରମୁଖ ମତ ପ୍ରକାଶ କରିଛନ୍ତି। ବର୍ଷାରେ ସବୁକିଛି ହରାଇଥିବା ଏହି ଆଦିବାସୀ ପରିବାରକୁ ସ୍ଥାୟୀ ଘର, ସରକାରୀ ଆବାସ ଯୋଜନାରେ ସାମିଲ କରିବା ସହ ଆବଶ୍ୟକ ରିଲିଫ୍ ସହାୟତା ଯୋଗାଇବାକୁ ଦାବି ଜୋର ଧରିଛି।

# ମାଲକାନଗିରିରେ ସରକାରୀ ଯୋଜନାର ସମୀକ୍ଷା କଲେ ଜିଲ୍ଲା ପର୍ଯ୍ୟବେକ୍ଷକ ଏନ୍. ତିରୁମାଲା ନାୟକ



ମାଲକାନଗିରି, ୧୮ (ଆନିସ): ଜିଲ୍ଲାରେ ସରକାରୀ ଯୋଜନାଗୁଡ଼ିକର ସଫଳ କାର୍ଯ୍ୟକାରିତା ଏବଂ ସାଧାରଣ ଲୋକଙ୍କ ପାଖରେ ମୌଳିକ ସେବା ପହଞ୍ଚାଇବା ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି ରାଜ୍ୟ ସରକାରଙ୍କ ବରିଷ୍ଠ ଆଇଏଏସ ଅଧିକାରୀ ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଏନ୍. ତିରୁମାଲା ନାୟକ। ନିଜର ଏହି ଦୁଇ ଦିନିଆ ଗସ୍ତ ଅବସରରେ ସେ ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳ ବୁଲି ଦେଖିବା ସହିତ ବିଭିନ୍ନ ପ୍ରଶାସନିକ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଏବଂ ବିକାଶମୂଳକ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଉପରେ ଏକ ବିସ୍ତୃତ ଏବଂ ଉଚ୍ଚ ସ୍ତରୀୟ ସମୀକ୍ଷା କରିଛନ୍ତି। ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ରହୁଥିବା ଜନସାଧାରଣଙ୍କ ପାଖରେ ସରକାରଙ୍କ ସମସ୍ତ ସୁବିଧା ସୁରୁଖୁରୁରେ ପହଞ୍ଚୁଛି କି ନାହିଁ, ତାହା ପରଖିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଜିଲ୍ଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର କ୍ଷେତ୍ର ସ୍ଥିତି ଏବଂ ସେବା ପ୍ରଦାନ ପ୍ରକ୍ରିୟାର ସଠିକ୍ ଅନୁଧ୍ୟାନ କରିବା ପାଇଁ ଶ୍ରୀ ନାୟକ ନିଜେ ଏହି ପରିଦର୍ଶନରେ ବାହାରିଥିଲେ। ପ୍ରଥମେ ସେ କିଛି ସରକାରୀ ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ହଠାତ୍ ଗସ୍ତ କରି ସେଠାରେ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା ଶୈଳୀ, ଉପଲବ୍ଧ ଥିବା ଶିକ୍ଷାଗତ ଭିତ୍ତିଭୂମି ଏବଂ କୋମଳମତି ଶିଶୁ ତଥା ଗର୍ଭବତୀ ମହିଳାମାନଙ୍କୁ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ଓ ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା ତଦାରଖ କରିଥିଲେ। ଏହାପରେ ସେ ଗ୍ରାମାଞ୍ଚଳରେ ସାଧାରଣ ବଣ୍ଟନ ପ୍ରଣାଳୀ କେନ୍ଦ୍ରଗୁଡ଼ିକୁ ଯାଇ ହିତାଧିକାରୀମାନେ ନିୟମିତ ଭାବେ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ପାଉଛନ୍ତି କି ନାହିଁ ସେ ନେଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ଗ୍ରାମାଞ୍ଚଳରେ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ କାର୍ଯ୍ୟକାରୀ ହେଉଥିବା ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ସ୍ଥିତି ମଧ୍ୟ ସେ ନିଜେ ଯାଞ୍ଚ କରିଥିଲେ। ଗସ୍ତର ଶେଷ ଭାଗରେ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ସେଠାରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ମିଳୁଥିବା ସ୍ୱାସ୍ଥ୍ୟ ସେବା, ମାଗଣା ଔଷଧ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଚିକିତ୍ସା ସୁବିଧାର ସମୀକ୍ଷା କରିବା ସହ ରୋଗୀମାନଙ୍କ ସହ ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ।

ଏହି କ୍ଷେତ୍ର ଅନୁଧ୍ୟାନ ଓ ପରିଦର୍ଶନ ସମୟରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ବିଭାଗୀୟ ସଚିବ ଶ୍ରୀ ନାୟକ କହିଛନ୍ତି, ସାଧାରଣ ଗରିବ ଲୋକଙ୍କ ପାଖରେ ସରକାରୀ ସୁବିଧା ଏବଂ ମୌଳିକ ସେବା ସଠିକ୍ ଭାବେ ପହଞ୍ଚିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ। ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ଓ ବିକାଶମୂଳକ କାର୍ଯ୍ୟରେ କୌଣସି ପ୍ରକାରର ତ୍ରୁଟି, ଅବହେଳା ରହିଯାଉଛି କି ନାହିଁ, ସେ ନେଇ ଆମେ ସତର୍କତାର ସହ ଅନୁଧ୍ୟାନ କରୁଛୁ। ଏହି କ୍ଷେତ୍ର ପରିଦର୍ଶନରୁ ମିଳିଥିବା ତଥ୍ୟ ଆଧାରରେ ଖୁବଶୀଘ୍ର ରାଜ୍ୟ ସରକାରଙ୍କୁ ଏକ ଜରୁରୀ ପ୍ରସ୍ତାବ ଏବଂ ବିସ୍ତୃତ ରିପୋର୍ଟ ପ୍ରଦାନ କରାଯିବ। ଗ୍ରାମାଞ୍ଚଳର ଶେଷ ଧାଡ଼ିରେ ଥିବା ଅତି ସାଧାରଣ ବ୍ୟକ୍ତିଙ୍କ ପାଖରେ ଯେପରି ସରକାରୀ ଯୋଜନାର ସୁଫଳ ଶତପ୍ରତିଶତ ପହଞ୍ଚିପାରିବ, ତାହା ହିଁ ଆମ ପ୍ରଶାସନର ମୁଖ୍ୟ ଲକ୍ଷ୍ୟ। ସରକାରୀ ସେବା ପ୍ରଦାନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସୁଦୃଢ଼ କରିବା ପାଇଁ ପ୍ରଶାସନିକ ସ୍ତରରେ ତଦାରଖ ବ୍ୟବସ୍ଥାକୁ ଆଗାମୀ ଦିନରେ ଆହୁରି କଡ଼ାକଡ଼ି କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିଭିନ୍ନ ସରକାରୀ ବିଭାଗର ମୁଖ୍ୟମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସଚିବ ଶ୍ରୀ ନାୟକଙ୍କ ସମେତ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ ଏବଂ ଉପ–ଜିଲ୍ଲାପାଳ ଦୂର୍ଯ୍ୟୋଧନ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ଜିଲ୍ଲାରେ ଚାଲୁ ରହିଥିବା ସମସ୍ତ ଅଧୁରା ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଅର୍ଥର ସଦୁପଯୋଗ କରି ପ୍ରତ୍ୟେକ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ଏବଂ ସାଧାରଣ ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ବୈଠକରେ ସଚିବ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି।

# କମାର



ସକାଳେ ବନ୍ଧୁ    ପଚାରି ବୁଝିଲେ
କଅଣ କରୁଛନ୍ତି ଭାଇ ?
ପନିକିକୁ ସଜ    କରିବି ଭାବିଛି
ବସିଛି ଶାଳକୁ ଯାଇ ।।

ଆଗରେ ସମସ୍ତ    ଜିନିଷ ସଜାଇ
ପଛରେ ବସିଛି କମାର ।
ବାମପାଖେ ଡଙ୍ଗା    ଡାହାଣେ ମଟର
କୋଇଲାର ନିଆଁ ପ୍ରଖର ।।

ସାମଗ୍ରୀରେ ଦେଖେ    ନିହଣ ହାତୁଡ଼ି
ସାନ ବଡ଼ କରି ଚିମୁଟା ।
ଲୁହା ପେଡିଟିରେ    କେତେ ଯେ କଣ
ନିଆଁ ଖଡିକାଟି ଲମ୍ବାଟା ।

ହସି କହେ ସେ    ମୋ ବାପା ସମୟଠୁଁ
ସବୁ ଏହି ସଜ ରହିଛି ।
ଭଲପାଏ ବୋଲି    ଭଲ ଦେଇଅଛି
ଏହି ବୃତ୍ତି ମୋ ସବୁକିଛି ।

କଥା କହି କହି    ପାଣି ଝାଡୁଟିକୁ
ନିଆଁ ଉପରେ ଦେଲା ପିଟି ।
ରଡ଼ ନିଆଁ ଶିଖା    କୋଇଲା ଦିଶିଲା
ନାଲି ଟହଟହ ପନିକିଟି ।।

ଚିମୁଟାରେ ଭିଡି    ନିହାଇରେ ରଖି
ପିଟି ଚାଲିଲା ଠକ୍? ଠକ୍? ।
ସଜେଇ ଦିଶିଲା    ଅସଜଡ଼ା ସବୁ
ଝଟକି ଦିଶିଲା ଚକ୍? ମକ୍? ।।

ଶିଳ୍ପର ଜନକ    କୁଟୀର ଶିଳ୍ପଟି
ଆଜି ବି ଚିରା ପାଲ ତଳେ ।
ଦେଶର ଆତମା    ଗାଁରେ ରହିଛି
ରହିଥିଲା ଥିବ ସବୁବେଳେ ।।

ପୈତୃକ ବୃତ୍ତିର    ଅନୁଭବ ନେଇ
ଆଗକୁ ବଢେ ଯେଉଁ ଜନ ।
ନିଜର ରକ୍ଷକ    ଦେଶର ସେବକ
ଖୁସିରେ ବଞ୍ଚେ ସବୁଦିନ ।।

ରଞ୍ଜନ କୁମାର ବ୍ରହ୍ମା, ଶିକ୍ଷକ
ଚିକିଟୀ ଗଡ଼, ଗଞ୍ଜାମ

# ଶ୍ରାବଣ ଧର୍ମ ମାସ



ଆଷାଢ ଅନ୍ତେ ପୂଣ୍ୟ ଶ୍ରାବଣ
ଆସିଛି ଧରା ଧାମେ
ମୂଷଳ ଧାରା ବରଷି ଦେଇ
ହସୁଛି ମନେ ମନେ
ଗିରି କେଦାର ବନ
ଜୀଇଁ ଉଠିଲେ ତରୁ ଓ ଲତା
ପାଇ ତା' ଜଳଦାନ।
ନିଶି ପରଶେ ଭେକ ଗାଇଲା
କେଏଁ କଟର ଗୀତ
ବନ ପ୍ରଦେଶେ ଅତି ଉଲ୍ଲାସେ
କେକୀ କରିଲା ନୃତ୍ୟ
ଶୁଭେ ଅଶନି ସ୍ୱନ
ଭୀତି ଜାଗଇ ସର୍ବ ପରାଣେ
ଶୁଣି ତା' ଗରଜନ।
ନଈ ପୋଖରୀ ଭରିଲେ ଜଳେ
ମହୀ ହେଲା ଶୀତଳ
ପାଦପ ଦେହେ ପଲ୍ଲବ ଶୋହେ
ଦିଶେ ଶୋଭା ଅତୁଳ
ଚାଷୀ ହରଷ ମନେ
ଗହୀର କ୍ଷେତେ ଧାନ ରୋପିଲା
ଆଗକୁ ରଖି ଧାନେ।

ଆକାଶ ବକ୍ଷେ ମେଘର ମାଳା
ଭାସିଲା ହୋଇ ମେଳି
ମେଘ ଉହାଡେ ରବି ଚନ୍ଦ୍ରମା
ଖେଳିଲେ ଲୁଚକାଳି
ପକ୍ଷୀ ହରଷ ମନେ
ଖରାକୁ ଭୁଲି ଗୀତ ଗାଇଲେ



ବରଷା ଆଗମନେ।
ଚାତକ ପିଇ ଶୀତଳ ଜଳ
ଭୁଲିଲା ତୃଷା ଦୁଃଖ
ଇନ୍ଦ୍ରଧନୁର ରଂଗେ ହସିଲା
ନୀଳ ଗଗନ ବକ୍ଷ
ହସିଲା ମାଆ ଧରା
ସବୁରି ହିତେ ଶ୍ରାବଣ ରାଣୀ
ବାଣ୍ଟିଲା ପୂଣ୍ୟ ଧାରା।
ପବିତ୍ର ଜଳ କାନ୍ଧରେ ଥୋଇ
ଗଲେ ଶ୍ରଦ୍ଧାଳୁ ଜନେ
ଭୋଳାନାଥଂକୁ ଜଳ ସମର୍ପି
ମାଗିଲେ କୃପା ମନେ
ଶ୍ରାବଣ ଧର୍ମ ମାସ
ଆମ ସଂସ୍କୃତି ପରମ୍ପରାକୁ
ପାଳିବା ସର୍ବେ ଆସ।

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର

# ଆଶା ବୈତରଣୀ

ମଣିଷ ଜୀବନ  ଆଶା ସୁଅ ପରେ
କାଗଜର ଡଙ୍ଗା ପରି ,
ସଦା  ଭାସମାନ ସ୍ଥିତିରେ ରହଇ
ଆପଣା  ଆୟୁଷ ସାରି । ୧
ଭାସିବା ସହିତ କେବେ ଉର୍ଦ୍ଧ୍ୱେ ଯାଏ
କେବେ ଖସଇ ନିମ୍ନକୁ ,
ଏ ଧାରା ଯୋଗାଏ ସୁଖ ସାଥେ ଦୁଃଖ
ଭୋଗରୁ ଆଣେ ରୋଗକୁ  ।  ୨
ଆୟୁଷ ବିତିକି  ଭବିଷ୍ୟତ ଆସେ
ଜୀବନେ  ସାନ୍ଧରାଲୋକ ,
ଧସି ପଶି ଆଙ୍କେ ଏକ ପଟ୍ଟଚିତ୍ର
କାନ୍ଥ ଦିଶେ ତା  ଝଲକ ।  ୩
ଏ ପରିପ୍ରେକ୍ଷୀରେ ଆଶା ଗଙ୍ଗା ନୁହଁ
ବୈତରଣୀ ନଦୀ ପରି ,
ମଣିଷକୁ ସଦା ସୁଖ ସହ ଦୁଃଖ
ହେବାକୁ ପଡଇ  ପାରି ।  ୪
ଆଶା ତେଣୁ ଏକ  ନୌକାର ଭୂମିକା
ଧରାଏ ମଣିଷେ  କାତ ,
ଖୁବ୍? ଲମ୍ବା ବାଂଶ ଆହୁଲେଇ ନୌକା
ବାହି ନଉନଉ ରାତ୍ର  ।  ୫
ଆସଇ ଜୀବନ ପଥେ ଦୁର୍ବଳତା
ଶକତି ମଣିଷ ହାରେ ,
ସେପାରି ଡାକରା  ଡାକି ନେଇଯାଏ
କହିତାକୁ ଆରେ ଆରେ ।  ୬
ତା ଡାକରାରେ ମଣିଷର ଦେହ
ଶବ ପାଲଟେ ନିସ୍ପନ୍ଦ ,
ବାଧ୍ୟ ହୋଇ ତାକୁ କାନ୍ଧ ପରେ ବୁହା
ହୁଏ ଅନ୍ତିମ ଅଳିନ୍ଦ ।  ୭

ପାରଦ କୁମାର ପାଢୀ,
ଅବସରପ୍ରାପ୍ତ ଶିକ୍ଷକ ,
ହିଞ୍ଜିଳିକାଟୁ ,ଗଞ୍ଜାମ।

# ଭୋଳାବାବା



ଝିପିଝିପି ବରଷା
ବୋଲବମ ଭକତକୁ
ଭୋଳାବାବା ଭରସା

ମନେ ଥିଲେ ଭକତି
ବାଟ ଚାଲିବାକୁ ମିଳେ
ଭକତକୁ ଶକତି

ଶିରୀକ୍ଷେତ୍ର ଧାମରେ
ପୂଜା ପାଉଛନ୍ତି ବାବା
ଲୋକନାଥ ନାମରେ

ଶିରେ ପାଣି ଢାଳିବା
ମୋହ ମାୟା ଦୂରେ ତେଜି
ବ୍ରତ ଆମେ ପାଳିବା

ଅଭୟ ସେ ଚରଣ
ଆସ ହୋ ଭକତଗଣେ
ଯିବା ଆମେ ଶରଣ

ଶିରାବଣ ମାସରେ
ଆମ ଦିନ କଟିଯାଉ
ଶିବ ଉପବାସରେ

ଜଗଦୀଶ ସାହୁ,
ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,

# କିଛି ପଚାରନା ବନ୍ଧୁ

ଭଲମନ୍ଦ କିଛି ପଚାରନା ବନ୍ଧୁ
ସୁଖଦୁଃଖ ନେଇ ଚଳେ
ସେଥିପାଇଁ ବ୍ୟସ୍ତ ବିବ୍ରତ ହୁଏନି
ବଞ୍ଚିଅଛି କର୍ମ ବଳେ ।
ସୁଖରେ ହୁଏନି ଆତ୍ମହରା କେବେ
ଦୁଃଖରେ ଯାଏନା ଭାଙ୍ଗି
ଭାଗ୍ୟ ମୋ କପାଳେ ସୁଖ ରଖିଅଛି
ଦୁଃଖ ବି ରଖିଛି ଟାଙ୍ଗି
ସମଦର୍ଶୀ ହୋଇ ଜୀବନ ଧରିଛି
ବଞ୍ଚିଛି ଏ ମହୀ ତଳେ ।
ଅନ୍ୟାୟ, ଅନୀତି, ଅଧର୍ମ କରେନା
ଧରମ ପଥରେ ଚାଲେ
ପ୍ରଲୋଭନେ ବଳେ ପ୍ରଲୋଭିତ ହୋଇ
ପଡ଼େନା କାହାରି ପାଲେ
ଅସତ୍ୟ ପଥରେ ପଥିକ ହୁଏନି
କଳେ – ବଳେ – କଉଶଳେ ।

ମୋହରି ଭାଗ୍ୟରେ ଯାହା ଲେଖାଅଛି
ତାକୁ ଭୋଗିବାକୁ ହେବ
କିଏସେ କଅଣ ଆଣି ଆସିଥିଲା
କଣ ବା ମୁଣ୍ଡାଇ ନେବ
କାହାରି ଶିରୀକୁ ଦେଖିଦେଲେ ମୁହିଁ
କେବେ ଇର୍ଷାରେ ନ ଜଳେ ।

ସରଳ ଭାବରେ ଜୀବନ ବଞ୍ଚଇ
କୂଟକପଟ ନ ଥାଏ
କାମରୁ ସମୟ ବାହାର କରିକି
ପ୍ରଭୁ ନାମଗୀତି ଗାଏ
କେତେକ ସମସ୍ୟା ସମାଧାନ କରେ
କେତେ ସମସ୍ୟା ନ ଟଳେ ।

ନିରଞ୍ଜନ ସାହୁ
ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ

# କଳା ଓ କଳଙ୍କ

ଚାନ୍ଦ ଦେହେ ଯେଉଁ କଳଙ୍କ
ମୋ ଦେହେ ହୋଇ କଳାଜାଇ
କଳାବତୀ ହୋଇ କଳା ବିଛେଇ
କଳାକାର ମତେ କଳା ନେଇ
ମୁଁ ସତ କହିଲେ ମିଛେଇ
ମିଛ କହିଲେ ପୁଣ୍ୟ ଶୁନ୍ୟ ଯାଇ
ଜହ୍ନରେ କଳଙ୍କ ଗୋଟେ ଛାଇ
ସତ କି ମିଛ ଜାଣେନାହିଁ
ଜହ୍ନରେ କଳଙ୍କ ପ୍ରେମ ପାଇଁ
ନୀଳକଇଁ କହେ ନାଇଁ ନାଇଁ
ଚିତ୍ରକର କେହି ଆଙ୍କିଛି
ଜହ୍ନକୁ କଳା ଦେଇ କଳାକାର କେହି
ହୋଇପାରେ ତାହା ବଡ଼ ଚାନ୍ଦକଳା
ଚନ୍ଦ୍ରଙ୍କ ମାଆ ଆଙ୍କି ଦେଇ ଲୁଚି ରହି
ଦେଖନ୍ତି ପାପ ଆଉ ପୁଣ୍ୟ ଦୁଇ ନଈ
ବହିଯାଏ ଦୁଇକୁଳ ଛୁଇଁ ଛୁଇଁ
ପାପ ହୋଇଥିଲେ କହନ୍ତା କାହିଁ
କଳଙ୍କ ବୋଲି କାଳିମାରେ ଛିଟା ଦେଇ
ପୁଣ୍ୟ ହୋଇଥିଲେ ଭାବିଥାନ୍ତା ନିଶ୍ଚେ
ଚାନ୍ଦରେ ଚନ୍ଦ୍ରବିନ୍ଦୁ ଆଙ୍କି କେହି
ପରୀକ୍ଷା କରୁଛି ଚିତ୍ରକର କିଏ ଗଲା ରହି
ତୁଳୀରେ ଆଙ୍କିଛି ଓଁ କଳା ରଙ୍ଗ ଦେଇ
ଅବୁଝା ମନକୁ ବୁଝେଇବ କିଏ
ବୁଝିଯାଇଛି ତା ମନ ଭାବ ନେଇ
କଳା ନା କଳଙ୍କ ଅବା ଚୁମ୍ବନ ଦାଗ ଅଟେ ସେହି
ନୀଳକଇଁ କ୍ଷମା ମାଗି କହଇ
ଦୂର ଚାନ୍ଦ ମୋର ପ୍ରୟୋଜନ ନାହିଁ
ପ୍ରେମର ସନ୍ତକ କିଆଁ ଦେବି ଏତେ ଦୂରେ ରହି
ଯାର ମନ ଯେଡ଼େ ସେ ସବୁ ଯୋଡ଼େ
ନେଇ ଆଣି ଥୋଇ ମିଛ ସତ କହି

ସୁନନ୍ଦା ମହାନ୍ତି
ସାକ୍ଷୀଗୋପାଳ
ପୁରୀ

# ଗଜଲ୍
# କିଏ ଦେଖିଥିଲା ତତେ

ତୋ ସାଥେ ନଜର ମିଳିବା ଆଗରୁ
କିଏ ଦେଖିଥିଲା ତତେ
ସଜାଇ ମଜାଇ ମନର ଭିତରୁ
କିଏ ପଢ଼ିଥିଲା ତତେ !

ତୋ ହସ ଓଠକୁ ବୁଝିବା ପହରୁ
କିଏ ହସିଥିଲା ସତେ
ତୋ ବାସ ବେଶକୁ ଘାଟରୁ ବାଟରୁ
କିଏ ଛକିଥିଲା ଏତେ !

ତୋ ଲୁହ ଜଞ୍ଜାଳ ପହଁରୁ ପହଁରୁ
କିଏ ଓଦାହେଲା କେତେ
ତୋ ମୋହ ଗୀତକୁ ଗାଇବା ଲକ୍ଷ୍ୟରୁ
କିଏ ଭେଟିଥିଲା ତତେ !

ତୋ ସ୍ୱପ୍ନ ନିଦକୁ ଚୋରାଇ ରାତିରୁ
କିଏ ଜାଗିଥିଲା ରାତେ
ତୋ ମାୟା କୁହେଳି ରୂପର ଧୂପରୁ
କିଏ ଚମକିଲା ତତେ !

ତୋ କଥା ସହଜ ପ୍ରେମର ଅଙ୍କରୁ
ଛାଏଁ ଘରକଲା ମତେ



ତୋ ନାମ ତାରାକୁ ଅଭୁଲା ହେବାରୁ
ସିଏ  ମନଖୋଲା ମାତେ !

ତାରାପ୍ରସାଦ  ଜେନା
ରଣପୁର, ଜିଲ୍ଲା-ନୟାଗଡ଼

# ଆଶା ବୈତରଣୀ



ଆଶା ବୈତରଣୀ ପାରି ହେବା ପାଇଁ
କିଏ ବା ଅଛି ସମର୍ଥ ?
ଜୀବନ ନଉକା ଭାସି ଯାଏ ମୋର
କୃପାକର ଜଗନ୍ନାଥ

କେତେ ଯେ ସପନ ଦେଖାଇ ବହଇ
ଆଶା ବୈତରଣୀ ନଈ
ସୁଖ ଦୁଃଖ ତାର ଅଟେ ଦୁଇ କୂଳ
ଜୁଆର ଭଟ୍ଟା ଆସଇ

ଜୀବନ ତରୁରେ ଅସୁମାରୀ ଆଶା
ସୁମନ ଯେ ଥାଏ ଫୁଟି
କିଛି ଆଶା ହୁଏ ଫଳବତୀ କିଛି
ନିରାଶରେ ପଡ଼େ ଲୋଟି

ଆଶା ନେଇ ସଦା ଏ ମଣିଷ ବଞ୍ଚେ
ସେଥିପାଇଁ ଲଭେ ଦୁଃଖ
ଆଶା ପାଇଁ ଚିତ୍ତ ହୁଏ ବିଚଳିତ
କିପରି ମିଳିବ ସୁଖ !

ତୃଷ୍ଣା ମରିଯାଏ ଆଶା ମରେ ନାହିଁ
ଆଶା ହିଁ ଅଟେ ଅଶେଷ
ଛାଗ ପରି କେବେ ଉଦର ପୂରେନା
ନୟାନ୍ତ ହୁଏ ମଣିଷ

ଆଶା ଭରଷାର ଆଶାବାଡ଼ି ଧରି
ବାଟ ଚାଲିବାକୁ ହୁଏ
ଆଶା ନେଇ ସିନା ନୂଆ ସକାଳର
ଆଲୋକ ଯେ ଖୋଜା ଯାଏ

ଆଶା ବୈତରଣୀ ବହି ଚାଲିଥାଏ
ଜନ୍ମରୁ ମରଣ ଯାଏଁ
ସମୟ ସ୍ରୋତରେ ଜୀବନ ନଉକା
ଭାସି ଭାସି ଚାଲି ଥାଏ

ବସନ୍ତ କୁମାର ପ୍ରଧାନ
ହରିହରପୁର, ଛେଣ୍ଡିପଦା, ଅନୁଗୋଳ

# ଉପଖଣ୍ଡ ସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ଗୁଣପୁର,୧।୮ (ଆନିସ): ଶନିବାର ପୂର୍ବାହ୍ନ ୧୧ଘଟିକା ସମୟରେ ଗୁଣପୁର ଉପ ଜିଲ୍ଲାପାଳଙ୍କ ସଭାବନା ସଭା ଗୃହଠାରେ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲିପ ବୈଠକରେ ଅଧ୍ୟକ୍ଷତା କରିଥିଲେ । ସ୍ୱାଧୀନତା ଦିବସ ଦିନ ଭୋର ୦୪-୩୦ ସମୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ରାମଧୁନ ପ୍ରଚାର କରାଯିବ । ୦୫-୩୦ସମୟରେ ଗୋଷ୍ଠୀ ଶିକ୍ଷା ତାଲିମ କେନ୍ଦ୍ରରୁ ପ୍ରଭାତଫେରି କରାଯିବ । ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ସକାଳ ୦୭-୩୦ ସମୟରେ



ଜାତୀୟ ପତାକା ଉତ୍ତୋଳନ କରାଯିବ ଓ ସକାଳ ୦୯-୧୫ସମୟରେ ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରାଯିବ । ଉପ ଜିଲ୍ଲାପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ଼ର ଅଭିବାଦନ ଗ୍ରହଣ କରିବେ । ସମୁଦାୟ ୨୭ଟି ପ୍ୟାରେଡ଼ ଦଳ ଅଂଶ ଗ୍ରହଣ କରିବାକୁ ଥିବା ବେଳେ ଭାରତୀୟ ରିଜର୍ଭ ଫୋର୍ସ, ଭାମିନି ପ୍ୟାରେଡ଼ର ସମ୍ପୂର୍ଣ ଦାୟିତ୍ୱ ଗ୍ରହଣ କରିବେ । ଅଗଷ୍ଟ ୬ ଓ ୭ ତାରିଖ ଦିନ ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ ଓ ଗୋଷ୍ଠୀ ଶିକ୍ଷା ଶିକ୍ଷକ ତାଲିମ କେନ୍ଦ୍ର ଠାରେ ବକ୍ତୃତା କୁଇଜ ପ୍ରତିଯୋଗିତା ଓ ଅଗଷ୍ଟ ୧୧, ୧୨ ଓ ୧୩ତିନିଦିନ ସକାଳ ୦୮-୩୦ ସମୟରେ ମିନି ଷ୍ଟାଡିୟମ ଠାରେ ପ୍ୟାରେଡ଼ର ପୂର୍ବଭ୍ୟାସ କରାଯିବାକୁ ସର୍ବ ସମ୍ମତି କ୍ରମେ ସ୍ଥିର କରାଗଲା । ଆଜିର ଏହି ବୈଠକରେ ଭାରତୀୟ ସଂରକ୍ଷିତ ବାହିନୀ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅରୁଣ ମହାପାତ୍ର, ବିଶ୍ୱନାଥ ଜେନା, ବିଶ୍ୱନାଥ ମାର୍ଥା , ସହକାରୀ ଜିଲ୍ଲାପାଳ ବିପିନ ଚନ୍ଦ୍ର ନାୟକ, ଦୀପା ରାଣୀ ବେହେରା, ବିନୋଦ ଶବର, ତହସିଲଦାର ଲୀଳାବତୀ ଆଚାର୍ଜି , ଆଦର୍ଶ ଥାନାରୁ ଅଧିକାରୀ ବିଘ୍ନେଶ୍ୱର ସାହୁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା, ଜେଲ ଉପ ଅଧିକ୍ଷକ ତାରିଣୀ ମଲ୍ଲିକ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଲେଫ୍ଟନାଣ୍ଟ ସୁସ୍ମିତା ବାଉରୀ, ପ୍ରଧାନ ଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ ହେମାନନ୍ଦ ବରିହା, ଗୋଷ୍ଠୀ ଶିକ୍ଷା ତାଲିମ କେନ୍ଦ୍ର ଅଧ୍ୟକ୍ଷ ମନୋଜ କୁମାର ଗମାଙ୍ଗ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମମତାମୟୀ ମହାନ୍ତି, ସମସ୍ତ ଏନସିସି ଅଧିକାରୀ, ପିଇଟି, ବିଭିନ୍ନ ଶିକ୍ଷାନୁଷ୍ଠାନ ମୁଖ୍ୟ ପ୍ରମୁଖଙ୍କ ସମେତ ସାମ୍ବାଦିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରାଙ୍କ ତତ୍ତ୍ୱବୋଧନରେ ଅନୁଷ୍ଠିତ ବୈଠକରେ ଅନନ୍ତ ପାତ୍ର ସଂଯୋଜନା କରିଥିବା ବେଳେ ସୋମନାଥ ଗମାଙ୍ଗ ସହଯୋଗ କରିଥିଲେ ।

# ମନରେଗା ଯୋଜନାର ସାମାଜିକ ସମୀକ୍ଷା ଜନଶୁଣାଣୀ



କୁନ୍ଦୁରା,୧।୮ (ଆନିସ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକର ବୈଠକ ଗୃହ ଠାରେ ଆଜି ବିଗତ ୬ ମାସ ର ମନରେଗା ଯଜନା ରେ ହୋଇଥିବା ଉନ୍ନୟନ କାର୍ଯ୍ୟ ଗୁଡିକ ଏବଂ ପ୍ରତେକ ପଞ୍ଚାୟତ ସ୍ତରରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯାଇଥିବାକୁ ନେଇଁ ଗ୍ରାମ ସଭା ମାଧ୍ୟମରେ ହୋଇଥିବା ସମୀକ୍ଷାକୁ ନେଇ ସାମାଜିକ ସମୀକ୍ଷା ଜନଶୁଣାଣୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୋରାପୁଟ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଗଣେଶ୍ୱର କହଁର, ଜିଲ୍ଲା ସାମାଜିକ ସମୀକ୍ଷକ ଅନିଲ କୁମାର ମହାରଣା, କୁନ୍ଦୁରା ବିଡ଼ିଓ, କୁନ୍ଦୁରା ବ୍ଲକ ଚେୟାରମ୍ୟାନ ଓ ଭାଇସ୍ ଚେୟାରମ୍ୟାନ ଙ୍କ ତତ୍ତ୍ୱାବଧାନ କ୍ରମେ ଏବଂ ୧୬ ଟି ପଞ୍ଚାୟତ ର ସରପୋଞ୍ଚ ସମିତି ସଭ୍ୟ, ପିଇଓ, ଜି ଆର ଏସ /ଏ ଡି ଓ, ଏ ପି ଓ, ଯେ ଇ ଏବଂ ଅନ୍ୟ ଲାଇନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ ।

ଆଜିର ସାମାଜିକ ସମୀକ୍ଷା ଜନଶୁଣାଣୀ ରେ ପୂର୍ବ ଭଳି ସେହି ନୀତି ଦିନିଆଁ ଆଲୋଚନା ପର୍ଯ୍ୟାଲୋଚନା ହିଁ ଦେଖିବାକୁ ମିଳିଥିଲା । କେଉଁଠି ସୂଚନା ଫଳକ ନଲଗାଇ କାମ ହୋଇଛି, କେଉଁଠି ମନରେଗା ରେକର୍ଡ଼ ଭୁଲ ଭାଲ ଅଛି ତୋ ଆଉ କେଉଁ ପଞ୍ଚାୟତ ରେ କାମ ନକରିଥିବା ଲୋକଙ୍କୁ ଲେବର ଦର୍ଶାଇ ବିଲ ଟଙ୍କା ପୈଠ କରାଯାଇଛି । ଏଥି ସହ ଗୁଣ୍ଡଳ ପଞ୍ଚାୟତ ରେ ପ୍ରାୟ ୯ ଲକ୍ଷ୍ୟ ଟଙ୍କା ର ରାସ୍ତା କାମ ରେ ହେରଫେର ଘଟଣା ଯାହା ଗତ କିଛି ଦିନ ତଳେ ଖବର କାଗଜ ମାନଙ୍କରେ ପ୍ରକାଶିତ ହୋଇଥିଲା ତାହା ସମୀକ୍ଷା କରାଯାଇଥିଲା । ପ୍ରକୃତ ରେ ମନରେଗା ଯଜନା ରେ ହେଉଥିବା ପି ସି କାରୋବାର ଯାହା ୨୦ - ୨୫% ପର୍ଯ୍ୟନ୍ତ ଠିକାଦାର ମାନଙ୍କ ଠାରୁ ଯୋର ଜବରଦସ୍ତ ଆଦାୟ କରାଯାଉଛି ତାହାକୁ ନେଇଁ କୌଣସି ସମୀକ୍ଷା କରାଯାଇନଥିଲା । ଗତ ଦିନରେ ଏହି ମନରେଗା ଯଜନା ରେ ନିୟୋଜିତ ଶ୍ରମିକ ଙ୍କ ଉଦେଶ୍ୟରେ ଆସିଥିବା ପ୍ରାଥମିକ ସ୍ୱାସ୍ଥ୍ୟ କୀଟ ଯାହା ମେଟ ମାନଙ୍କୁ ଦିଆଯିବାର ଥିଲା ତାହା ଦିଆନଯାଇ କୁଆଡେ ଗୋଲା ଏସବୁ ର ସମୀକ୍ଷା କରାଗଲା ନାହିଁ । ସମୀକ୍ଷାରେ ବାହାରିଥିବା କୌଣସି ଘୋଟାଲା ଅନିୟମିତତା କୁ ନେଇଁ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଭଳି କୌଣସି ବ୍ୟବସ୍ଥା ହିଁ ଦେଖାଯାଉନଥିଲା । ଅତିରିକ୍ତ ପ୍ରକୋଳ୍ପ ନିର୍ଦ୍ଦେଶକ (ଏ ପି ଡି ) ଉପସ୍ଥିତ ସରପୋଞ୍ଚ ଓ ସମିତି ସଭ୍ୟ ଙ୍କ ଆପ୍ତତି ଅଭିଯୋଗ କୁ ଧ୍ୟାନ ହିଁ ଦେଉନଥିବା ଏବଂ ଅବାନ୍ତର ଯୁକ୍ତି କରୁଥିବା କୁ ନେଇଁ କିଛି ଅସନ୍ତୋଷ ଦେଖିବାକୁ ମିଳିଥିଲା ।

କିଛି ସରପୋଞ୍ଚ ସମିତି ସଭ୍ୟ ଓ ମନରେଗା କାର୍ଯ୍ୟ କରୁଥିବା ଠିକାଦାର ଏବଂ ସାଧାରଣ ଲୋକ ଏହି ସମୀକ୍ଷା ଜନଶୁଣାଣୀ କେବଳ ଏକ ସରକାରୀ ପ୍ରକ୍ରିୟା ଓ ପ୍ରହସନ ବୋଲି କହିଛନ୍ତି ଯାହା ଯେମିତି ଚାଲିଛି ତାହାକୁ ହିଁ ଅନୁସରଣ କରା ଯାଉଛି । କୌଣସି ଅଭିଯୋଗ ର କିଛି ପ୍ରଭାବ ପଡୁନାହିଁ ବୋଲି ସମାଲୋଚନା ହେଉଛି । ଗତ ୩ ବର୍ଷ ଭିତରେ ପ୍ରାୟ ୩ ଜଣ ଏ ପି ଓ ବଦଳି ହେଲେଣି କିନ୍ତୁ ମନରେଗା ବିଭାଗ ସମ୍ଭାଳୁ ଥିବା କିଛି କମ୍ପୁଟର କର୍ମଚାରୀ ଦୀର୍ଘ ୧୦ ବର୍ଷ ରୁ ଅଧିକା ସମୟ ହେବା ସତ୍ତ୍ୱେ ସେମାନଙ୍କର ବଦଳି ହୋଇପାରୁନାହିଁ । ମେଟାରିଆଲ ବିଲ୍ କରିବା, କାମ ବାଇପାସ୍ କରିବା ଆଳରେ ଏହି ବିଭାଗରୁ ହିଁ ଆରମ୍ଭ ହେଉଛି ପି ସି କାରୋବାର । ଏହି ଖବର ପ୍ରସାରଣ ପରେ ଜିଲ୍ଲା ପ୍ରଶାସନ କିଛି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲୋକଙ୍କ ଆସ୍ଥା ଭାଜନ ହେବ ବୋଲି ସ୍ଥାନୀୟ ସର୍ବସାଧାରଣ ଆଶା କରୁଛନ୍ତି ।

# ହାତୀ ପଲ ମାଡି ଧାନତଳି ନଷ୍ଟ, ଚିନ୍ତାରେ ଚାଷୀ



ନର୍ଲା, ୧।୮ (ଆନିସ) : କଳାହାଣ୍ଡି ଉତ୍ତର ବନଖଣ୍ଡ କେସିଙ୍ଗା ବନାଞ୍ଚଳ ରୁପ୍ରାରୋଡ଼ ସେକ୍ସନର ଗିଗିନା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଶ୍ରୀପୁର ଗ୍ରାମରେ ୨୪ ଟିକିଆ ହାତୀପଲ ଧାନତଳିକୁ ମାଡି ନଷ୍ଟ କରିଥିବା ଶୁକ୍ରବାର ସକାଳୁ ଦେଖିବାକୁ ମିଳିଛି ସୂଚନା ମୁତାବକ କିଛିବର୍ଷ ହେଲା ଲଗାତାର ଭାବରେ ନର୍ଲା ରେଞ୍ଜ ଅନ୍ତର୍ଗତ କମେ ଡ଼ଙ୍ଗରରୁ ନର୍ଲା ଦେଇ ମ. ରାମପୁରକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥର ବଫଲା ଗାଁ ଦେଇ ସାନ୍ଦୁଲ ନଦୀ ପାରି ହୋଇ ବୁର୍ଡିପଡା, ତିତକେଲା, ଭଟାଖମାର ଦେଇ ଶ୍ରୀପୁର, ଡମପଦର, ଯୋଡବନ୍ଧ, ଟାପରାଙ୍ଗ ଓ ଖେତୁପଡା ଗ୍ରାମ ପର୍ଯ୍ୟନ୍ତ ହାତୀ ଚଲାପଥ ଭାବରେ ବନ ବିଭାଗ ସୂଚନା ଜାରି କରିଛି ତେବେ ଏହିସବୁ ଗ୍ରାମ ଦେଇ ଜଙ୍ଗଲୀ ହାତୀପଲଙ୍କ ବାରମ୍ବାର ଯିବା ଆସିବା ଲାଗି ରହୁଥିବାରୁ ସ୍ଥାନୀୟ ଗ୍ରାମର ଲୋକଙ୍କ ମଧ୍ୟରେ ସବୁବେଳେ ଭୟର ବାତାବରଣ ଦେଖାଦେଇଛି ଉକ୍ତ ୨୫ଟିକିଆ ହାତୀପଲରେ ୧୫ଟି ମାଈହାତୀ, ୨ଟି ଦନ୍ତାହାତୀ ଓ ୮ଟି ଛୁଆହାତୀ ଥିବା ରୁପ୍ରାରୋଡ଼ ବନପାଳ ପ୍ରିୟରଞ୍ଜନ ଷଡ଼ଙ୍ଗୀ କହିଛନ୍ତି ତାଙ୍କର ସୂଚନା ଅନୁଯାୟୀ ଗୁରୁବାର ରାତିରେ ହାତୀପଲ ଆସୁଥିବା ଜଣାପଡିବା ପରେ ବନବିଭାଗ ପକ୍ଷରୁ ସଙ୍ଗେ ସଙ୍ଗେ ଉକ୍ତ ଅଞ୍ଚଳରେ ପହଞ୍ଚି ହାତୀପଲଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲେ ମଧ୍ୟ ଶ୍ରୀପୁର ଗ୍ରାମର ଚାଷୀ ମିତ୍ରସେନ ପଧାନ, ଭୋଜରାଜ ପଧାନ, ମକରନ୍ଦ ପଧାନ ଓ ସୁରେଶ ପଧାନଙ୍କ ଧାନତଳି ମାଡି ନଷ୍ଟ କରିଦେଇଛନ୍ତି ତେବେ ଧାନ ତଳି ନଷ୍ଟ ହେବାରୁ ସରକାରୀ ସହାୟତା ପାଇଁ କୌଣସି ପ୍ରାବଧାନ ନଥିବା ରୁପ୍ରାରୋଡ଼ ବନପାଳ ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ହାତୀପଲ ଧାନତଳି ନଷ୍ଟ କରିଦେଇଥିବାରୁ ଚିନ୍ତାରେ ସମ୍ପୃକ୍ତ ଚାଷୀମାନେ ରହିଛନ୍ତି ସେହିପରି ଚାଷବାସ ସମୟରେ ଉକ୍ତ ହାତୀପଲ ଆସିଥିବାରୁ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମର ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେବା ସାଙ୍ଗକୁ ଚାଷ ଜମିକୁ ଯାଇପାରୁ ନାହାନ୍ତି ବର୍ତ୍ତମାନ ଉକ୍ତ ହାତୀପଲ କୁନ୍ଦେଇଝରଣ ନିକଟବର୍ତ୍ତୀ ପାହାଡ଼ ନିକଟରେ ଥିବାରୁ ବନ ବିଭାଗର କର୍ମଚାରୀ ଜଗି ରହିଥିବା ଜଣାପଡିଛି ସେହିପରି ହାତୀପଲଙ୍କ ଯୋଗୁଁ ଏହିସବୁ ଗ୍ରାମରେ ବିଦ୍ୟୁତ ସେବା ପ୍ରଭାବିତ ହେଉଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି ତେବେ ଏହାର ସ୍ଥାୟୀ ସମାଧାନ କିପରି ହେବ ଏଥିପାଇଁ ସରକାର ତଥା ବନବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଜଳୁନି ଷ୍ଟ୍ରିଟ ଲାଇଟ,ବଢୁଛି ଦୁର୍ଘଟଣା

ଘୁ.ଉଦୟଗିରି,୧।୮ (ଆନିସ): ବିଜ୍ଞାପିତ ଅଞ୍ଚଳ ପରିଷଦର ୧ ନମ୍ବର ୱାର୍ଡ ସ୍ଥିତ ଘୁ.ଉଦୟଗିରି- କଳିଙ୍ଗା ମୁଖ୍ୟ ରାସ୍ତା ପଦାସାହିରେ ପାଖାପାଖି ମାସେ ପୂର୍ବରୁ ଏକ ବିରାଟକାୟ ଗଛ ପଡିବା ଫଳରେ ବିଦ୍ୟୁତ ସରବରାହ ବନ୍ଦ ହେବା ସହିତ ଯାତାୟାତ ପ୍ରଭାବିତ ହୋଇଥିଲା। ଏଥିରେ ଏକାଧିକ ଷ୍ଟ୍ରିଟ ଲାଇଟ ମଧ୍ୟ ପ୍ରଭାବିତ ହୋଇଥିବା ବେଳେ ଅଚଳ ହୋଇ ପଡିଥିଲା। କିନ୍ତୁ ଏହାକୁ ପାଖାପାଖି ଏକ ମାସ ହେବାକୁ ଯାଉଥିବା ବେଳେ ଆଜି ପର୍ଯ୍ୟନ୍ତ ସେମିତି ଅଚଳ ହୋଇ ପଡିଛି। ଫଳରେ ଲୋକେ ଅନ୍ଧାରରେ ଯାତାୟତ କରୁଥିବା ବେଳେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ଧାର ସାଙ୍ଗକୁ ସ୍କୁଲ ନିକଟରେ ଥିବା ହମ୍ପସରେ ଦିନକୁ ଦିନ ଦୁର୍ଘଟଣା ବଢୁଥିବା ଦେଖିବାକୁ ମିଳୁଛି।ତେଣୁ ସାମୁହିକ ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ଶୀଘ୍ର ମରାମତି କରି ସ୍ୱାଭାବିକ କରିବାକୁ ଦାବି କରିଛନ୍ତି ସାହିର ପ୍ରକାଶ ନାୟକ,ବିବେକାନନ୍ଦ ପ୍ରଧାନ,ଦୀପକ ପ୍ରଧାନ,କବି ମହାନ୍ତି,ଲଳିତ ନାୟକ, ପ୍ରମୋଦ ସାହୁ,ଯୋଗେନ୍ଦ୍ର ସାହୁ।

# କୋଇଲା ବୋଝେଇ ଟ୍ରେନରେ ନିଆଁ

ନର୍ଲା, ୧।୮(ଆନିସ): କୋଇଲା ବୋଝେଇ ଟ୍ରେନରେ ଲାଗିଲା ନିଆଁ।ସୂଚନା ଅନୁସାରେ ଶୁକ୍ରବାର ସନ୍ଧ୍ୟା ୬ ଟା ସମୟରେ ଟିଟିଲାଗଡ ପଟୁ ବିଶାଖାପାଟଣା ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରେନରେ ନିଆଁ ଲାଗିଯିବା ଫଳରେ ରେଳ ବିଭାଗ ଟ୍ରେନକୁ ନର୍ଲା ରୋଡ ଷ୍ଟେସନରେ ଅଟକାଇ ନର୍ଲା ଅଗ୍ନିଶମ ବାହିନୀର ସହଯୋଗରେ ନିଆଁ ଲିଭାଉଥିବା ଦୃଶ୍ୟ ଦେଖିବା ମିଳିଥିଲା। କେଉଁ କାରଣରୁ ବଗିରେ ନିଆଁ ଲାଗିଥିଲା ତାହାକୁ ନେଇ ରେଳ ବିଭାଗ ଖୋଳତାଡ଼ ଆରମ୍ଭ କରିଛି।

# ନିରାଶ୍ରୟ ବୃଦ୍ଧଙ୍କୁ ନେଇ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା କଲେ ୱାର୍ଡ ସଭ୍ୟା ଲକ୍ଷ୍ମୀପ୍ରିୟା,ସାଧାରଣରେ ପ୍ରଶଂସା



ଘୁ.ଉଦୟଗିରି,୧।୮ (ଆନିସ): ସତରେ ଜୀବନ ଖେଳ ବଡ଼ ବିଚିତ୍ର। ସାଧାରଣତଃ ବାର୍ଦ୍ଧକ୍ୟ ଜୀବନ କଷ୍ଟକର ହୋଇଥିବା ବେଳେ ନିରାଶ୍ରୟଙ୍କ ବାର୍ଦ୍ଧକ୍ୟ ଜୀବନ ନ କହିବା ଭଲ। ଏମିତି ଜଣେ ନିରାଶ୍ରୟ ବୃଦ୍ଧଙ୍କ ଅନ୍ତିମ ସମୟର କଷ୍ଟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ସେ ହେଲେ ଘୁ.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୯ ନମ୍ବର ୱାର୍ଡର ଶତ୍ରୁଘ୍ନ ବେହେରା। ଅନ୍ତିମ ସମୟରେ ଜୀବନ ସହିତ ସଂଗ୍ରାମ କରୁଛନ୍ତି। ପାଣି ଟୋପାଏ ଦେବା ପାଇଁ ପାଖରେ କେହି ନାହାନ୍ତି। ଏତିକି ବେଳେ ୯ ନମ୍ବର ୱାର୍ଡ ସଭ୍ୟା ଲକ୍ଷ୍ମୀପ୍ରିୟା ପରିଛା ନିରାଶ୍ରୟ ଶତ୍ରୁଘନ ବେହେରାଙ୍କ କିଏ ନ ଥିବାରୁ ପୂର୍ବତନ ଅଧ୍ୟକ୍ଷ ତଥା ସମାଜସେବୀ ପି.ସଞ୍ଜୀବ କୁମାର ପାତ୍ର,ଏମଡି ଆଲମାସ, ଅଭିମନ୍ୟୁ ପ୍ରଧାନ ପ୍ରମୁଖ ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଡ଼. ରାତିକାନ୍ତ ସାହୁଙ୍କ ସହ ଯୋଗାଯୋଗ କରି ବେହେରାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରାଇଛନ୍ତି। ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ଟିମ ଆସି ଚିକିତ୍ସା କରୁଥିଲେ ହେଁ ସ୍ୱାସ୍ଥ୍ୟବସ୍ଥାରେ ଉର୍ନ୍ନତି ପରିଲିକ୍ଷିତ ନ ହେବାରୁ ତାକୁ ଆଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ଚିକିତ୍ସା ଆରମ୍ଭ ହୋଇଛି।ଏହିଭଳି କାମ କୁ ସାଧାରଣରେ ପ୍ରଶଂସା କରାଯାଇଛି।

# ପଲିଥିନ୍ ଛାତ ତଳେ ବିତୁଛି ଗରିବ ପରିବାରଙ୍କ ଜୀବନ, ଲଗାଣ ବର୍ଷାରେ ଭୁଷୁଡ଼ିବା ଆଶଙ୍କା

ଥୁଆମୂଳ ରାମପୁର,୧।୮ (ଆନିସ): ସରକାର ଡିଣ୍ଡିମପିଟି କହୁଛନ୍ତି ଯେ, ସମସ୍ତ ଗରିବ ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରି ପକ୍କା ଘର ଯୋଗାଇ ଦିଆଯିବ କୌଣସି ଗରିବ ହିତାଧିକାରୀ ମାଟି ଘରରେ ରହିବେ ନାହିଁ। କିନ୍ତୁ ଏହା ଏକ ପ୍ରହସନ ଛଡା ଆଉ କିଛି ନାହିଁ ଗରିବ ଯୋଜନା କାହାସ୍ୱାର୍ଥରେ ପ୍ରକୃତ ହିତାଧିକାରୀଙ୍କୁ ଘର ଖଣ୍ଡେ ମିଳିପାରୁନାହିଁ ଦୀର୍ଘ ବର୍ଷ ଧରି ସେହି ପଲିଥିନ ଛାତ ତଳେ ଅନେକ ଗରିବ ଲୋକେ ନିଜ ନିଜ ପରିବାରକୁ ନେଇ ରହୁଥିବା ବେଳେ ଏହାର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଯାଇଛନ୍ତି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ମୁଖ୍ୟାଳୟ ସ୍ଥିତ ହାଇସ୍କୁଲ ପଡାରେ ତିନି ଗରିବ ପରିବାର ଦୀର୍ଘ ବର୍ଷ ହେଉଛି ସେହି ଜରାଜୀର୍ଣ୍ଣ ଚାଳମାଟି ପଲିଥିନ ଢାଙ୍କା ଯାଇଥିବା କୁଡିଆରେ ବସବାସ କରୁଛନ୍ତି। ଏହି ତିନିଗୋଟି ପରିବାର ରାମେଶ୍ୱର ନାଏକ ଏବଂ ସ୍ତ୍ରୀ ଟିକିମଣୀଙ୍କ ସମେତ ୮ ସଦସ୍ୟ ବିଶିଷ୍ଟ ଉକ୍ତ ପରିବାର। ଏବଂ ତ୍ରିଲୋଚନ ନାଏକ ଓ ସ୍ତ୍ରୀ ପଞ୍ଚକଳାଙ୍କ ସହିତ ଦୁଇ ପୁଅ ଓ ଝିଅ ଟିଏ ଅଛନ୍ତି ପରିବାରରେ ସେହିଭଳି ଅନ୍ୟ ଏକ ପରିବାର ଚନ୍ଦୁ ନାଏକ, ସ୍ତ୍ରୀ ସଂଗୀତା ଏବଂ ଦୁଇ ଶିଶୁକନ୍ୟା ବସବାସ କରୁଥିବା ପରିବାର। ଦାରିଦ୍ର୍ୟ ଅନାଟନ ମଧ୍ୟରେ ଏହି ତିନିଗୋଟି ପରିବାର ନିଜ ନିଜ ପାଇଁ ନୂତନ ଘର ଖଣ୍ଡେ ଖଣ୍ଡେ ନିର୍ମାଣ କରିବାକୁ ସମ୍ବଳ ଅଭାବ ବାଧକ ସାଜୁଛି। ଚାଲିଥିବା ଲଗାଣ ବର୍ଷାରେ ଏମାନଙ୍କ ପଲିଥିନ ଢଙ୍କା ଗୁଡିଆ ସବୁ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ିଛି। ଘରର ପଲିଥିନ ଛାତ ଓ ସେହି କାନ୍ଥର ଅବସ୍ଥା ନକହିବା ଭଲ ସ୍ଥାନେ ସ୍ଥାନେ ଫାଟି ଆଁ କରିଛି ଏପରିସ୍ଥଳେ ପଲିଥିନ୍ ଢାଙ୍କିବା କେତେ ସୁରକ୍ଷିତ ତାହା ଆଲୋଚନାର ବିଷୟ ପାଲଟିଛି। ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ ବର୍ଷା ପାଣି ଘର ଭିତରକୁ ପସିବା ଯୋଗୁଁ ପରିବାରର ସଦସ୍ୟ ମାନେ ଭୟ ଓ



ଆତଙ୍କ ଭିତରେ ଜୀବନ ଯାପନ କରୁଛନ୍ତି। ଏପରିସ୍ଥଳେ କେତେବେଳେ କେଉଁ ମୁହୂର୍ତ୍ତରେ ଘରଟି ଭୁଷୁଡ଼ି ପଡ଼ିଯିବ ତାକୁ ନେଇ ଆଶଙ୍କା ମଧ୍ୟରେ ଚିନ୍ତା ବଢାଇ ଦେଇଛି। ତଥାପି ଅନ୍ୟ ଉପାୟ ନପାଇ ଘରେ ଛୋଟ ଛୋଟ ଶିଶୁ ଓ ବୟସ୍କ ସଦସ୍ୟଙ୍କ ସହ ବିପଦସଙ୍କୁଳ ପରିସ୍ଥିତିରେ ବସବାସ କରିବାକୁ ବାଧ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଲୋକମାନେ ଯାହା କହୁଛନ୍ତି ସେଅନୁସାରେ ଜଣାପଡିଛି ଯେ, ଏହି ତିନି ପରିବାର ଆର୍ଥିକ ଦୃଷ୍ଟିରୁ ଅତ୍ୟନ୍ତ ଦୁର୍ବଳ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ଆବାସ ସୁବିଧା ପାଇପାରିନାହାନ୍ତି। ବର୍ଷା ଦିନରେ ପ୍ରତ୍ୟେକ ରାତି ସେମାନଙ୍କ ପାଇଁ ଘୋର ବିପଦ ସମୟ ହୋଇପଡିଥାଏ। ଏହାକୁ ଦୃଷ୍ଟିରେ ରଖି ବିଭାଗୀୟ ପ୍ରଶାସନ ତୁରନ୍ତ ଗରିବ ତିନିଗୋଟି ପରିବାରର ପ୍ରତି ଜରୁରୀକାଳୀନ ପରିସ୍ଥିତିରେ ଅନ୍ତୋଦୟ ଗୃହ ଯୋଜନାରେ ପକ୍କା ଘର ଯୋଗାଇବା ଦେବା ପୂର୍ବରୁ ସେମାନେ ରହୁଥିବା ଜରାଜୀର୍ଣ୍ଣ ଘରର ମରାମତିରେ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଦାବି କରିଛନ୍ତି। ଅପରପକ୍ଷରେ ପ୍ରଶାସନ ପକ୍ଷରୁ ବିପଦ ଆସିବା ପୂର୍ବରୁ ସଜାଗ ରହି ଏହାର ସୁବ୍ୟବସ୍ଥା କରିବାରେ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ଆଗକୁ କୌଣସି ଅଘଟଣ ଘଟିବାର ଆଶଙ୍କାକୁ କୌଣସି ବ୍ୟକ୍ତି ଅସ୍ୱୀକାର କରିପାରିବେ ନାହିଁ।

# ଲଗାଣ ବର୍ଷାରେ ଭୁଶୁଡ଼ିଲା ଶହେ ବର୍ଷର ବଟଗଛ, କିଛି ସମୟ ଠପ୍ ରହିଲା ରାଜପଥ



ମୁନିଗୁଡା,୧।୮(ଆନିସ) ଲଗାଣ ବର୍ଷାର ତାଣ୍ଡବ ମଧ୍ୟରେ ଶନିବାର ଏକ ବଡ଼ ଅଘଟଣ ଅଳ୍ପକେ ଟଳି ଯାଇଛି । ରାୟଗଡ଼ା-ଭବାନୀପାଟଣା ୬ ନମ୍ବର ରାଜ୍ୟ ରାଜପଥର ଆମ୍ବଦଳା ଇନ୍ଦିରାପଡ଼ା ନିକଟରେ ଶହେ ବର୍ଷରୁ ଅଧିକ ପୁରୁଣା ଏକ ବିରାଟ ବଟଗଛ ହଠାତ୍ ରାସ୍ତା ଉପରକୁ ଟଳି ପଡ଼ିବାରୁ କିଛି ସମୟ ପାଇଁ ସମ୍ପୂର୍ଣ୍ଣ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିଲା। ତେବେ ଗଛ ପଡ଼ିବା ବେଳେ ବାଇକ୍ ଚାଳକ ଓ ପଥଚାରୀମାନେ ଅଳ୍ପକେ ବର୍ତ୍ତିଯାଇଥିବାରୁ ଏକ ବଡ଼ ଦୁର୍ଘଟଣା ଏଡ଼ିଯାଇଛି ।ଗଛଟି ରାଜପଥ ଉପରେ ପଡ଼ିବା ସହ ଉଭୟ ପାର୍ଶ୍ୱରେ ଭାରୀଯାନ ସମେତ ଅନେକ ଗାଡ଼ି ଅଟକି ରହିଥିଲା। ଖବର ପାଇ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗଛର ଡାଳପାଳ କାଟି ରାସ୍ତା ସଫା କରିଥିଲେ। ଫଳରେ ପ୍ରଶାସନ ପହଞ୍ଚିବା ପୂର୍ବରୁ ହିଁ ରାସ୍ତାରୁ ବାଧା ହଟିଥିଲା ଏବଂ କିଛି ସମୟ ପରେ ଅଗ୍ନିଶ୍ରମ ବିଭାଗ କର୍ମଚାରୀ ମାନେ ପହଂଚି ସ୍ଥାନୀୟ ଲୋକଙ୍କ ସହ ମିଶି ଗଛ ଡ଼ାଳ କାଟି ସଫା କରିବା ପରେ ପୁଣି ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।ସ୍ଥାନୀୟଙ୍କ କହିବା ଅନୁଯାୟୀ, ଗତ କିଛି ଦିନ ଧରି ଲଗାଣ ବର୍ଷା ଲାଗି ରହିଥିବାରୁ ଗଛର ମୂଳ ଦୁର୍ବଳ ହୋଇପଡ଼ିଥିଲା। ଫଳରେ ଶନିବାର ହଠାତ୍ ଏହା ଭାରସାମ୍ୟ ହରାଇ ରାସ୍ତା ଉପରକୁ ଟଳି ପଡ଼ିଥିଲା। ସୌଭାଗ୍ୟବଶତଃ ଘଟଣାରେ କୌଣସି ଜୀବନହାନି କିମ୍ବା ବଡ଼ ଧରଣର କ୍ଷୟକ୍ଷତି ଘଟିନଥିବାରୁ ସ୍ଥାନୀୟ ଲୋକେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।

# ଧନପୁର ଗ୍ରାମ ପଞ୍ଚାୟତରେ ଧାନ ମଣ୍ଡି ଖୋଲିବା ପାଇଁ ଦାବି, ଉପ-ନିବନ୍ଧକଙ୍କୁ ଦାବିପତ୍ର ପ୍ରଦାନ

ଜୟପୁର,୧।୮ (ଆନିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅନ୍ତର୍ଗତ ଧନପୁର ଗ୍ରାମ ପଞ୍ଚାୟତରେ ଧାନ ମଣ୍ଡି ଖୋଲିବା ସହ ଚାଷୀ ମାନଙ୍କ ପଞ୍ଜୀକରଣ ବ୍ୟବସ୍ଥା କରିବା ଦାବିରେ ସମବାୟ ସମିତିର ଉପ-ନିବନ୍ଧକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ଏବଂ ଆର ନକଲ ଜିଲ୍ଲାପାଳ କୋରାପୁଟ,ଉପ ଜିଲ୍ଲାପାଳ ଜୟପୁର, ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ,ଆରଏମଶି ଅଧିକାରୀ ଙ୍କୁ ପଠାଯାଇଛି,ଧନପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ବଳିଭଦ୍ର ଗାଦବା କହିଛନ୍ତି ଯେ ପଞ୍ଚାୟତରେ ଧାନ ମଣ୍ଡି ନଥିବାରୁ ଚାଷୀମାନେ ଧାନ ବିକ୍ରି ପାଇଁ ଦୂରଦୂରାନ୍ତକୁ ଯିବାକୁ



ବାଧ ହେଉଛନ୍ତି। ଅନେକ ଚାଷୀ ପଞ୍ଜୀକରଣରୁ ବାଦ ପଡୁଥିବାରୁ ସରକାରୀ ସହାୟକ ମୂଲ୍ୟରେ ଧାନ ବିକ୍ରି କରିପାରୁ ନାହାନ୍ତି। ଫଳରେ ସେମାନେ ବାଧ ହୋଇ ଦଲାଲଙ୍କ ନିକଟରେ ଶାଗ-ମାଛ ଦରରେ ଧାନ ବିକ୍ରି କରୁଛନ୍ତି। ତେଣୁ ଧନପୁର ଗ୍ରାମ ପଞ୍ଚାୟତରେ ଶୀଘ୍ର ଧାନ ମଣ୍ଡି ଖୋଲିବା ସହ ସମସ୍ତ ଯୋଗ୍ୟ ଚାଷୀଙ୍କ ପଞ୍ଜୀକରଣ ସୁନିଶ୍ଚିତ କରିବାକୁ ପଞ୍ଚାୟତବାସୀ ଓ ଚାଷୀମାନେ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି ଏହି ଦାବିପତ୍ର ସମୟରେ ବିମଳ କୁମାର ମିଶ୍ର,କୃଷ୍ଣ ପାଙ୍ଗି,ରାଧାମୋହନ ନିଶାଙ୍କ ଏବଂ ଗ୍ରାମ ର ଅନେକ ଚାଷି ଉପସ୍ଥିତ ଥିଲେ,

# ବନ୍ଦ ରହିଛି ପାନୀୟ ଜଳ ପ୍ରକଳ୍ପ, ଚୂଆ ପାଣି ମେଣ୍ଟାଉଛି ଶୋଷ

## ଜଳ କଷ୍ଟ ଭୋଗୁଛନ୍ତି ମସ୍ତିପୁଟ ଓ ଓର୍ଗେଲ ଗ୍ରାମବାସୀ

ଚିତ୍ରକୋଣ୍ଡା,୧।୮ (ଆନିସ): ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳ ତଥା ଚିତ୍ରକୋଣ୍ଡା ବ୍ଲକ କପାତୁଟି ପଞ୍ଚାୟତ ଅଧୀନ ମସ୍ତିପୁଟ ଏବଂ ଓର୍ଗେଲ ଗ୍ରାମରେ ଉତ୍କଟ ଜଳ ସମସ୍ୟା ଦେଖା ଦେଇଛି।ଗତ କିଛିଦିନ ହେବ ଓର୍ଗେଲ ଗ୍ରାମରେ ପାନୀୟ ଜଳ ପ୍ରକଳ୍ପରୁ ଜଳ ଯୋଗାଣ ବନ୍ଦ ରହିଥିବାରୁ ଉପରୋକ୍ତ ଦୁଇଟି ଗ୍ରାମର ଗ୍ରାମବାସୀ ମୁନ୍ଦାଏ ପିଇବା ପାଣି ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ ହୋଇଛି।ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ପ୍ରାୟ ଏକ କି.ମି ଦୂରରେ ଥିବା ଏହି ଦୁଇଟି ଗ୍ରାମରେ ଲାଗି ରହିଥିବା ପାଣି ସମସ୍ୟା ଉପରେ ପଞ୍ଚାୟତ ଓ ଜଳ ପରିମଳ ବିଭାଗର କର୍ତ୍ତୃପକ୍ଷଙ୍କ ଆଦୌ ନଜର ପଡୁନାହିଁ।ଏ ସମ୍ପର୍କରେ ଉଭୟ ଗ୍ରାମର ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ, ବ୍ଲକ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ଜଣାଇବା ସତ୍ତ୍ୱେ କେହି କର୍ଣ୍ଣପାତ କରୁ ନ ଥିବା ଦୁଇ ଗ୍ରାମର ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଗ୍ରାମ ଠାରୁ କିଛି ଦୂରରେ ଥିବା ଦୂଷିତ ଝରଣା ପାଣି ଏବଂ ଚୂହା ପାଣି ସେମାନଙ୍କର ଶୋଷ ମେଣ୍ଟାଉଥିବା ବେଳେ



ମୌଳିକ ସୁବିଧାରୁ ସେମାନେ ଏବେବି ବଞ୍ଚିତ ହୋଇ ରହିଛନ୍ତି। ଗାଁର ମହିଳାମାନେ ଉକ୍ତ ଚୂହା ଓ ଝରଣାରୁ ଗରାରେ ପାଣି ସଂଗ୍ରହ କରି ମୁଣ୍ଡରେ ବୋହି ବିପଦ ସଂକୁଳ ଅବସ୍ଥାରେ ଖାଲ ଖମା ରାସ୍ତା ଦେଇ ନିଜ ନିଜ ଘରକୁ ଆଣୁଛନ୍ତି।ସୂଚନା ଥାଉକି, ମସ୍ତିପୁଟ ଗ୍ରାମରେ ପ୍ରାୟ ୨୫ ରୁ ଉର୍ଦ୍ଧ ଏବଂ ଓର୍ଗେଲ ଗ୍ରାମରେ ପ୍ରାୟ ୪୦ ରୁ ଉର୍ଦ୍ଧ ପରିବାର ଦୀର୍ଘ ବର୍ଷ ଧରି ବସବାସ କରି ଆସୁଛନ୍ତି।ଉପରୋକ୍ତ ଦୁଇ ଗ୍ରାମବାସୀଙ୍କୁ ହାତ ପାଆନ୍ତରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାରଙ୍କ ଜଳ ଓ ପରିମଳ ବିଭାଗ ପକ୍ଷରୁ ଗତ ୨୦୨୨ ମସିହା ନଭେମ୍ବର ମାସ ୨୫ ତାରିଖରେ ପ୍ରାୟ ୧୪ ଲକ୍ଷ୍ୟ ଟଙ୍କା ବ୍ୟୟରେ ଏକ ୩୦ ହଜାର ଲିଟର କ୍ଷମତା ବିଶିଷ୍ଟ ଓଭର ହେଡ଼ ଟ୍ୟାଙ୍କ ତଥା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ୨୦୨୪ ମସିହା ଡିସେମ୍ବର ୨୨ ତାରିଖରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ଏଥି ସହିତ ବିଭାଗ ପକ୍ଷରୁ ପ୍ରାୟ ୨୧ ଲକ୍ଷ୍ୟ ଟଙ୍କା ବ୍ୟୟରେ ଏକ ପମ୍ପ ହାଉସ ସହିତ ପାଇପ ବିଛାଇବା,ଦୁଇଟି ଗ୍ରାମର ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ଆଦି ସମସ୍ତ ଆବଶ୍ୟକୀୟ କାର୍ଯ୍ୟ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ଏହି ପ୍ରକଳ୍ପଟି କିଛି ମାସ ସୁରୁଖୁରୁରେ ଚାଲିବା ପରେ ଆଜକୁ କିଛି ଦିନ ହେବ ଏହି ପ୍ରକଳ୍ପରୁ ଜଳ ଯୋଗାଣ ବନ୍ଦ ସମ୍ପୂର୍ଣ ଭାବେ ରହିଛି।ଯାହା ଫଳରେ ଉଭୟ ଗ୍ରାମରେ ଦୀର୍ଘ ଦିନ ହେବ ଜଳ ସଙ୍କଟ ଲାଗି ରହିଥିବାରୁ ଗ୍ରାମବାସୀଙ୍କ ସମେତ ଗାଇ ଗୋରୁ ଓ ଅନ୍ୟାନ୍ୟ ଗୃହ ପାଳିତ ପ୍ରାଣୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଶଶି ଭୂଷଣ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଓର୍ଗେଲ ଗ୍ରାମରେ ଥିବା ଜଳ ଯୋଗାଣ ପ୍ରକଳ୍ପ ଠିକ ଠାକ ଅଛି। ଏହି ପ୍ରକଳ୍ପରୁ ପ୍ରତିଦିନ ପାଣି ଛାଡିବା ଦାୟିତ୍ୱରେ ଥିବା ଅପ୍ରେଟର ଗତ କିଛି ଦିନ ହେବ କାହାକୁ କିଛି ନ ଜଣାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ପଳାଇ ଯାଇଛି। ତେଣୁ ଯେଉଁଥି ପାଇଁ ଏଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି।

# ଶିକ୍ଷକଙ୍କ ମାଡ଼ରେ ଚାଲିଗଲା ତୃତୀୟ ଶ୍ରେଣୀ ଛାତ୍ରୀର ଜୀବନ !

## ଭୟରେ ୫ ଦିନ ଧରି ସ୍କୁଲ ଆସୁନାହାନ୍ତି ଛାତ୍ରଛାତ୍ରୀ।

ଦାରିଙ୍ଗବାଡି, ୧୮ (ଆନିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ବଡ଼ବାରବା ପଞ୍ଚାୟତ ଅନ୍ତର୍ଗତ ପାର୍ଡିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ସେହି ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ମାଡରେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ମୃତ ଛାତ୍ରୀ ଜଣକ ହେଉଛନ୍ତି ଅନିତା ନାୟକ। ଆଉ ତାଙ୍କ ମାଡରେ ମୃତ୍ୟୁ ବରଣ କରିଥିବା ଶିକ୍ଷକ ପ୍ରତାପ ମଲିକ ବୋଲି ଜଣାପଡିଛି। ଏହି ଘଟଣାକୁ ନେଇ ସଂପୃକ୍ତ ଅଂଚଳରେ ତୀବ୍ର ଅସନ୍ତୋଷ ଲାଗି ରହିଛି।ଗରିବ ତଥା ନିରୀହ ବାପା ମାଆ ଝିଅର ମୃତ୍ୟୁକୁ ନେଇ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡିଛନ୍ତି । ଏହା ସହ ଛାତ୍ରୀ ମୃତ୍ୟୁ ଘଟଣା ପରେ ଆଜକୁ ୪ ଦିନ ଧରି ଗ୍ରାମର କୌଣସି ଛାତ୍ରଛାତ୍ରୀ ଶିକ୍ଷକଙ୍କ ଭୟରେ ସ୍କୁଲକୁ ଆସୁନାହାନ୍ତି । ଅନ୍ୟପଟେ ସେହି ସ୍କୁଲର ପ୍ରଧାନ ଶିକ୍ଷକ ସହଦେବ ବିଭାର ଓ ସମ୍ପୃକ୍ତ ଶିକ୍ଷକ ପ୍ରତାପ ମଲିକ ସ୍କୁଲକୁ ଆସି ବସି ବସି ଘରକୁ ଫେରୁଛନ୍ତି । ଏମିତି କି ଛାତ୍ରଛାତ୍ରୀ ସ୍କୁଲ ଆସୁନଥିବା କାରଣରୁ ମଧ୍ୟାହ୍ନ ଭୋଜନ ମଧ ପ୍ରସ୍ତୁତ ହେଉନାହିଁ । ଫଳରେ ରୋଷେୟା ଦାୟିତ୍ୱର ଥିବା ପାଚିକା ମାନେ ମଧ ହାତ ବାନ୍ଧି ବସି ରହୁଛନ୍ତି। ସୂଚନା ଅନୁଯାୟୀ, ଗତ ୨୮ ତାରିଖ ଦିନ ପ୍ରଧାନ ଶିକ୍ଷକ ଅନୁପସ୍ଥିତ ରହିବା ସହ ପ୍ରତାପ ମଲିକ ହିଁ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ଦାୟିତ୍ୱରେ ରହିଥିଲେ । ଏହି ସମୟରେ ଅନିତା ନାୟକଙ୍କୁ ସେ କିଛି ପାଠ ପଚାରିବା ପରେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ପ୍ରତାପ ମଲିକ ତାଙ୍କୁ ମାଡ଼ ମାରିଥିଲେ । ଘଟଣା ସ୍ଥଳରେ ହି ଅନିତା ନାୟକ ଅଚେତ ହୋଇ ତଳେ ପଡିଯାଇଥିଲେ। ଖବର ପାଇ ବାପା ପୂର୍ଣ୍ଣଚନ୍ଦ୍ର ନାୟକ ଓ ମାଆ ବିଷ୍ଣୁ ନାୟକ ସ୍କୁଲରେ ପହଞ୍ଚି ଅଚେତ ଅବସ୍ଥାରେ ପଡିଥିବା ଝିଅକୁ ଘରକୁ ଆଣି ସୋରଡ଼ା ହସ୍ପିଟାଲକୁ ଆମ୍ବୁଲାନ୍ସ ଯୋଗେ ନେଇଥିଲେ। ଆଉ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏହି ସମୟରେ ମାଡ଼ ମାରିଥିବା ଶିକ୍ଷକ ପ୍ରତାପ ମଲିକ ହସ୍ପିଟାଲ ମଧ ଯାଇନଥିଲେ। ଆଉ ମୃତ ଝିଅକୁ ଆଣି ବାପା ମାଆ ଗ୍ରାମବାସୀଙ୍କ ସହାୟତାରେ ଶବ ସତ୍କାର କରିବା ପରେ ଗ୍ରାମରେ ଏବେ ଶୋକାକୁଳ ପରିବେଶ ଲାଗି ରହିବା ସହ ଅଶାନ୍ତିର ବାତାବରଣ ଲାଗି ରହିଛି!

ଅନ୍ୟପକ୍ଷରେ, ସମ୍ପୃକ୍ତ ଶିକ୍ଷକ କହିଛନ୍ତି ଯେ ସେ ଛାତ୍ରୀଙ୍କୁ କୌଣସି ପ୍ରକାର ମାଡ଼ ମାରିନାହାନ୍ତି। ବିଦ୍ୟାଳୟକୁ ଗତ ୪ ଦିନ ଧରି ଛାତ୍ରଛାତ୍ରୀ କାହିଁକି ଆସୁନାହାନ୍ତି, ସେ ସମ୍ପର୍କରେ ମଧ ସେ ଅବଗତ ନଥିବା କହିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ଅଭିଭାବକମାନେ ପିଲାମାନଙ୍କ ସୁରକ୍ଷାକୁ ନେଇ ଏବେ ଆତଙ୍କିତ ଥିବାରୁ ଗତ ୪ ଦିନ ହେଲା କୌଣସି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଉନାହାନ୍ତି। ଫଳରେ ବିଦ୍ୟାଳୟରେ ପାଠପଢ଼ା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ଘଟଣାର ସୂଚନା ପାଇବା ପରେ ରାଇକିଆ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏବିଇଓ ବିନ୍ଦୁ ନାୟକଙ୍କ ସମେତ ବଡ଼ବାରବା ସିଆରସିସି ମନୋଜ କୁମାର ପ୍ରଧାନ, ଲେଙ୍ଗୁମାହା ସିଆରସିସି ସରୋଜ ପ୍ରଧାନ, ମାଣିକେଶ୍ୱରୀ ସିଆରସିସି ସିମାଞ୍ଚଳ ପ୍ରଧାନ ଓ ଚୂନପଲି ସିଆରସିସି ମିଳନ କୁମାର ପ୍ରଧାନ ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ସେମାନେ ପିଲାଙ୍କୁ ପୁଣି ବିଦ୍ୟାଳୟକୁ ପଠାଇବାକୁ ଅନୁରୋଧ କରିଥିଲେ। ମାତ୍ର ଅଭିଭାବକମାନେ ଘଟଣାର ନିରପେକ୍ଷ ତଦନ୍ତ ଓ ଉପଯୁକ୍ତ ପଦକ୍ଷେପ ନ ନିଆଯିବା ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ପଠାଇବେ ନାହିଁ ବୋଲି ସିଧା ସିଧା ଶୁଣାଇଥିଲେ। ଗ୍ରାମବାସୀଙ୍କ ଏଭଳି ଉତ୍ତର ପାଇବା ପରେ ଶିକ୍ଷା ବିଭାଗର ସମସ୍ତ ଅଧିକାରୀ ପାର୍ଡିଗୁଡ଼ା ଗାଁରୁ ନିରାଶରେ ଫେରି ଆସିଥିଲେ। ଅନ୍ୟ କେତେକ ଗ୍ରାମବାସୀ ବିଦ୍ୟାଳୟ ପରିସରକୁ ସଫା କରି ପୂଜାର୍ଚ୍ଚନା କରାଯିବାକୁ ମଧ ପ୍ରସ୍ତାବ ଦେଇଥିବା ସୂଚନା ମିଳିଛି। ଏହା ସହ ପୀଡ଼ିତ ପରିବାରଙ୍କ ପାଖରେ ସମ୍ପୃକ୍ତ ଅଧିକାରୀମାନେ ପହଞ୍ଚି ଶାନ୍ତନା ଦେବା ପରିବର୍ତ୍ତେ ବିଭିନ୍ନ କଟୁ କଥା କହି ଘଟଣାକୁ ଚାପି ଦେବାକୁ ଉଦ୍ୟମ କରୁଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି । ଏ ସମ୍ପର୍କରେ କନ୍ଧମାଳ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଘଟଣା ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ସ୍ଥାନୀୟ ଅଧିକାରୀଙ୍କ ଠାରୁ ତଥ୍ୟ ସଂଗ୍ରହ କରି ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଏହି ଘଟଣା ସାମ୍ନାକୁ ଆସିବା ପରେ ଅପହଞ୍ଚ ଇଲାକାରେ ପାଠ ପଢୁଥିବା ଛାତ୍ରଛାତ୍ରୀ ସୁରକ୍ଷିତ ନଥିବା ସ୍ପଷ୍ଟ ହୋଇଛି ! କନ୍ଧମାଳ ଜିଲ୍ଲା ପ୍ରଶାସନ ଏହି ଘଟଣାର ତଦନ୍ତ କରି ଦୋଷୀ ଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ କରା ନଗଲେ ସେହି ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ହେବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ଦୁଇ ନକଲି ଗୁମାସ୍ତା ଗିରଫ



ପୁରୀ,୧୮(ଆନିସ):ଜଗନ୍ନାଥ ମନ୍ଦିର ପରିସରରେ ଅସାଧୁ କାରବାର ରୋକିବା ପାଇଁ ସିଂହଦ୍ୱାର ପୋଲିସ ଭକ୍ତଙ୍କ ଠାରୁ ଅର୍ଥ ଆଦାୟ କରୁଥିବା ଦୁଇ ଜଣ ନକଲି ଗୁମାସ୍ତାଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ଏକ ମାମଲା ଦାୟର କରାଯାଇଛି। ଦୁଇ ଗିରଫ ମଧ୍ୟରେ ଜଣେ ପୁରୀ କିମ୍ବାରପଡାର ରାଜେଶ କୁମାର ତ୍ରିପାଠୀ ହୋଇଥିବା ବେଳେ ଅନ୍ୟ ଜଣଙ୍କ ନାମ ପ୍ରକା କରାଯାଇନାହିଁ। ସେମାନେ ଭକ୍ତଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅର୍ଥ ଆଦାୟ କରୁଥିଲେ। ପୋଲିସ ଏ ସମ୍ପର୍କରେ ଅଧିକ ତଦନ୍ତ କରୁଛି। ଭକ୍ତମାନେ ଏସମ୍ପର୍କରେ ସତର୍କ ରହିବାକୁ ପୁଲିସ ପକ୍ଷରୁ କୁହାଯାଇଛି। କିଛି ସନ୍ଦେହ ହେଲେ ପୋଲିସକୁ ସୂଚନା ଦେବାକୁ ପରାମର୍ଶ ଦିଆଯାଇଛି।

## ଆନ୍ଧ୍ରରୁ ମାଡି ଆସୁଛନ୍ତି ହାତୀପଲ



କାଶୀନଗର,୧୮(ଆନିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକ ର ଇଦୁଡ଼ି ନିକଟ ରେ ପୁଣି ଚାରିଟି କିଆ ହାତୀ ପଲ ଆନ୍ଧ୍ର ରୁ ମାଡି ଆସୁଥିବା ଦେଖାଯାଇଛି। ଆନ୍ଧ୍ର ର ଶ୍ରୀକାକୁଲମ ଜିଲ୍ଲା ଭାଲେରି ଗ୍ରାମ ତଥା ବଂଶଧରା ନଦୀ ରେ ପାର ହୋଇ ଓଡ଼ିଶାର ଇଦୁଡ଼ି, ବୁଦୁରା, ରେ ହାତୀ ପଲ ଗୋଟିଏ ଆମ୍ବତୋଟାରେ ରହିଛନ୍ତି, ବର୍ତ୍ତମାନ ହେଉଥିବା ପରିବା, ଲାଉ, ବାଇଗଣ, ଜହ୍ନି ଇତ୍ୟାଦି ନଷ୍ଟ କରୁଛନ୍ତି। ପୁଣି କେତେବେଳେ ଚାଲି ଯାଉଛନ୍ତି। ଗତ ଦୁଇ ବର୍ଷ ହେଲା ଏହି ଅଂଚଳ ରେ ହାତୀଙ୍କ ଉପଦ୍ରବ ଦେଖାଯାଇଛି।

## ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ତିନି ଜଣ ଅଧିକାରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ



ନବରଙ୍ଗପୁର,୧୮(ଆନିସ): ନବରଙ୍ଗପୁର ଜିଲ୍ଲା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିବା ଅଧିକାରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା। ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମାନିତ ଅଧିକାରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ ପ୍ରମୋଦ କୁମାର ପୃଷ୍ଟି ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମାନ ଉପସ୍ଥିତ ଥିଲେ। ଓସ୍ୱାସ ହେଉଛି ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ଇ-ଗଭର୍ଣାନ୍ସ ପ୍ଲାଟଫର୍ମ, ଯାହା ମାଧ୍ୟମରେ ସରକାରୀ ଫାଇଲର ଅନଲାଇନ୍ ପରିଚାଳନା, ଶୀଘ୍ର ନିଷ୍ପତ୍ତି, ସମୟବଦ୍ଧ ସେବା ପ୍ରଦାନ ଏବଂ ପ୍ରଶାସନରେ ସ୍ୱଚ୍ଛତା ଓ ଦକ୍ଷତାକୁ ସୁନିଶ୍ଚିତ କରାଯାଉଛି। ଜୁଲାଇ-୨୦୨୬ ମାସରେ ରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବା ତିନି ଜଣ ଅଧିକାରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅଧିକାରୀ ହେଲେ ମିସ୍ ସମିନା ଆଖତାରୀ, ଡେପୁଟି କଲେକ୍ଟର (ପ୍ରତିଷ୍ଠାନ) ପ୍ରଥମକମିସ୍ ସମିନା ଆଖତାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଦ୍ୱିତୀୟ ଓ ଡେପୁଟି କଲେକ୍ଟର (ରାଜସ୍ୱ) ଗୀତାଞ୍ଜଳି ବେହେରା। ସମ୍ମାନ ପ୍ରଦାନ ପରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଓସ୍ୱାସ କେବଳ ଏକ ସଫ୍ଟୱେୟାର ନୁହେଁ, ଏହା ସୁଶାସନ, ସ୍ୱଚ୍ଛତା ଓ ଦକ୍ଷ ପ୍ରଶାସନର ଏକ ଶକ୍ତିଶାଳୀ ମାଧ୍ୟମ। ଫାଇଲର ଦ୍ରୁତ ନିଷ୍ପତ୍ତି ହେଲେ ସାଧାରଣ ଜନତାଙ୍କ କାର୍ଯ୍ୟ ଠିକ୍ ସମୟରେ ସମ୍ପନ୍ନ ହୋଇପାରିବ। ଆଜି ସମ୍ମାନିତ ହୋଇଥିବା ଅଧିକାରୀମାନେ ନିଷ୍ଠା, ଦାୟିତ୍ୱବୋଧ ଓ କର୍ମଦକ୍ଷତାର ଉତ୍କୃଷ୍ଟ ପରିଚୟ ଦେଇଛନ୍ତି। ସେମାନଙ୍କ ଏହି ସଫଳତା ସମଗ୍ର ଜିଲ୍ଲା ପ୍ରଶାସନ ପାଇଁ ଗର୍ବର ବିଷୟ ବୋଲି ଜିଲ୍ଲାପାଳ କହିଥିଲେ।କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସମ୍ମାନିତ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ୧୨ ଅସ୍ଥାୟୀ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ଓ ବକେୟା ଦରମା ଦାବ

ଜୟପୁର,୧୮(ଅନିସ): ନିଖିଳ ଓଡ଼ିଶା ପୂର୍ତ୍ତ ବିଭାଗ ଅସ୍ଥାୟୀ କର୍ମଚାରୀ ସଂଘ, ଜୟପୁର ପୂର୍ତ୍ତ ମଣ୍ଡଳ ପକ୍ଷରୁ ଦୀର୍ଘ ୩୨ ବର୍ଷ ଧରି କାର୍ଯ୍ୟରତ ୧୨ ଜଣ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ସହ ବକେୟା ଦରମା ତୁରନ୍ତ ପ୍ରଦାନ କରିବାକୁ ଦାବି କରାଯାଇଛି।ସଂଘର ସଭାପତି ସତୀଶ ଚନ୍ଦ୍ର ନାୟକଙ୍କ ସୂଚନା ଅନୁଯାୟୀ, ୧୨ ଜଣ କର୍ମଚାରୀ ୧୨ ଏପ୍ରିଲ ୧୯୯୩ରୁ ବିଭିନ୍ନ ପଦବୀରେ ଅସ୍ଥାୟୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ସ୍ଥାୟୀ ନିଯୁକ୍ତି ସମ୍ପର୍କିତ ପ୍ରସ୍ତାବ ଅର୍ଥ ବିଭାଗ ଏବଂ ପୂର୍ତ୍ତ ବିଭାଗର ବିଭିନ୍ନ ପତ୍ର ମାଧ୍ୟମରେ ଯନ୍ତ୍ରୀ ମୁଖ୍ୟଙ୍କ ନିକଟକୁ ପଠାଯାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ।ଅଭିଯୋଗ ଅନୁସାରେ, ପ୍ରସ୍ତାବ ବିଚାରାଧୀନ ଥିବା ସମୟରେ ଗତ କିଛି ମାସ ହେଲା କର୍ମଚାରୀ ମାନଙ୍କ ଦରମା ବନ୍ଦ ରହିଛି। ଏନେଇ ବାରମ୍ବାର ଜୟପୁର ପୂର୍ତ୍ତ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ ସନ୍ତୋଷଜନକ ସମାଧାନ ମିଳିନଥିବା ଦାବି କରାଯାଇଛି। ଦରମା ବନ୍ଦ ହୋଇଥିବାରୁ ପରିବାର ପ୍ରତିପୋଷଣ ଓ ପିଲାମାନଙ୍କ ପାଠପଢ଼ାରେ ଗୁରୁତର ସମସ୍ୟା ଦେଖାଦେଇଥିବା କର୍ମଚାରୀମାନେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମ ମାଧ୍ୟମରେ ସେମାନଙ୍କ ସମସ୍ୟାକୁ ସରକାରଙ୍କ ଦୃଷ୍ଟିକୁ ଆଣି ସ୍ଥାୟୀ ନିଯୁକ୍ତି ଓ ବକେୟା ଦରମା ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

## ନ୍ୟାୟ ଦାବିରେ ଶବ ରଖି ଜାତୀୟ ରାଜପଥ ଅବରୋଧ



ଜୟପୁର ୧୮(ଆନିସ): କୋରାପୁଟ ଜିଲ୍ଲାର ବାରିଣୀପୁଟ ଯୋଜନା ଉଚ୍ଚ ବିଦ୍ୟାଳୟରେ ଗତକାଲି ପୂର୍ବତନ ଛାତ୍ରଙ୍କ ଛୁରା ମାଡ଼ରେ ଜଣେ ଦଶମ ଶ୍ରେଣୀର ଛାତ୍ର ମହେଶ ବାଘଙ୍କ ମୃତ୍ୟୁ ଘଟିଥିଲା। ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକ, ଗ୍ରାମବାସୀ ଓ ସ୍ଥାନୀୟ ଲୋକେ ଜୟପୁର-କୋରାପୁଟ ୨୬ ନମ୍ବର ଜାତୀୟ ରାଜପଥର ବାରିଣୀପୁଟଠାରେ ଶବ ରଖି ରାସ୍ତା ଅବରୋଧ କରିଛନ୍ତି। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ସହ ଛୁରାମାଡ଼ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ବାଳକଙ୍କୁ ଶୀଘ୍ର ଗିରଫ କରିବା ଦାବିରେ ଆନ୍ଦୋଳନକାରୀମାନେ ଟାୟାର ଜାଳି ପ୍ରତିବାଦ କରୁଛନ୍ତି । ଫଳରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା ଏବଂ ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି । ଖବର ପାଇ ପୋଲିସ ପ୍ରଶାସନ, ଜୟପୁର ତସିଲଦାର ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ପରିସ୍ଥିତି ସ୍ୱାଭାବିକ କରିବାକୁ ଉଦ୍ୟମ ଜାରି ରଖିଛି।

## ଦାଦନ ଖଟିବାକୁ ଯାଇ ଦୁଇ ଗୋଡ଼ ହରାଇଲେ ଯୁବକ, ସରକାରୀ ସହାୟତାକୁ ଅପେକ୍ଷା

କୋଟଗଡ,୧୮(ଆନିସ): କୋଟଗଡ ଥାନା ପାରିଗଡ଼ ପଂଚାୟତ ର ହଦଗାଁ ରେ ଦାଦନର ଦାରୁଣ ଦୁଃଖ ଶୋକ ସନ୍ତପ୍ତ ପରିବାରର ଆଖିରୁ ଶୁଖୁନି ଲୁହ ଦୁଇ ପଇସା ଆଣିବ ଗରିବ ପରିବାର ଲୋକଙ୍କ ମନମୁତାବକ ଆଶା ପୂରଣ କରିବ ବୋଲି ପ୍ରାୟ ଏକ ମାସ ତଳେ ଯାକବ ପ୍ରଧାନ(୨୨)ବର୍ଷ ଘରୁ ବାହାରିଥିଲେ। ଯାକବ ପ୍ରଥମେ କୋଟଗଡରୁ କାମ ଅନ୍ୱେଷଣ ରେ ରାଜସ୍ଥାନ ଯିବା ପାଇଁ କହି ଘରୁ ଚାଲିଯାଇଥିଲେ। ହେଲେ ସେ ଜୁଲାଇ ମାସ ୧୫ତାରିଖ ରେ ରାଜସ୍ଥାନ ପାଇଁ ଟ୍ରେନ ରେ ଯାଇଥବା ବେଳେ ଟ୍ରେନରୁ ଖସି ଦୁଇଗୋଡ଼ ହରାଇ ରାଜସ୍ଥାନର ଯୋଧପୁର ଜିଲ୍ଲାର ଶାସ୍ତ୍ରୀ ନଗରର ମାଥୁରଦାସ ମାଥୁର ହସ୍ପିଟାଲ ରେ ଟ୍ରମାକେୟାରରେ ଚିକିତ୍ସିତ ହେଉଥିବା କଥା ପରିବାର ଲୋକଙ୍କୁ ସୂଚନା ମିଳିଥିଲା। ତେ ପିତା ସୁନ୍ଦେ ପ୍ରଧାନ ଓ ମାତା ରିବଜିନି ପ୍ରଧାନ ମ୍ରିୟମାଣ ହୋଇ ସ୍ଥାନୀୟ ବିଧାୟକ ଚକ୍ରମଣି କହଁର, ସ୍ଥାନୀୟ ବିଡିଓ, ତହସିଲଦାର ଓ କୋଟଗଡ ଥାନାର ଦ୍ୱାରସ୍ତ ହୋଇ ସହାୟତା ଲୋଡିଛନ୍ତି। ପାରିଗଡ଼ ହଦଗାଁର ଶୋକସନ୍ତପ୍ତ ୯ଜଣିଆ ପରିବାର ଏବେ ସରକାରୀ ସହାୟତା ଅପେକ୍ଷାରେ ଥିବା ବେଳେ, ଯାକବ ମାସେ ତଳୁ ବାହାରି କିପରି ରାଜସ୍ଥାନ ଯାଇନ ଥିଲା, ନା ତାସହ ଆଉ କିଛି ଦୁର୍ଘଟଣା ଘଟିଥିଲା ଏବଂ ଘରୁ ଯିବାର ୧୫ଦିନ ପରେ ରାଜସ୍ଥାନରେ ଟ୍ରେନରୁ ପଡି ଦୁଇ ଗୋଡ଼ ହରାଇବା ଜାଣି ଘଟଣାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ପରିବାର ଲୋକେ । ତେଣୁ ଘଟଣାର ତଦନ୍ତ କରାଯିବା ସହ ସହାୟତା ପାଇଁ ବିଭିନ୍ନ ନେତା ଅଧିକାରୀଙ୍କ ନିକଟରେ ନିବେଦନ କରିଛନ୍ତି ଏବଂ ଗଣମାଧ୍ୟମ ଜରିଆରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି।

## ୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ



ବାଲୁଗାଁ,୧୮(ଆନିସ)ଖୋରଧା ଜିଲ୍ଲାର ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ୨ ଟି ସ୍ଥାନରେ ଅତର୍କିତ ଭାବେ ଚଢ଼ାଉ କରାଯାଇ ୨ ଜଣ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରାଯାଇଛି ବୋଲି ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ।ଗଞ୍ଜାମ ଜିଲ୍ଲାର ବେରୁଆଁବାଡି ଗାଁର ରାଜୁ ଗୌଡ ଙ୍କ ଠାରୁ ୨ ଲକ୍ଷ ଟଙ୍କାର ଗଞ୍ଜେଇ ସହିତ ୧୦ ହଜାର ଟଙ୍କା ଜବତ କରାଯାଇଛି । ସେହିପରି ଗଞ୍ଜାମ ଜିଲ୍ଲାର ଛଚିନା-ଜଗନ୍ନାଥପୁର ଗାଁର ବାଉରୀ ବନ୍ଧୁ ଜେନା ଙ୍କ ଠାରୁ ୧ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରାଯାଇଛି । ଏ ଦୁଇ ଗଞ୍ଜେଇ ବ୍ୟବସାୟୀଙ୍କୁ ବାଲୁଗାଁ ଅବକାରୀ ବିଭାଗର ଟିମ୍ ଭିନ ଭିନ ସ୍ଥାନରୁ ଗିରଫ କରିଛନ୍ତି ବୋଲି ଅବକାରୀ ବିଭାଗର ନିରୀକ୍ଷକ ଅଜିତ କୁମାର ପାତ୍ର ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି । ଅଭିଯୁକ୍ତ ଦୁହିଁଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଗଣିଆ ଥାନାରେ ଆମ ପୋଲିସ ସମିତି ବୈଠକ




ଗଣିଆ,୧୮(ଆନିସ): ଗଣିଆ ଥାନା ପରିସରରେ ଶୁକ୍ରବାର ଦିନ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଥାନା ଭାରପ୍ରାପ୍ତ ଅଧିକାରୀ ଟଙ୍କଧର ଛତ୍ରିଆଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସଆଇ ଶ୍ୟାମସୁନ୍ଦର ପ୍ରଧାନ, ଏଏସଆଇ ପ୍ରବାସ ଶବର, ବରୀଷ୍ଠ ନାଗରିକ ମଞ୍ଚର ସଭାପତି ଗିରିଶ କୁମାର ମିଶ୍ର, ସମିତି ସଭ୍ୟ ଫକୀର ମୋହନ ଡାକୁଆଙ୍କ ସମେତ ଗଣିଆ ଅଞ୍ଚଳର ବୁଦ୍ଧିଜୀବୀ, ବ୍ୟବସାୟୀ, ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଥାନା ଅଧିକାରୀ ପୋଲିସର ଭୂମିକା, ଜନସାଧାରଣଙ୍କ ପ୍ରତି କର୍ତ୍ତବ୍ୟ, ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ସହ ଆଇନଗତ ପ୍ରକ୍ରିୟା ଓ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ଜନସାଧାରଣ ପୋଲିସ ଉପରେ ଆସ୍ଥା ପ୍ରକଟ କରି ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରିବା, ଚୋରି, ଡକାୟତି, ହତ୍ୟା, ଆତ୍ମହତ୍ୟା, ଅସାମାଜିକ କାର୍ଯ୍ୟ, ଚୋରାମଦ, ଗଞ୍ଜେଇ, ବ୍ରାଉନ ସୁଗାର ଆଦି ରୋକିବା ପାଇଁ ୧୧୨ ଡାଏଲ କଲେ ପୋଲିସ ଘଟଣାସ୍ଥଳରେ ପହଁଞ୍ଚିବା ସମ୍ପର୍କରେ ବିଷଦଭାବେ ଆଲୋଚନା କରାଯାଇଥିଲା ଜନସାଧାରଣ ସଚେତନ ହେଲେ ଅଞ୍ଚଳରୁ ଅସାମାଜିକ କାର୍ଯ୍ୟକଳାପ ଉପରେ ପୋଲିସ ରୋକି ପାରିବାରେ ସମର୍ଥ ହୋଇପାରିବବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା ଟ୍ରାଫିକ ସମସ୍ୟା, ସାପ୍ତାହିକ ହାଟରେ ରାସ୍ତା ରୁ ଯାନବାହାନ ହଟାଇବା, ବଜାର ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ନିଶା ସେବନ ରୋକିବା ଉପରେ ବିଶେଷ କରି ଧ୍ୟାନ ଦେବାପାଇଁ ଆଲୋଚନା କରାଯାଇଥିଲା ପୋଲିସକୁ ଭୟ ନ କରି ସମାଜର ବନ୍ଧୁଭାବେ ଗ୍ରହଣ କରିବା ପାଇଁ ଥାନା ଅଧିକାରୀ ପରାମର୍ଶ ଦେଇଥିଲେ।

## ଗର୍ଭବତୀ ମହିଳାଙ୍କୁ ଉଦ୍ଧାରକଲା ଓଡ୍ରାଫ୍

ଭଦ୍ରକ,୧୮(ଆନିସ):ବନ୍ୟା ପରିସ୍ଥିତି ମଧ୍ୟରେ ଭଦ୍ରକ ଜିଲ୍ଲାର ତିହିଡ଼ି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମପଞ୍ଚାୟତର କୁଆଁରୀଛତ୍ର ଗ୍ରାମର ରଞ୍ଜିତା ମହାନ୍ତି (ସ୍ୱାମୀ- ବିକାଶ ମହାନ୍ତି) ପ୍ରସବ ବେଦନା ଅନୁଭବ କରିବା ପରେ ଜିଲ୍ଲା ପ୍ରଶାସନଙ୍କ ସମନ୍ୱୟରେ ଓଡ୍ରାଫ୍ ଟିମ୍ ତାଙ୍କୁ ସଫଳତାର ସହ ଉଦ୍ଧାର କରିଛନ୍ତି।ଓଡ୍ରାଫ୍ ଟିମ୍ ପ୍ରଥମେ ରଞ୍ଜିତା ମହାନ୍ତିଙ୍କୁ ଉଦ୍ଧାର କରି କେଳାସାହି ଲିଫ୍ଟିଂ ପଏଣ୍ଟକୁ ସୁରକ୍ଷିତ ଭାବେ ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସେ ଚିକିତ୍ସାଧୀନ ଥିବାବେଳେ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ବନ୍ୟା ସମୟରେ ଜିଲ୍ଲା ପ୍ରଶାସନ, ଓଡ୍ରାଫ୍, ସ୍ୱାସ୍ଥ୍ୟ ବିଭାଗ ଓ ଜରୁରୀକାଳୀନ ସେବା ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସ ଯୋଗୁଁ ଏହି ସଫଳ ଉଦ୍ଧାର ସମ୍ଭବ ହୋଇଛି।

## ଉଦ୍ଧାର କାର୍ଯ୍ୟରେ ସାମିଲ ହେଲେ ଆଦର୍ଶ ଥାନା ଆଇଆଇସି



ପଚ୍ଚାମୁଣ୍ଡାଇ,୧୮(ଆନିସ) :ଲଘୁଚାପ ଜନିତ ଲଗାଣ ବର୍ଷା ଓ ରେଙ୍ଗାଲୀ ପ୍ରକଳ୍ପରୁ ପାଣି ଛଡ଼ାଯିବା କାରଣରୁ ବ୍ରାହ୍ମଣୀ ଅବବାହିକା ଧୋୟାଞ୍ଚଳରେ ଗୁରୁତର ବନ୍ୟା ପରିସ୍ଥିତି ଉପୁଜିଛି। ପଟ୍ଟାମୁଣ୍ଡାଇ ବ୍ଲକର ୧୪ ଟି ପଞ୍ଚାୟତ ଓ ପୌରଞ୍ଚଳର ୧୧ ଟି ୱାର୍ଡ ଜଳମଗ୍ନ ହେବା ସହିତ ଗ୍ରାମ ଓ ସାହି, ବସ୍ତି ଗୁଡ଼ିକ ପାଣି ଘେରରେ ରହିଛି। ୭୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇ ପଡ଼ିଥିବା ବେଳେ ପ୍ରାୟ ୨୦ ହଜାରରୁ ଅଧିକ ଗୃହପାଳିତ ପଶୁ ଜଳବନ୍ଦୀ ଅବସ୍ଥାରେ ରହି ଖାଦ୍ୟ ବିନା ଡହଳ ବିକଳ ହେଉଛନ୍ତି। ବ୍ରାହ୍ମଣୀରେ ହଠାତ୍ ବଡ଼ ବନ୍ୟା ଆସିବା ଫଳରେ ଲୋକେ ନିରାପଦ ସ୍ଥାନକୁ ଚାଲିଯିବା ପାଇଁ ସୁଯୋଗ ନ ପାଇ ବହୁ ଗରିବ ପରିବାର ପିଲା, ଛୁଆ ଧରି ଭୋକ ଉପାସରେ ସମୟ କାଟୁଛନ୍ତି। ବନ୍ୟା ପରିସ୍ଥିତିର ଗମ୍ଭୀରତାକୁ ଲକ୍ଷ୍ୟ କରି ପଟ୍ଟାମୁଣ୍ଡାଇର ସର୍ବୋଚ୍ଚ ସମ୍ମାନ ସୁକନ୍ୟା ସମ୍ମାନରେ ସମ୍ମାନୀତ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀଣି ବନ୍ଦନା ପାତ୍ର ବନ୍ୟାର ଭୟାବହତାକୁ ଖାତର ନ କରି ପଟ୍ଟାମୁଣ୍ଡାଇର ବନ୍ୟା ପ୍ଲାବିତ ବିଭିନ୍ନ ଅଞ୍ଚଳକୁ ଗସ୍ତ କରିବା ସହିତ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରିଥିବା ଘଟଣା ସାଧାରଣରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି।

## ଜଗନ୍ନାଥ ଜଣାଣ ପୁସ୍ତକ ଚକା ଚକା ଆଖି ଦୁଇ ଶ୍ରୀଜିଉଙ୍କୁ ଶ୍ରଦ୍ଧାର୍ପିତ

ବ୍ରହ୍ମପୁର,୧୮(ଆନିସ): ବ୍ରହ୍ମପୁର ମହାନଗରର ବିଶିଷ୍ଟ ଲେଖିକା ତଥା ଶିଶୁ ସାହିତ୍ୟିକା ଲୋପା ସାମଲଙ୍କ ଦ୍ୱାରା ରଚିତ ଜଗନ୍ନାଥ ଜଣାଣ ପୁସ୍ତକ




ଚକା ଚକା ଆଖି ଦୁଇ ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ସ୍ଥାନୀୟ କୋର୍ଟପେଟା ଜଗନ୍ନାଥ ମନ୍ଦିରରେ ଶ୍ରୀଜିଉଙ୍କୁ ଶ୍ରଦ୍ଧାର୍ପଣ କରାଯାଇଛି। ପ୍ରଥମେ ମନ୍ଦିର .ପୂଜକଙ୍କ ଦ୍ୱାରା ପୁସ୍ତକର ଏକ ପ୍ରତିଲିପି ଶ୍ରୀଜିଉଙ୍କ ନିକଟରେ ଅର୍ପଣ ପୂର୍ବକ ପୂଜାପାଠ କରାଯାଇଥିଲା। ଏହାପରେ ଲେଖିକା ଲୋପା ସାମଲଙ୍କ ଆବାହକତ୍ୱରେ ପୁସ୍ତକ ଉନ୍ମୋଚନ ଓ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଚିତ୍ରଶିଳ୍ପୀ ରବୀନ୍ଦ୍ର କୁମାର ମାଝୀ, ସାହିତ୍ୟିକ ସୁଶାନ୍ତ କୁମାର କର, କବି ଚନ୍ଦ୍ରଶେଖର ମହାପାତ୍ର, ବିଷ୍ଣୁପ୍ରିୟା ସାମଲ, ତରଣୀସେନ ଜେନା, ମଦନମୋହନ ଜେନା, କାହ୍ନୁଚରଣ ନାୟକ, ଇଂ. ସ୍ୱାଗତିକା ରାଉତ, ଆଦିତ୍ୟ ଜେନା, ଜଲି ସାମଲ, ଅଂଶିକା ନାୟକଙ୍କ ସମେତ ବହୁ ଶୁଭେଚ୍ଛୁ, ଭକ୍ତ ଉପସ୍ଥିତ ଥିଲେ। ଏହି ଅବସରରେ ଚନ୍ଦ୍ରଶେଖର ମହାପାତ୍ର ଉକ୍ତ ପୁସ୍ତକର ଏକ ଜଣାଣ ଗାନକରି ଉପସ୍ଥିତ ଭକ୍ତମଣ୍ଡଳୀକୁ ସହ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଶେଷରେ ସାହିତ୍ୟିକା ଲୋପା ସାମଲଙ୍କ ତରଫରୁ ସମସ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା।

## ସୂଚନା ବିଭାଗର ନିକ୍ଷେପକଙ୍କୁ ଅବସର ସମ୍ବର୍ଦ୍ଧନା

ପୁରୀ,୧୮(ଆନିସ):ସୂଚନା ଓ ଲୋକ ସମ୍ପର୍କ ବିଭାଗ ପୁରୀ ରେ କାର୍ଯ୍ୟରତ ନିକ୍ଷେପକ ବା ପ୍ରୋଜେକ୍ସନିଷ୍ଟ ପ୍ରସନ୍ନ କୁମାର ସାହୁ ସରକାରୀ କାର୍ଯ୍ୟ ରୁ ଅବସର ଗ୍ରହଣ କରିଛନ୍ତି। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ରେ ଉପଖଣ୍ଡ ସୂଚନା ଅଧିକାରୀ ପ୍ରଦୀପ୍ତ ସେନାପତି, ଗ୍ରନ୍ଥାଗାରିକ ମିନତୀ ଦାସ, ଭଣ୍ଡାର ରକ୍ଷକ ରବୀନ୍ଦ୍ର କୁମାର ଦାସ, ବରିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର କୁମାର ସ୍ୱାଇଁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବ୍ରହ୍ମପୁର ପାଟ ବସ୍ତ୍ର ପାରମ୍ପାରିକ ପ୍ରଦର୍ଶନ ଉତ୍ସବ ସ୍ମରଣିକା ଉନ୍ମୋଚନ



ଗଞ୍ଜାମ,୧୮(ଆନିସ)ପ୍ରଥମ ଥର ପାଇଁ ବ୍ରହ୍ମପୁର ପାଟ ବୁଣାକାର ମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ ତଥା ପାଟବସ୍ତ୍ରରେ ନିର୍ମିତ ବିଭିନ୍ନ ପାରମ୍ପରିକ ପୋଷାକ ପ୍ରଦର୍ଶନ ଉତ୍ସବ ବ୍ରହ୍ମପୁର ସ୍ଥିତ ଆମେ ସବୁ ଡିଜିଟାଲ ପ୍ଲାଟଫର୍ମ ଦ୍ୱାରା ଆୟୋଜିତ ହୋଇଥିଲା ।ଏଥିରେ ଅଞ୍ଚଳର ବିଭିନ୍ନ ମ୍ୟାନେଜମେଣ୍ଟ ଅନୁଷ୍ଠାନ ଓ ଇଞ୍ଜିନିୟରିଂ କଲେଜ ଛାତ୍ରଛାତ୍ରୀ ପ୍ରଥମେ ଅଂଶଗ୍ରହଣ କରିଥିଲେ ।କୃତି ପ୍ରତିଯୋଗୀ ଅନୁଷ୍ଠାନ ତରଫରୁ ପ୍ରଦତ୍ତ ପାଟବସ୍ତ୍ରରେ ବିଭିନ୍ନ ପ୍ରକାର ପୋଷାକ ତିଆର କରିଥିଲେ ।ଏଭଳି ଫ୍ୟାସନ ସୋ' ଓଡ଼ିଶାରେ ପ୍ରଥମ । ଏହି ଉତ୍ସବର ଉଦେଶ୍ୟରେ ପ୍ରସ୍ତୁତ ଏକ ସୁଦୃଶ୍ୟ ସ୍ମରଣିକାକୁ ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତିଭାସନ୍ ଉନ୍ମୋଚନ କରିଥିଲେ । ବ୍ରହ୍ମପୁର ପାଟ ଉଦ୍ଦେଶ୍ୟରେ ଏହି ପ୍ରକାର ଅଭିନବ ପ୍ରୟାସକୁ ଜିଲ୍ଲାପାଳ ପ୍ରଶଂସା କରିବାସହ ଏପରି ଉଦ୍ୟମ ଜାରି ରଖିବାକୁ କହିଥିଲେ ।ଏହି ଅବସରରେ ଆକାଶବାଣୀ ବ୍ରହ୍ମପୁର କେନ୍ଦ୍ରର ପ୍ରାକ୍ତନ ନିର୍ଦ୍ଦେଶକ ତଥା ଆମେ ସବୁର ମୁଖ୍ୟ କାର୍ଯ୍ୟନିର୍ବାହୀ ହୃଷୀକେଶ ପାଣିଗ୍ରାହୀ , ବିଶିଷ୍ଟ ମନସ୍ତତ୍ତ୍ୱବିତ ସୁଦୀପ୍ତା ପାଣିଗ୍ରାହୀ, ଆମେ ସବୁ ଛତ୍ରପୁର ଆଞ୍ଚଳିକ ମୁଖ୍ୟ ତଥା ବରିଷ୍ଠ ସମାଜସେବୀ ଅରୁଣ କୁମାର ଶତପଥୀ ଯୋଗ ଦେଇ ଥିଲେ।

# ଗୋଦାବରୀଶ ମିଶ୍ର ବିଦ୍ୟାଳୟ ପାଇଁ ଜାଗା ଚିହ୍ନଟ କଲେ ଜିଲ୍ଲାପାଳ



ବାଲିଗୁଡ଼ା,୧୮(ଆନିସ): ଲଣ୍ଡାଗାଁ ଓ ଖମାନଖୋଲରେ ଗୋଦାବରୀଶ ମିଶ୍ର ବିଦ୍ୟାଳୟ ପାଇଁ ଜାଗା ଚିହ୍ନଟ କଲେ ଜିଲ୍ଲାପାଳ। ଜିଲ୍ଲାପାଳ ବେଦଭୂଷଣ ବାଲିଗୁଡ଼ା ବ୍ଲକର ସୀମାନ୍ତ ପଞ୍ଚାୟତ ଲଣ୍ଡାଗାଁ ଓ ଖମାନଖୋଲ ଗସ୍ତ କରି ଉଭୟ ପଞ୍ଚାୟତରେ ପ୍ରସ୍ତାବିତ ଗୋଦାବରୀଶ ମିଶ୍ର ବିଦ୍ୟାଳୟ ପାଇଁ ଜମି ଚିହ୍ନଟ କରିଛନ୍ତି।ଲଣ୍ଡାଗାଁ ପଞ୍ଚାୟତର ଖଇରବାଡ଼ି ଠାରେ ଏବଂ ଖମାନଖୋଲ ପଞ୍ଚାୟତର ଖମାନଖୋଲ ଠାରେ ବିଦ୍ୟାଳୟ ସ୍ଥାପନ ନିମନ୍ତେ ସ୍ଥାନ ଚିହ୍ନଟ କରାଯାଇଥିବା ବେଳେ ଜିଲ୍ଲାପାଳ ଉଭୟ ସ୍ଥାନକୁ ପରିଦର୍ଶନ କରି ପ୍ରସ୍ତାବିତ ଜମିର ସ୍ଥିତି ସମୀକ୍ଷା କରିଥିଲେ। ଏହାପରେ ସେ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଲଣ୍ଡାଗାଁ ପରିଦର୍ଶନ କରି ବିଦ୍ୟାଳୟର ଶିକ୍ଷା ପରିବେଶ, ଭିତ୍ତିଭୂମି ଓ ବିଭିନ୍ନ ସୁବିଧାର ସମୀକ୍ଷା କରିବା ସହ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ।ଗସ୍ତ ସମୟରେ ବାଲିଗୁଡ଼ା ତହସିଲଦାର ଦୀପ୍ତି ପ୍ରକାଶ ବେହେରା, ପ୍ରଦୀପ ରଣା, ପ୍ରଧାନଶିକ୍ଷକ ଜଗବନ୍ଧୁ ନାୟକ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ, ଅଭିରାମ ରଣା, ଲଣ୍ଡାଗାଁ ସରପଞ୍ଚ ତୁଳସୀ ଝଙ୍କାର, ମୋତିଲାଲ ରଣା, ହେମନ୍ତ ରଣାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଓ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ଲଣ୍ଡାଗାଁ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ବିକାଶମୂଳକ ଦାବି ସମ୍ପର୍କରେ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ସମସ୍ତ ଦାବିକୁ ଧ୍ୟାନର ସହ ଶୁଣି ସେଗୁଡ଼ିକର ସମାଧାନ ପାଇଁ ଯଥାସମ୍ଭବ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ସ୍ୱାଗତିକା ମିସେସ୍ ଏସିଆ ୱାରଲର୍ଡ ପ୍ରତିଯୋଗିତା ବିଜୟିନୀ

ପାରଳାଖେମୁଣ୍ଡି,୧(ଆନିସ):ପାରଳାଖେମୁଣ୍ଡିର ସ୍ୱାଗତିକା ଥାଇଲାଣ୍ଡରେ ୩୧ତମ ମିସେସ୍ ଏସିଆ ୱାରଲର୍ଡ ପ୍ରତିଯୋଗିତା ବିଜୟିନୀ ହୋଇ ସମଗ୍ର ଭାରତ ପାଇଁ ଗୌରବ ଆଣିଛନ୍ତି। ପାରଳାଖେମୁଣ୍ଡି ସହରର ଚିତ୍ରକାର ସାହିର ବାସିନ୍ଦା ଭାସ୍କର ପାଣିଗ୍ରାହୀଙ୍କ କନ୍ୟା ସ୍ୱାଗତିକା ପାଣିଗ୍ରାହୀ ଥାଇଲାଣ୍ଡରେ ଅନ୍ତର୍ଜାତିୟ ବିଶ୍ୱମଂଚରେ ଭାରତ ଓ ଓଡିଶା ପାଇଁ ଗୌରବ ଆଣିଛନ୍ତି। ମୁମ୍ବାଇ ଗ୍ଲୋବାଲ ଦ୍ୱାରା ଆୟୋଜିତ ୩୧ତମ ମିସେସ୍ ଏସିଆ ୱାର୍ଲଡ ୨୦୨୬ ପ୍ରତିଯୋଗିତାରେ ସେ ଭାଗ ନେଇଥିଲେ। ଏଥିରେ ସେ ବିଜୟିନୀ ହୋଇ ବଲିଉଡର ବିଶିଷ୍ଟ ଅଭିନେତା ସୁରୀନ୍ଦର ପାଲ ସିଂ ଦ୍ୱାରା ଏହି ପଦବୀରେ ସମ୍ମାନିତ ହୋଇଛନ୍ତି । ଓଡ଼ିଶାରୁ ସେ ଏକମାତ୍ର ପ୍ରତିନିଧିତ୍ୱ କରିଥିଲେ। ପୂର୍ବରୁ ୨୦୨୫ ମସିହାରେ ମଧ୍ୟ ମିସେସ୍ ଇଣ୍ଡିଆ ପ୍ରାଇଡ୍ ଅଫ୍ ନେସନ୍ ରେ ଭାଗ ନେଇ ଗୁଡୱିଲ ଆମ୍ବାସାଡର ପଦବୀ ହାସଲ କରି ଏସିଆ ମଂଚରେ ପ୍ରବେଶ କରିଥିଲେ।ତାଙ୍କର ଏହି ସଫଳତା ପାଇଁ ନେସନାଲ ଏୱାର୍ଡ ୨୦୨୬ରେ ମଧ୍ୟ ସମ୍ମାନିତ ହୋଇଛନ୍ତି।ଗଜପତିରୁ ଆରମ୍ଭ ହୋଇଥିବା ତାଙ୍କର ସଫଳ ଯାତ୍ରା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଛି ଇଂଜିନିୟରିଂରେ ଡିଗ୍ରୀ ହାସଲ କରି ରୁର୍କି ରେ ଉଚ୍ଚଶିକ୍ଷା ଲାଭ କରି ବର୍ତ୍ତମାନ ସେ ବେଂଗାଲୁରୁର ବହୁଜାତୀୟ ଅଟୋମୋବାଇଲ କମ୍ପାନୀରେ ଆସୋସିଏଟ୍ ଟେକ୍ନିକାଲ ପ୍ରୋଜେକ୍ଟ ମ୍ୟାନେଜର ରୂପେ କର୍ମରତ ଅଛନ୍ତି।ସେ ନିଜର ଦିବଂଗତ ମାଉସୀଙ୍କ ଠାରୁ ପ୍ରେରଣା ପାଇ ଆଜି ସେ ଶ୍ରେଷ୍ଠସ୍ତରରେ ପହଂଚିପାରିଛନ୍ତି।ସେ ସ୍ୱେଚ୍ଛାସେବୀ ହିସାବରେ ମଧ୍ୟ ନିଜର ଭୂମିକା ସମ୍ପାଦନ କରୁଛନ୍ତି।ତାଂକର ମାଉସୀ ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ହୋଇ ପରଲୋକ ଗମନ କରିଥିଲେ। ତେଣୁ ସେ ଇଣ୍ଡିଆନ୍ କ୍ୟାନସର ସୋସାଇଟି ଦ୍ୱାରା ଜଡିତ ହୋଇ ସ୍ତନ କର୍କଟର ସଚେତନତା, ମାନସିକ ସ୍ୱାସ୍ଥ୍ୟ ଓ ଭାବନାତ୍ମକ ସୁସ୍ଥତା ଉପରେ ଲୋକଙ୍କୁ ସଚେତନ କରାଉଛନ୍ତି।ସେ କହନ୍ତି,ଜଣେ ମହିଳା ନିଜକୁ ସୁସ୍ଥ,ସଶକ୍ତ ଓ ଆତ୍ମବିଶ୍ୱାସ ରଖିଲେ ସେ କେବଳ ନିଜ ଜୀବନକୁ ନୁହେଁ,ନିଜ ପରିବାର ଓ ସମାଜରେ ପରିବର୍ତ୍ତନ ଆଣିପାରିବ।ତାଙ୍କର ଏହି ବିରଳ ସମ୍ମାନ ପାଇଁ ସମଗ୍ର ଗଜପତି ଜିଲ୍ଲାରେ ଶୁଭେଚ୍ଛାର ସୁଅ ଛୁଟିଛି।




# ପତ୍ନୀହନ୍ତା ସ୍ୱାମୀଙ୍କୁ ୧୦ବର୍ଷର ସଶ୍ରମ କାରାଦଣ୍ଡ

ପାରଳାଖେମୁଣ୍ଡି,୧୮(ଆନିସ): ଦାମ୍ପତ୍ୟ ଜୀବନରେ ଅଳ୍ପ ବହୁତ କଳି ଝଗଡ଼ା ସମସ୍ତଙ୍କର ପ୍ରାୟ ହୋଇଥାଏ। କିନ୍ତୁ ୨୦୨୩ମସିହାରେ ଗଜପତି ଜିଲ୍ଲାର ଅମରସିଂ ଗ୍ରାମରେ ହୋଇଥିବା ଏକ ଅଭାବନୀୟ ଘଟଣା ସମ୍ପୂର୍ଣ୍ଣ ଭିନ୍ନ। ଯେଉଁଥିରେ କି ଜଣେ ସ୍ୱାମୀ ନିଜର ସ୍ତ୍ରୀର ଅସ୍ତ୍ରୋପଚାର ହୋଇଥିବା ପେଟକୁ ଲାତ ଗୋଇଠା ମାରି ଜୀବନରୁ ମାରିଦେବା ଭଳି ଏକ ସମ୍ବେଦନଶୀଳ ମାମଲାର ଶୁଣାଣି କରି ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ସେସନ ଜଜ ହର ପ୍ରସାଦ ପଟ୍ଟନାୟକ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୦୪ ଭାଗ ୨ ଅନୁସାରେ ଗାରାବନ୍ଧ ଥାନା ଅନ୍ତର୍ଗତ ଅମରସିଂ ନିବାସୀ ଅଭିଯୁକ୍ତ ଗୁରୁନାଥ ଶବର (୪୩)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷର ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା ଅର୍ଥ ରାଶିରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଆହୁରି ଦୁଇମାସ ସଶ୍ରମ କାରାଦଣ୍ଡ ଭୋଗ କରିବେ ବୋଲି ମାନ୍ୟବର ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସରୋଜ କୁମାର ରଥ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ତା ୨୮-୧୧-୨୦୨୩ ନଭେମ୍ବର ୨୮ ତାରଖରେ ଏତଲାକାରିଣୀ ଝିଅ ପ୍ରିୟଙ୍କା ଶବର ନିଜ ବାପଘରକୁ ନିଜ ମାଆଙ୍କୁ ଭେଟିବାକୁ ଯାଇଥିଲେ। ସେତେବେଳେ ସେ ମାଆଙ୍କୁ ଘରେ ନ ପାଇ ଅପେକ୍ଷା କରିଥିଲେ। ପରେ ସନ୍ଧ୍ୟାରେ ସେ ମତେ ବଞ୍ଚାଅ, ବଞ୍ଚାଅ ଶୁଣିବାକୁ ପାଇଥିଲେ ଓ ତାଙ୍କ ମାଉସୀ ଗୁରୁବାରୀ ଜାନୀ ବାଡ଼ି କବାଟ ଖୋଲିଲା ପରେ ମୃତକ ତୁସିନ୍ଦା ଶବରଙ୍କୁ ଅତ୍ୟଧିକ ବିକଳ ଅବସ୍ଥାରେ ଡାକ ପକାଉଥିବାର ଦେଖି ତାଙ୍କୁ ଉଦ୍ଧାର କରିଥିଲେ । ପରେ ଜାଣିବାକୁ ପାଇଥିଲେ ଅଭିଯୁକ୍ତ ସ୍ୱାମୀଜଣଙ୍କ ତାଙ୍କ ଅସ୍ତ୍ରୋପଚାର ହୋଇଥିବା ପେଟକୁ ଲାତ ଗୋଇଠା ମାରି ତାଙ୍କ ଅବସ୍ଥା ସାଙ୍ଘାତିକ କରିଦେଇଛନ୍ତି। ପରେ ଅଧିକ କଷ୍ଟଦାୟକ ପୀଡା ହେବାରୁ ତା ପରଦିନ ସକାଳ ସମୟରେ ଅଟୋ ଡାକି ତାଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଚିକିତ୍ସାଳୟକୁ ନେବା ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ଏହା ପରେ ସେହି ଦିନ ଅଭିଯୁକ୍ତ ବାପାଙ୍କ ନାଁରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏତଲାକାରିଣୀ ଝିଅ ଏକ ସଙ୍ଗିନ ମାମଲା ଦାୟର କରିଥିଲେ। ମାମଲାର ଗମ୍ଭୀରତାକୁ ନଜରରେ ରଖି ସବ ଇନ୍ସପେକ୍ଟର ଚନ୍ଦ୍ରକାନ୍ତ ପ୍ରଧାନ ଓ ଲୋକନାଥ ବେହେରା ଉକ୍ତ ମାମଲାର ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିଲେ। ଆଜି ୨୨ଜଣ ବଳିଷ୍ଠ ସାକ୍ଷୀ ପ୍ରମାଣ ତଥା ୨୬ ଦସ୍ତାବିଜକୁ ଆଧାର କରି ନ୍ୟାୟାଧୀଶ ଉକ୍ତ ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନାର ସଜା ଶୁଣାଇଛନ୍ତି।

# ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୨୪୭ କଣ୍ଟ୍ରୋଲ ରୁମ୍

ଭଦ୍ରକ, ୧୮(ଆନିସ):ଜିଲ୍ଲାରେ ସମ୍ଭାବ୍ୟ ଜରୁରୀ ପରିସ୍ଥିତିର ମୁକାବିଲା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଅଧିକ ସୁଚାରୁ ଭାବେ ପରିଚାଳନା କରିବା ଲକ୍ଷ୍ୟରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ କଲେକ୍ଟରେଟ୍‌ରେ ୨୪୭ ଜିଲ୍ଲା କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। କଣ୍ଟ୍ରୋଲ ରୁମ୍‌ଟି ଦିନରାତି କାର୍ଯ୍ୟକ୍ଷମ ରହି ପରିସ୍ଥିତିର ନିରନ୍ତର ତଦାରଖ ଓ ଆବଶ୍ୟକ ସମନ୍ୱୟ କରିବ। କଣ୍ଟ୍ରୋଲ ରୁମ୍‌ରେ ସ୍ୱାସ୍ଥ୍ୟ ବିଭାଗ , ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ, ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଯୋଗାଣ



ବିଭାଗ, ପୋଲିସ ବିଭାଗ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଅଗ୍ନିଶମ ସେବାର ଅଧିକାରୀ ଓ କର୍ମଚାରୀମାନେ ୨୪ ଘଣ୍ଟା ଉପସ୍ଥିତ ରହି ସମନ୍ୱିତ ଭାବେ କାର୍ଯ୍ୟ କରୁଛନ୍ତି।ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଥିବା ବେଳେ ଜନସାଧାରଣଙ୍କ ସୁରକ୍ଷା, ଆବଶ୍ୟକ ସେବାର ନିରନ୍ତର ଯୋଗାଣ ଏବଂ ଜରୁରୀ ସହାୟତାକୁ ସୁନିଶ୍ଚିତ କରିବା ପାଇଁ ସମସ୍ତ ସମ୍ପୃକ୍ତ ବିଭାଗକୁ ସତର୍କ ଓ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଶାଶୁଘର ଆଗରେ ଗର୍ଭବତୀ ବିଧବା ବୋହୂର ଧାରଣା

## ଜାତି ପ୍ରଥାର କାନ୍ଥ ଡେଇଁ ପ୍ରେମ ବିବାହ ସ୍ୱାମୀଙ୍କ ମୃତ୍ୟୁ ପରେ ଉଭୟ ପରିବାରରୁ ଅବହେଳିତ ମହିଳା

ହିଞ୍ଜିଳିକାଟ,୧୮(ଆନିସ): ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅନ୍ତର୍ଗତ ନନ୍ଦିକ ଗ୍ରାମରେ ଶୁକ୍ରବାର ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ସାମାଜିକ ସ୍ୱୀକୃତି ଓ ନିଜ ଦୁଇ ବର୍ଷର ପୁଅକୁ ପରିବାରର ମାନ୍ୟତା ଦେବା ଦାବିରେ ଜଣେ ଗର୍ଭବତୀ ବିଧବା ବୋହୂ ଶାଶୁଘର ସମ୍ମୁଖରେ ଧାରଣାରେ ବସିଥିଲେ। ଅଭିଯୋଗ ହୋଇଛି ଯେ, ତାଙ୍କୁ ଘରେ ପ୍ରବେଶ କରିବା ତ ଦୂରର କଥା, ଦୁଆର ମୁହଁରେ ମଧ ବସିବାକୁ ଦିଆଯାଇନଥିଲା। ସୂଚନା ଅନୁଯାୟୀ, ନନ୍ଦିକ ଗ୍ରାମର ସୁନୀଲ ପ୍ରଧାନ ଓ ସେହି ଗ୍ରାମର ପୁଷ୍ପାଞ୍ଜଳି ବେହେରାଙ୍କ ମଧରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା।

୨୦୨୩ ମସିହାରେ ଉଭୟେ ପ୍ରେମ ବିବାହ କରିଥିଲେ। ତେବେ ଉଭୟଙ୍କ ଜାତି ଭିନ୍ନ ହୋଇଥିବାରୁ ଦୁଇ ପରିବାର ଏହି ବିବାହକୁ ସ୍ୱୀକୃତି ଦେଇନଥିଲେ। ପରିସ୍ଥିତିରେ ବାଧ ହୋଇ ସ୍ୱାମୀ-ସ୍ତ୍ରୀ ସୁରତକୁ ଯାଇ ସେଠାରେ ରହୁଥିଲେ। କିଛିଦିନ ପୂର୍ବେ ସୁରତରେ ସୁନୀଲଙ୍କ ମୃତ୍ୟୁ ହୋଇଥିଲା। ସେତେବେଳେ ପୁଷ୍ପାଞ୍ଜଳି ଗର୍ଭବତୀ ଥିବା ସହ ତାଙ୍କର ଦୁଇ ବର୍ଷର ଏକ



ପୁଅ ରହିଛି। ସ୍ୱାମୀଙ୍କ ମୃତ୍ୟୁ ପରେ ଅନ୍ୟ କୌଣସି ଉପାୟ ନପାଇ ସେ ସୁରତରୁ ଫେରି ଶୁକ୍ରବାର ନନ୍ଦିକ ଗ୍ରାମରେ ପହଞ୍ଚି ଶାଶୁଘର ଆଗରେ ଧାରଣାରେ ବସିଥିଲେ। ଅଭିଯୋଗ ଅନୁସାରେ, ଜାତିଗତ କାରଣରୁ ଶାଶୁଘର ସହ ବାପଘର ପକ୍ଷ ମଧ ତାଙ୍କୁ ଗ୍ରହଣ କରିନଥିଲେ।

ଖବର ପାଇ ହିଞ୍ଜିଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ପରେ ଉଭୟ ପରିବାରର ସଦସ୍ୟଙ୍କୁ ଡାକି ଆପୋଷ ବୁଝାମଣା କରାଇବା ପାଇଁ ପ୍ରୟାସ ଚାଲିଥିବା ଜଣାପଡ଼ିଛି।.ଏହି ଘଟଣା ସମ୍ପର୍କରେ ଖବର ଲେଖାଯିବା ସୁଦ୍ଧା ଥାନାରେ କୌଣସି ଲିଖିତ ଅଭିଯୋଗ ଦାଖଲ ହୋଇନଥିବା ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ମଇ ୫ ତାରିଖରେ ହିଞ୍ଜିଳି ଥାନା ଖରିଡା ଗ୍ରାମରେ ସାମାଜିକ ସ୍ୱୀକୃତି ଓ ସ୍ତ୍ରୀ ଅଧିକାର ଦାବିରେ ଶାଶୁଘର ଆଗରେ ଧାରଣାରେ ବସିଥିବା ପୂଜା ସ୍ୱାଇଁଙ୍କୁ ପରଦିନ ତାଙ୍କ ଦୁଇ ବର୍ଷର ଝିଅ ସମ୍ମୁଖରେ ହତ୍ୟା କରାଯାଇଥିବା ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଥିଲା। ସେହି ଘଟଣାର ସ୍ମୃତି ଏବେବି ତାଜା ଥିବାବେଳେ ନନ୍ଦିକ ଗ୍ରାମର ଏହି ଘଟଣା ପୁଣିଥରେ ଆନ୍ତଃଜାତିୟ ବିବାହ, ବିଧବା ମହିଳାଙ୍କ ସାମାଜିକ ସୁରକ୍ଷା ଓ ପରିବାରିକ ସ୍ୱୀକୃତି ପ୍ରସଙ୍ଗକୁ ଚର୍ଚ୍ଚାକୁ ଆଣିଛି।

# ନିର୍ବାଚନୀ ତାଲିକା ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା



ପୁରୀ,୧୮(ଆନିସ): ପୁରୀ ଜିଲ୍ଲାର ନିର୍ବାଚନୀ ତାଲିକା ପର୍ଯ୍ୟବେକ୍ଷକ ତଥା କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗବିଭାଗର କମିଶନର-କମ୍-ସଚିବ ରଶ୍ମିତା ପଣ୍ଡା, ଏବଂ ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଅନାମିକା ସିଂହ ଆଜି ପୁରୀ ଜିଲ୍ଲା ଗସ୍ତ କରି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ।

ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟଜ୍ୟୋତି ପରିଡ଼ା, ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଜିଲ୍ଲାର ୬ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀ , ଡେପୁଟି କଲେକ୍ଟର(ନିର୍ବାଚନ) ରୁନିତା ପ୍ରଧାନ ଏବଂ କିଛି ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ବୈଠକରେ କାର୍ଯ୍ୟର ଅଗ୍ରଗତି, ନୋଟିସ୍ ଜେନେରେଟ, ଶୁଣାଣି ଏବଂ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନିର୍ବାଚନୀ ତାଲିକା ପୁନରୀକ୍ଷଣ, ଇଲେକ୍ଟର ମ୍ୟାପିଂ ଏବଂ ବିଭିନ୍ନ ଅସଙ୍ଗତି ସମ୍ପର୍କିତ ଏକ ବିସ୍ତୃତ ଉପସ୍ଥାପନା କରାଯାଇଥିଲା। ପରେ ସେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ଏବଂ ବୁଥ୍ ଲେଭେଲ୍ ଏଜେଣ୍ଟମାନଙ୍କ ସହ ମଧ ଆଲୋଚନା କରିଥିଲେ।

ପରବର୍ତ୍ତୀ ସମୟରେ ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ୧୦୭-ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏକ ଶୁଣାଣି କେନ୍ଦ୍ର ପରିଦର୍ଶନ କରି ସେଠାରେ , ସୁପରଭାଇଜର ଏବଂ ପୁରୀ ପୌରପାଳିକାର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ଜିତ ନାୟକଙ୍କ ସହ ଆଲୋଚନା କରି ଶୁଣାଣି ପ୍ରକ୍ରିୟା ଓ କ୍ଷେତ୍ରସ୍ତରରେ କାର୍ଯ୍ୟର ସମୀକ୍ଷା କରିଥିଲେ।

ନିର୍ବାଚନୀ ତାଲିକା ପର୍ଯ୍ୟବେକ୍ଷକ ଏବଂ ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଉଭୟେ କାର୍ଯ୍ୟର ଅଗ୍ରଗତିରେ ସନ୍ତୋଷ ପ୍ରକାଶ କରିବା ସହ ମାନଙ୍କ ନିଷ୍ଠାପୂର୍ଣ୍ଣ କାର୍ଯ୍ୟ, ସମ୍ପୂର୍ଣ୍ଣ ପ୍ରକ୍ରିୟା ଉପରେ ସେମାନଙ୍କର ଆଗ୍ରହ ଏବଂ ୧୦୭-ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରେ କରାଯାଇଥିବା ସୁବ୍ୟବସ୍ଥିତ ଶୁଣାଣି ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରିଥିଲେ।

# ଡାଇରିଆ ସଚେତନତା କାର୍ଯ୍ୟକ୍ରମ

ଶୁଳିଆପଦା,୧୮(ଆନିସ):ଡାଇରିଆ ରୋଗର ପ୍ରତିରୋଧ ତଥା ପରିଚାଳନା ଉପରେ ସଚେତନତା ସୃଷ୍ଟି କରିବା ଉଦେଶ୍ୟରେ ନିୟତି ଫାଉଣ୍ଡେସନ ତରଫରୁ ପରିଚାଳିତ ବାରିପଦା ବ୍ଲକର ବଡ଼ଡକାଇ,ଭଗତପୁର, ବେତନା ଓ ଦମଦାରପୁର ସେଣ୍ଟର କୁ ନେଇ ବଡ଼ଡାକଇ କ୍ରେଚ ସେଣ୍ଟର ପରିସରରେ ନାଟକ ମାଧ୍ୟମରେ ଡାଇରିଆ ସଚେତନତା କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲା କ୍ରେଜ ମେନେଜର ଆଶିଷ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ସଫଳତାର ସହ ଆୟୋଜିତ ହୋଇଯାଇଛି ରୋଗରୁ ରକ୍ଷା ପାଇବା ପାଇଁ ସାବଧାନତା ସୁରକ୍ଷିତ ପାନୀୟ ଜଳକୁ ସର୍ବଦା ଫୁଟାଇ ବା ବିଶୋଧନ କରି ପିଇବା ,ଜଳ ଉତ୍ସକୁ ସଫା ସୁତୁରା ରଖିବା ।ଖାଇବା ପୂର୍ବରୁ ଏବଂ ଶୌଚ ହେବା ପରେ ସାବୁନରେ ଭଲଭାବେ




ହାତ ଧୋଇବା ନିହାତି ଜରୁରୀ।ସତେଜ ଖାଦ୍ୟ ଗ୍ରହଣ,ସର୍ବଦା ଗରମ ଓ ସତେଜ ଖାଦ୍ୟ ଖାଇବା ଉଚିତ । ବାସି ଖାଦ୍ୟ କିମ୍ବା ଖୋଲା ଥିବା ଖାଦ୍ୟ ଜମାରୁ ନଖାଇବାକୁ ପରାମର୍ଶ ଦିଆଯାଇଛି।

# ଜିଲ୍ଲାସ୍ତରୀୟ ଭାଷା ଓ ଗଣିତ କାର୍ଯ୍ୟକ୍ରମ ଉଡାନ-୩

ବାରିପଦା,୧୮(ଆନିସ): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧୫ ନଂ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉ.ପ୍ରା ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଭାଷା ଓ ଗଣିତ ଭିତ୍ତିକ କାର୍ଯ୍ୟକ୍ରମ ଉଡ଼ାନ - ୩ ଅନୁଷ୍ଠିତ ହୋଇଯାଇଛି।



ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ପିଲାଙ୍କ ଭବିଷ୍ୟତ ଗଠନରେ ପ୍ରାଥମିକ ଶିକ୍ଷାରେ ଭାଷା ଓ ଗଣିତ ଜ୍ଞାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ପେଡାଗଜି ସଂଯୋଜକ ଶୈଳବାଳା ବେହେରା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ , ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୁଜା ମାଧୁରୀ ଦାସ, କୁଲିଅଣା ବ୍ଲକ ବି ଆର ସି ସି ସରସ୍ୱତୀ ସିଂ, ଡାଏଟର ଶିକ୍ଷକ ପ୍ରଶିକ୍ଷକ ଜଗେଶ୍ୱର ଘୋଷ ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ବାରିପଦା ବ୍ଲକର ସମସ୍ତ ସିଆରସିସି ମଧ ଅଂଶଗ୍ରହଣ କରିଥିଲେ ଏଥିରେ ୪ ଟି ବିଭାଗରେ ଛାତ୍ରଛାତ୍ରୀଙ୍କ ମଧରେ ପ୍ରତିଯୋଗିତା ହୋଇଥିଲା ତର୍କ ପ୍ରତିଯୋଗିତାରେ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉପ୍ରା ବିଦ୍ୟାଳୟର ଛାତ୍ରୀ ଶିବାନୀ ସୋନାଲୀ ସାହା ପ୍ରଥମ, ସୁନ୍ଦର ହସ୍ତାକ୍ଷରରେ ବିଜୟରାମଚନ୍ଦ୍ରପୁର ସରକାରୀ ଉପ୍ରା ବିଦ୍ୟାଳୟର ଛାତ୍ରୀ ସୋନାଲୀ ପାଣ୍ଡିଆ, ଏବଂ କୁଇଜ ରେ ପ୍ରିୟାଂଶୀ ମହାନ୍ତ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଏଥିରେ ବିଭିନ୍ନ କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଓ ହଷ୍ଟେଲର ପାର୍ଟ ଟାଇମ ଟିଚର ତଥା କର୍ମଚାରୀ ସହଯୋଗ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇକ ଚୋର କାବୁ

ପୁରୀ,୧୮(ଆନିସ): ପିସିଆର ୩କୁ ଜରୁରୀ ୧୧୨ କଲ୍ ମାଧ୍ୟମରେ ସୂଚନା ମିଳିଥିଲା ଯେ ପୁରୀ ସହରର ପଥୁରିଆ ସାହି ଅଞ୍ଚଳରେ ଜଣେ ବ୍ୟକ୍ତି ଏକ ମୋଟର ସାଇକେଲ ଚୋରି କରିବାକୁ ଉଦ୍ୟମ କରୁଛନ୍ତି। ସୂଚନା ପାଇବା ମାତ୍ରେ ପିସିଆର ୩ର କର୍ମଚାରୀମାନେ ୭ ମିନିଟ ମଧ୍ୟରେ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲେ। ସେଠାରେ ବାଇକ ଚୋରି ଉଦ୍ୟମ କରୁଥିବା ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ କାବୁ କରି ଅଟକ ରଖିଥିଲେ। ଅଟକ ବ୍ୟକ୍ତିଙ୍କ ପରିଚୟ ଦୀପକ ମହାନ୍ତି (୨୦ ବର୍ଷ) ଓ ସେ ଚନ୍ଦନପୁର ବୋଲି ଜଣାପଡ଼ିଛି। ଅଭିଯୋଗକାରୀ ବିଷ୍ଣୁ ପ୍ରସାଦ ନନ୍ଦ (୪୮ ବର୍ଷ)ଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତଙ୍କୁ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଟାଉନ ଥାନାରେ ହସ୍ତାନ୍ତର କରାଯାଇଛି। ପିସିଆରର କାର୍ଯ୍ୟପଟ୍ଟା ଫଳରେ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଘଟଣାସ୍ଥଳରୁ କାବୁ କରିବା ସମ୍ଭବ ହୋଇଥିଲା। ପୁରୀ ପୋଲିସ ଜନସାଧାରଣଙ୍କ ସୁରକ୍ଷା ଏବଂ ସମ୍ପତ୍ତିର ସୁରକ୍ଷା ପ୍ରତି ସଦା ସଜାଗ ରହିଛି ବୋଲି କୁହାଯାଇଛି।

## ଆଞ୍ଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ

# ମହିଳା କେବଳ ଲାଭାର୍ଥୀ ନୁହେଁ, ବିକାଶ ପ୍ରକ୍ରିୟାର କର୍ଣ୍ଣଧାର ହୁଅନ୍ତୁ:ଉପ ମୁଖ୍ୟମନ୍ତ୍ରୀ

ପୁରୀ,୧୮(ଆନିସ):ଆମ ମା,ମହିଳା ମାନଙ୍କ ମଧରେ ଭରପୁର ଆତ୍ମବିଶ୍ୱାସ ଓ ଅଜସ୍ର ଶକ୍ତି ରହିଛି।ସେଥିପାଇଁ ସମଗ୍ର ଦେଶରେ ୨୬ ଲକ୍ଷ ୫୦ ହଜାର ଲକ୍ଷ ପତି ଦିଦି ସୃଷ୍ଟି କରି ଓଡ଼ିଶା ସର୍ବୋଚ୍ଚ ସ୍ଥାନ ହାସଲ କରିଛି ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଆଜି ଅପରାହ୍ନରେ ପୁରୀ ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ଆଞ୍ଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପୁରୀ, କଟକ,ଖୋର୍ଦ୍ଧା ଓ ନୟାଗଡ଼ ର ୬୦୦ ରୁ ଉର୍ଦ୍ଧ୍ୱ ସୁଭଦ୍ରା ଶକ୍ତି ର ଡିଏଲଏଫ,ବିଏଲଏଫ ସଦସ୍ୟା ଏଥିରେ ଯୋଗ ଦେଇ ଉପ ମୁଖ୍ୟମନ୍ତ୍ରୀ ଙ୍କ ସହ ବାର୍ତ୍ତାଳାପ କରିବା ସହ ସେମାନଙ୍କ ସମସ୍ୟା,ଆଗାମୀ ଯୋଜନା, ନୂଆ ନୂଆ ଉତ୍ପାଦ ପାଇଁ ଆବଶ୍ୟକ ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ।ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଆଞ୍ଚଳିକ ସ୍ତରୀୟ ଏହି କାର୍ଯ୍ୟକ୍ରମ ଦେବଗଡରୁ ଆରମ୍ଭ ହୋଇଥିଲା ଓ ପୁରୀ ରେ ସାରିବା ଲକ୍ଷ୍ୟ ରଖାଯାଇଥିଲା।ପ୍ରତିକୂଳ ପାଗ ସତ୍ତ୍ୱେ ସମସ୍ତଙ୍କ ସହଯୋଗ ରେ ଏହା ସମ୍ପୂର୍ଣ୍ଣ ହୋଇଛି।ଏହି ସମ୍ମିଳନୀର ଉଦ୍ଦେଶ୍ୟ ମିଶନ ଶକ୍ତିର ମା ମାନଙ୍କ ଠାରୁ ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ମାଧ୍ୟମରେ ନୂତନ ଜ୍ଞାନ ଆହରଣ କରିବା।ଏହା ନୂଆ କିଛି କରିବାକୁ ପ୍ରେରଣା ଦେବା ସହ ଯୁବ ବର୍ଗଙ୍କୁ ଉପଯୁକ୍ତ ମାର୍ଗଦର୍ଶନ ରେ ସହାୟକ ହେବ।ଉତ୍ପାଦନ ବୃଦ୍ଧି ସହ ନୂତନ



ନୂତନ ଉତ୍ପାଦ ପାଇଁ ସୁଯୋଗ ସୃଷ୍ଟି, ବଜାର ସୃଷ୍ଟି,ଇ ବଜାର ବ୍ୟବସ୍ଥା, କୃଷି କ୍ଷେତ୍ର,ଖାଦ୍ୟ ପ୍ରକ୍ରିୟା କରଣ, ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ମନୋନିବେଶ କରିବା ସମ୍ପର୍କରେ ଉପ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ।କେବଳ ଲାଭାର୍ଥୀ ହେବା ଆମର ଲକ୍ଷ୍ୟ ନୁହେଁ ବରଂ ରାଜ୍ୟ ଓ ଦେଶର ବିକାଶ କୁ ତ୍ୱରାନ୍ୱିତ କରିବା ଆମ ସମସ୍ତଙ୍କ ଉଦ୍ୟମ ହେବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ।ସରକାରଙ୍କ ସହ ଭାଗିଦାରୀ ହୋଇ ଆଗେଇବା ସହ ନିଜ ନିଜ ମଧରେ ସୁସ୍ଥ ପ୍ରତିଯୋଗିତା ମାଧ୍ୟମରେ ଆମ ଦକ୍ଷତା ଓ କୌଶଳ କୁ ଅଧିକ କ୍ରିୟାଶୀଳ କରିବାକୁ ଶ୍ରୀମତୀ ପରିଡା ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ମହିଳା ମାନଙ୍କୁ ସଶକ୍ତୀକରଣ କରିବା କ୍ଷେତ୍ରରେ ଏହି ପଦକ୍ଷେପ ଏକ ଉଲ୍ଲେଖଯୋଗ୍ୟ ଭୂମିକା ବୋଲି କହିବା ସହ ସମଗ୍ର ଦେଶରେ ଆମ ରାଜ୍ୟର ମହିଳା ମାନେ ସର୍ବାଧିକ ଲକ୍ଷ ପତି ଦିଦି ହେବା ଏକ ଗୌରବ ର କଥା ବୋଲି କହିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ନେହା ଅରୁଗୁଳା ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ସମ୍ମିଳନୀ ମହିଳା ମାନଙ୍କୁ ଅଧିକ ଦକ୍ଷତା ସମ୍ପର୍ଣ୍ଣ କରିବ ବୋଲି କହିଥିଲେ। ଶେଷରେ ଓଡିଆ ଜୀବିକା ମିଶନର ଯୁଗ୍ମ ସଚିବ ମମତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମ ରେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଅବିନାଶ ରାଉତ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

ପୂର୍ବରୁ ତାଳବଣିଆ ଠାରେ ପୁରୀ ଜିଲ୍ଲା ସୁଭଦ୍ରା ଶକ୍ତି କେନ୍ଦ୍ର କୁ ଉପ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିଲେ।ଅନ୍ୟାନ୍ୟ ଅତିଥି ମାନେ ମଧ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମ ରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ର ଅଧିକାରୀ, କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

# ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାମରେ ନାମିତ ହେବ ଫୁଲବାଣୀ ସରକାରୀ ଭେଷଜ ମହାବିଦ୍ୟାଳୟ ବିଭିନ୍ନ ମହଲରେ ସ୍ୱାଗତ

ଫୁଲବାଣୀ,୧୭ (ଆନିସ): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଙ୍କ ନାମରେ ଫୁଲବାଣୀ ସରକାରୀ ଭେଷଜ ମହାବିଦ୍ୟାଳୟ କୁ ନାମ କରଣ କରିବା ପରେ କନ୍ଧମାଳ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି ଲୋକଙ୍କ ସରକାର ଓଡ଼ିଶା ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ଐତିହାସିକ ପଦକ୍ଷେପ ସ୍ୱରୂପ ଫୁଲବାଣୀ ସରକାରୀ ଭେଷଜ ମହାବିଦ୍ୟାଳୟ କୁ କନ୍ଧମାଳ ର ଗର୍ବ ଓ ଗୌରବ ବ୍ରହ୍ମଲୀନ ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଙ୍କ ନାମରେ ନାମିତ କରିବା ନିଷ୍ପତ୍ତି କୁ ନେଇ କନ୍ଧମାଳ ରେ ଖୁସି ଓ ଆନନ୍ଦର ଲହରୀ ଖେଳି ଯାଇଛି, ବିଭିନ୍ନ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି । ଏହି ପରିପ୍ରେକ୍ଷୀରେ ଭାରତୀୟ ଜନତା ପାର୍ଟି, ରାଷ୍ଟ୍ରୀୟ ବଜରଙ୍ଗ ଦଳ ଅର୍ନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ, ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଆଦର୍ଶ କନ୍ଧମାଳ ବିକାଶ ମଞ୍ଚ , କନ୍ଧମାଳ ଜିଲ୍ଲା ପାଇକ ଖଣ୍ଡାୟତ କୁଳ ସମାଜ ସରକାର ଙ୍କ ଆଭିମୂଖ୍ୟ କୁ କୃତଜ୍ଞତା ଜ୍ଞାପନ କରିଛନ୍ତି କନ୍ଧମାଳ ର ବନବାସୀ ଭାଇ ଭଉଣୀ ସଧାରଣ ଜନତା ଙ୍କ ଦୀର୍ଘ ଦିନ ର ସ୍ୱପ୍ନ ପୂରଣ ହୋଇଛି । ଆଦିବାସୀ ସମାଜର କଲ୍ୟାଣ ପାଇଁ ସ୍ୱାମୀଜୀଙ୍କ ଉଲ୍ଲେଖନୀୟ ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି,, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସ୍ମୃତିକୁ ଚିରସ୍ମରଣୀୟ କରିବା ସହ କନ୍ଧମାଳର ଲୋକଙ୍କ ପ୍ରତି ତାଙ୍କ ସେବା ଓ ତ୍ୟାଗକୁ ସମ୍ମାନ ଜଣାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି।ଏହା ସହିତ ଜଲେସପଟାସ୍ଥିତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଆଶ୍ରମ, ଆଶ୍ରମ ବିଦ୍ୟାଳୟ ଓ ବାଳିକା ଆଶ୍ରମର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ପେଶାଲ୍ ଆସିଷ୍ଟାନ୍ସ ପାଣ୍ଠିରୁ ୧୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ଅର୍ଥରେ ଆଶ୍ରମର ଐତିହ୍ୟ ସଂରକ୍ଷଣ ସହ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ଓ ଆବାସିକ ଭିତ୍ତଭୂମିର ବିକାଶ କରାଯିବ।ଏହି ପ୍ୟାକେଜ୍ ଅନୁଯାୟୀ, ୩୦୦ ଆସନ ବିଶିଷ୍ଟ ବାଳିକା ଛାତ୍ରାବାସ ନିର୍ମାଣ ପାଇଁ ୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ସ୍ୱାମୀଜୀଙ୍କ ଐତିହ୍ୟ ସ୍ଥଳର ସଂରକ୍ଷଣ ଓ ବିକାଶ ପାଇଁ ୩ କୋଟି ଟଙ୍କା ଅନୁମୋଦନ କରାଯାଇଛି।ଜଲେସପଟା ଆଶ୍ରମ, ଆଶ୍ରମ ବିଦ୍ୟାଳୟ ଓ ବାଳିକା ଛାତ୍ରାବାସକୁ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଏକ ମେଗା ରିଭର ଲିଫ୍ଟ ପ୍ରକଳ୍ପ ନିମନ୍ତେ ୬୦ ଲକ୍ଷ ଟଙ୍କା ମଧ୍ୟ ମଞ୍ଜୁର ହୋଇଛି।ଏହାବ୍ୟତୀତ ଶୌଚାଳୟ ନିର୍ମାଣ, ବାଳିକା ଛାତ୍ରାବାସର ସମ୍ପ୍ରସାରଣ, ପ୍ରାଚୀର ନିର୍ମାଣ, ଶ୍ରେଣୀଗୃହ ନିର୍ମାଣ, ପୁରୁଣା ଛାତ୍ରାବାସର ନବୀକରଣ ସହ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ କାର୍ଯ୍ୟ ପାଇଁ ମଧ୍ୟ ଅର୍ଥ ମଞ୍ଜୁର କରାଯାଇଛି।ରାଜ୍ୟ ସରକାରଙ୍କ କହିବା ଅନୁଯାୟୀ, ଏହି ସମସ୍ତ ପଦକ୍ଷେପ ମାଧ୍ୟମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଐତିହ୍ୟକୁ ସଂରକ୍ଷଣ କରାଯିବ। ସହ ଜଲେସପଟା ପରିସରରେ ଶିକ୍ଷା ଓ ଆବାସିକ ସୁବିଧାର ଉନ୍ନତି କରାଯିବ ଏହାକୁ ବିଭିନ୍ନ୍ ମହଲ ରେ ସ୍ୱାଗତ ଜଣାଇଛନ୍ତି ।

# ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ୧୪ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ

## - ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ହେଲା ସମ୍ବଲପୁରୀ ମୟ
## - ନାଚଗୀତ ସହ ସମ୍ବଲପୁରୀ ଖାଦ୍ୟଖାଇ ସମ୍ବଲପୁରୀ ପାଳନ

ସମ୍ବଲପୁର, ୦୧।୦୮(ଆନିସ): ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆରମ୍ଭ କରିଥିବା ସମ୍ବଲପୁରୀ ଦିନ ଚଳିତ ବର୍ଷ ବହୁ ଆଡ଼ମ୍ବରରେ ଜେଲଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ



ଡେରା ରେ ପାଳିତ ହୋଇଯାଇଛି । ସମ୍ବଲପୁରୀ ପ୍ରଚାରକ ଗୁରୁ ସତ୍ୟନାରାୟଣ ବହିଦାର ଙ୍କର ଜନ୍ମଦିନ ଉପଲକ୍ଷେ ଅଗଷ୍ଟ ଏକ ତାରିଖରେ ୧୪ ତମ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ ପାଳନ ହୋଇଯାଇଛି । ଆଜିଠାରୁ ଆରମ୍ଭ ହୋଇଥିବା ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ ରେ ସକାଳେ ଗୁରୁ ବହିଦାର ଙ୍କର ଡେରା ସ୍ଥିତ ପ୍ରତିମୂରତୀରେ ମାଲ୍ୟାର୍ପଣ କରାଯାଇଥିଲା ପଶ୍ଚିମାଞ୍ଚଳ ଏକତା ମଞ୍ଚ, ଭାରତୀ ସମାଜ ସମେତ ବହୁ ସାମାଜିକ ସଂଗଠନ ଏବଂ ବ୍ୟକ୍ତି ବିଶେଷ ମାନେ ଆସି ଗୁରୁ ଶ୍ରୀ ସତ୍ୟନାରାୟଣ ବହିଦାର ଙ୍କର ମୂର୍ତ୍ତି ରେ ମାଲ୍ୟାର୍ପଣ କରି ଥିଲେ । ଏହାପରେ ସମ୍ବଲପୁରୀ କବିତା ପାଠ ର ଆୟୋଜନ କରାଯାଇଥିଲା। ଭାଷା ସଂସ୍କୃତି ସଂଯୋଜକ ଡ଼ ସ୍ୱୟଂ ପ୍ରକାଶ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ୫୮ ଜଣ କବି ସମ୍ବଲପୁରୀ କବିତା ପାଠ କରିଥିଲେ। ଏହି ଅବସରରେ ସମ୍ବଲପୁରୀ ଦରପନ ମାସିକ ପତ୍ରିକା ର ସମ୍ବଲପୁରୀ ଦିନ ବିଶେଷାଙ୍କ ଅତିଥି ଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୌଭାଗ୍ୟବନ୍ତ ମହାରଣା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ର ସଂଯୋଜକ ଡ଼ ପ୍ରମୋଦ ରଥ, ପଶ୍ଚିମାଞ୍ଚଳ ଏକତା ମଞ୍ଚ ର ଆବାହକ ଭବାନୀଶ ଭୋଇ ସଞ୍ଚାଳନ ଥିଲେ। କବିତା ପାଠ କାର୍ଯ୍ୟକ୍ରମକୁ ପଙ୍କଜିନୀ ମେହେର, ସୁଷମା ପ୍ରଧାନ, ଲଳିତ ମୋହନ ବେବର୍ତ୍ତା ସଂଯୋଜନା କରିଥିଲେ। ଏଥିରେ ସୁଦୁର କେନ୍ଦ୍ରାପଡ଼ା ରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶା ର ବିଭିନ୍ନ ଜିଲ୍ଲାରୁ ଆମନ୍ତ୍ରିତ କବି ମାନେ କବିତା ପାଠ କରିଥିଲେ। ଏହା

ପରେ ସାଢେ ତିନି ଟା ରୁ ମଞ୍ଚ ପୂଜା ସହ ମୁଖ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ପଦ୍ମଶ୍ରୀ ଡଃ ଜିତେନ୍ଦ୍ର ହରିପାଲ ମାଁ ସମଲେଇ ଙ୍କ ଠାରେ ପୂଜାର୍ଚ୍ଚନା ପରେ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ ର ବିଧିବଦ୍ଧ ଉଦଘାଟନ କରିଥିଲେ। ଏହି ଅବସରରେ ସମ୍ବଲପୁରୀ ଦିନ ସଂଯୋଜକ ଡ଼ ପ୍ରମୋଦ ରଥ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଘୁଡକା ଭଟଲି ବରଗଡ, ଜନ ଲୋକ ନୃତ୍ୟ ଗ୍ରୁପ ବରଗଡ, ହୀରାଖଣ୍ଡ ସାଂସ୍କୃତିକ ଅନୁଷ୍ଠାନ, ଅତାବିରା, କିଆଫୁଲ ଅନୁଷ୍ଠାନ ସମ୍ବଲପୁର, ଭରନି କଳା ପରିଷଦ, ସମ୍ବଲପୁର, କଳା ଓ କଳାକାର, ସମ୍ବଲପୁର ପ୍ରମୁଖ ସମ୍ବଲପୁରୀ ଲୋକ ନାଚ ର ଦଶଟି ଶୈଳୀର ସମ୍ବଲପୁରୀ ଲୋକ ନାଚ ପ୍ରଦର୍ଶନ କରିଥିଲେ। ସେହିପରି ଲୋକ ସଙ୍ଗୀତ ବିଭାଗରେ

ମାନସ ଷଡ଼ଙ୍ଗୀ –ରାଧା ମାଇଗୋ –ନନି କେ ଠିକ ଚିନ୍ହିଛେ , ସୁଜିତ ରଣବିଡା –ମାଲି ଜଗେଇଥିଲା , ଈଶ୍ୱରୀ ବେହେରା– ମହୁଲ ଝାରେ, ଚାପ କରାଟି, ନଟନିଆ , ଡିଲେଶ୍ୱରୀ ସାହୁ –ମତେ ସାଙ୍ଗ ଦିଅ ଗୋ ଦିଅର ,ମିନାକ୍ଷୀ ରାଉତ –ହଳଦୀ ଗିନା , ଚିନ୍ମୟୀ ସାହୁ –ଯାଇଫୁଲ ,ଶ୍ରଦ୍ଧା ମିଶ୍ର – ମଲି କେ ମୋର ଆନୁଅଛେ ଜର , ଅଙ୍କିତ ଷଡ଼ଙ୍ଗୀ –ଲହରମନି, କଂଶି ଜନହିଁ। ସମ୍ବଲପୁରୀ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ କୁ ଗୁରୁ ପ୍ରମୋଦ କୁମାର ମିଶ୍ର.

କୋରସ ସ୍ୱର ଝଙ୍କାର ଅନୁଷ୍ଠାନ, ସମ୍ବଲପୁର ପରେ ପରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କଳାକାର ମାନେ ବହୁତ ଗୁଡିଏ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଭବାନୀ କଳା ପରିଷଦ, ଢୋଲ ମୁହୁରୀ ପରିଷଦ, ଭରନି କଳା ପରିଷଦ, ଟିଟଲାଗଡ ଢ଼ାପ ନୃତ୍ୟ ପରିଷଦ, ପଞ୍ଚବାଦ୍ୟ ଇତ୍ୟାଦି ଅନୁଷ୍ଠାନ ର କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ କାର୍ଯ୍ୟକ୍ରମ ଆୟୋଜନ ରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ର ସଦସ୍ୟ ସଦସ୍ୟା ମାନେ ସହଯୋଗ କରିଥିଲେ।

ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର , ଜିଲାପାଳ ସିଦ୍ଧେଶ୍ୱର ବଲିରାମ ବୋନ୍ଦର, ଏସପି ମୁକେଶ ଭାମୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# କେନ୍ଦ୍ରାପଡ଼ାରେ ବନ୍ୟା ସ୍ଥିତିର ସମୀକ୍ଷା କଲେ ଜିଲ୍ଲାପାଳ

## ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜୋରଦାର

କେନ୍ଦ୍ରାପଡ଼ା, ୧ ।୮ (ଆନିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର, ରିଲିଫ ଓ ପୁନର୍ବାସ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ଜିଲ୍ଲାପାଳ



ଶ୍ରୀ ରଘୁରାମ ଆର. ଆୟରଙ୍କ ନେତୃତ୍ୱରେ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି ପ୍ରଭାବିତ ଲୋକଙ୍କ ସୁରକ୍ଷା ଓ ସହାୟତା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି। ଆଜି ଅପରାହ୍ନ ୪ଟା ସୁଦ୍ଧା, ଜିଲ୍ଲାର ୯ଟି ବ୍ଲକ୍‌ରାଜକନିକା, ପଟ୍ଟାମୁଣ୍ଡାଇ, ଆଳି, ଗରଦପୁର, ରାଜନଗର, କେନ୍ଦ୍ରାପଡ଼ା, ମାର୍ଶାଘାଇ, ମହାକାଳପଡ଼ା ଓ ଡେରାବିଶର ୮୫ଟି ଗ୍ରାମପଞ୍ଚାୟତ ଏବଂ ୧୬୯ଟି ଗ୍ରାମ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି।ମୋଟ ୭୩,୧୬୩ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ୧,୨୪୯ ଜଣଙ୍କୁ ସୁରକ୍ଷିତ ଭାବେ ୬ଟି ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ୮୪୯ ଜଣ ଏହି ଆଶ୍ରୟସ୍ଥଳଗୁଡ଼ିକରେ ଅବସ୍ଥାନ କରୁଛନ୍ତି। ସମସ୍ତ ଆଶ୍ରୟସ୍ଥଳରେ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ଯୋଗାଇ ଦିଆଯାଉଛି। ୬ଟି ମାଗଣା ରୋଷେଇ କେନ୍ଦ୍ର ନିରନ୍ତର କାର୍ଯ୍ୟକ୍ଷମ ରହିଛି।

ପ୍ରଭାବିତ ଅଞ୍ଚଳରେ ରିଲିଫ ବଣ୍ଟନ କାର୍ଯ୍ୟ ଜୋରଦାର ଭାବେ ଚାଲିଛି। ଏପର୍ଯ୍ୟନ୍ତ ୮୦.୭୫ କ୍ୱିଣ୍ଟାଲ ଚାଉଳ, ୮.୦୩ କ୍ୱିଣ୍ଟାଲ ଚୁଡ଼ା ଓ ୭ କ୍ୱିଣ୍ଟାଲ ଗୁଡ଼/ଚିନି ବଣ୍ଟନ କରାଯାଇଛି। ଏହା ସହିତ ବିସ୍କୁଟ, ମହମବତୀ, ଦିଆସିଲି ଏବଂ ୨,୦୦୦ ବୋତଲ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଆଜି ଗୋଟିଏ ଦିନରେ ୬୩ କ୍ୱିଣ୍ଟାଲ ଚାଉଳ, ୬.୫୩ କ୍ୱିଣ୍ଟାଲ ଚୁଡ଼ା ଓ ୨ କ୍ୱିଣ୍ଟାଲ ଗୁଡ଼/ଚିନି ବଣ୍ଟନ କରାଯାଇଛି।

ସ୍ୱାସ୍ଥ୍ୟସେବାକୁ ସୁଚାରୁ ରଖିବା ପାଇଁ ୧୨ଟି ମେଡିକାଲ ଟିମ୍ ଏବଂ ପଶୁଧନର ଚିକିତ୍ସା ଓ ସୁରକ୍ଷା ପାଇଁ ୯ଟି ପଶୁ ଚିକିତ୍ସା ଟିମ୍ ନିୟୋଜିତ କରାଯାଇଛି। ୫୩,୫୫୪ଟି ପଶୁଧନ ପ୍ରଭାବିତ ହୋଇଥିଲେ ମଧ୍ୟ କୌଣସି ପଶୁହାନି ହୋଇନାହିଁ।

ବନ୍ୟାରେ କୌଣସି ଜନହାନି ହୋଇନାହିଁ। ବିଦ୍ୟୁତ୍ ସେବା, ପାନୀୟ ଜଳ ଯୋଗାଣ କିମ୍ବା ଅନ୍ୟ କୌଣସି ପ୍ରମୁଖ ଭିତ୍ତିଭୂମିର କ୍ଷତି ହୋଇନାହିଁ। ତେବେ ୬୬ଟି ରାସ୍ତା ବନ୍ୟାଜଳରେ ବୁଡ଼ି ଯାଇ ଯାତାୟାତ ବିଚ୍ଛିନ୍ନ ହୋଇଛି। ପ୍ରାଥମିକ ଆକଳନ ଅନୁଯାୟୀ ୯୪ଟି ଗୃହ ଓ ସଂରଚନା କ୍ଷତିଗ୍ରସ୍ତ ହୋଇଛି, ସେଥିମଧ୍ୟରୁ ୮୯ଟି ଗୁହାଳ ଏବଂ ୫ଟି କଚ୍ଚା ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି।

ବନ୍ୟାଜଳ ହ୍ରାସ ପାଇବା ପରେ ଫସଲ କ୍ଷତିର ସଠିକ୍ ଆକଳନ କରାଯିବ। ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ୩ଟି ଏସ୍‌ଆର୍ସି ପାୱାର ବୋଟ୍, ୭୨ଟି ଦେଶୀ ଡଙ୍ଗା ଏବଂ ୧୫ଟି ଯନ୍ତ୍ରଚାଳିତ ଦେଶୀ ଡଙ୍ଗା ନିୟୋଜିତ କରାଯାଇଛି।

ଜିଲ୍ଲାପାଳ ଶ୍ରୀ ରଘୁରାମ ଆର. ଆୟରଙ୍କ ସହ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ବନ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଥିଲେ। ସେମାନେ ପ୍ରଭାବିତ ପରିବାରଙ୍କ ସହ ଆଲୋଚନା କରି ରିଲିଫ ବ୍ୟବସ୍ଥା ତଦାରଖ କରିବା ସହିତ ପ୍ରତ୍ୟେକ ପ୍ରଭାବିତ ବ୍ୟକ୍ତିଙ୍କ ନିକଟରେ ଠିକ୍ ସମୟରେ ସହାୟତା ପହଞ୍ଚାଇବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ନଦୀକୂଳ ଓ ବନ୍ୟାପ୍ରବଣ ଅଞ୍ଚଳର ବାସିନ୍ଦାମାନଙ୍କୁ ସତର୍କ ରହିବା, ପ୍ରଶାସନର ପରାମର୍ଶ ପାଳନ କରିବା ଏବଂ ଅନାବଶ୍ୟକ ଭାବେ ବନ୍ୟାଜଳକୁ ପ୍ରବେଶ ନ କରିବାକୁ ଅନୁରୋଧ କରାଯାଇଛି। ସମଗ୍ର ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ନିରନ୍ତର ନଜର ରଖିଥିବାବେଳେ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ବିଭାଗ ସଜାଗ ରହିଛନ୍ତି।

# ଅନଲାଇନ ଜନଶୁଣାଣୀକୁ ହାଲକା ଭାବୁଥିବା ଅଧିକାରୀଙ୍କ ଉପରେ କାର୍ଯାନୁଷ୍ଠାନ କେବେ?

ଖପ୍ରାଖୋଲ ୦୧।୦୮ (ଆନିସ) : ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକର ବିଭିନ୍ନ ବିଭାଗ ର ହେଉଥିବା ଦୁର୍ନୀତି ବିଷୟରେ ଖବର ପ୍ରକାଶିତ ହେଲା ପରେ ତାର କୌଣସି ପ୍ରକାରର ବିଧିବଦ୍ଧ ଭାବେ ତଦନ୍ତ ନକରି ଅଧିକାରୀ ମାନେ ନିଜ କାର୍ଯ୍ୟାଳୟରେ ଚୁପଚାପ ବସି ରହୁଛନ୍ତି । ଦୁର୍ନୀତି ର ସତ୍ୟାସତ୍ୟ ବିଷୟରେ କୌଣସି ପ୍ରକାର ତଦନ୍ତ ନକରି ତାକୁ ହାଲକା ଭାବେ ଗ୍ରହଣ କରୁଛନ୍ତି । ଫଳରେ, ଦୁର୍ନୀତି ଧୀରେ ଧୀରେ କାୟା ବିସ୍ତାର କରିବାରେ ଚାଲିଛି । ସରକାରଙ୍କ କୋଟି କୋଟି ଟଙ୍କା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଖର୍ଚ୍ଚ କରୁଛନ୍ତି ହେଲେ କାହା କାମରେ ଆସୁନାହିଁ । ଖପ୍ରାଖୋଲ ବ୍ଲକରେ ହେଉଥିବା ଦୁର୍ନୀତି ବିଷୟକୁ ଅନଲାଇନ ଜନଶୁଣାଣୀ ରେ ଅଭିଯୋଗ କଲେ ଅଧିକାରୀ ମାନେ ତାକୁ ମନଗଢା କାହାଣୀ ବିବେଚନା ଭାବୁଥିବା ବେଳେ କେତେବେଳେ ନିଜ ମନ ଇଚ୍ଛାରେ ଲେଖି ଦେଇ ଅଭିଯୋଗକାରୀଙ୍କୁ ପ୍ରଦାନ କରୁଛନ୍ତି । ସେହି ଘଟଣାଙ୍କୁ ଦ୍ୱିତୀୟ ଥର ଅନଲାଇନ ଜନଶୁଣାଣୀ ରେ ଅଭିଯୋଗ କଲେ ଅଧିକାରୀ ବାବୁ ମାନେ ବିରକ୍ତି ପ୍ରକାଶ କରି ଖବର ପ୍ରସାରଣ କରିଥିବା ପ୍ରତିନିଧିଙ୍କ କଲ ଓ ହ୍ୱାଟସ ଆପ କୁ (ବ୍ଲକ) କରିଛନ୍ତି । ଆଶ୍ଚର୍ଯ୍ୟର କଥା, ଅନଲାଇନ ଜନଶୁଣାଣୀ ରେ ଅଭିଯୋଗ କଲେ ସମସ୍ୟା ସମାଧାନ ହେଉଥିବା ଜଣାଯାଏ ହେଲେ ଖପ୍ରାଖୋଲ ବ୍ଲକ ରେ ତାର ଓଲଟା ହେଉଥିବା ଦେଖିବାକୁ ମିଳିଛି, ବିଭିନ୍ନ ବିଭାଗ ର ହେଉଥିବା ଦୁର୍ନୀତି ଅବା ଖବରକାଗଜରେ ପ୍ରକାଶିତ ହୋଇଥିବା ଦୁର୍ନୀତି ଖବର କୁ ଅନଲାଇନ ଜନଶୁଣାଣୀ ମାଧ୍ୟମରେ ଅଭିଯୋଗ କଲେ ଦାଇତ୍ୱରେ ଥିବା ଅଧିକାରୀ ବାବୁ ଏହାକୁ ଖାମଖିଆଲି ଭାବେ ନେଇ ମନଗଢ଼ା କାହାଣୀ ଚିଠି ଦେଉଥିବା କେତେ ଯୁକ୍ତିଯୁକ୍ତ ସେହି ବିଷୟକୁ ନେଇ କେନ୍ଦ୍ର ସରକାର, ଓଡିଶା ସରକାର, ରାଜ୍ୟପାଳ, ମୁଖ୍ୟସଚିବ, ରାଜନେତା ଓ ଉଚ୍ଚ ସ୍ତରୀୟ ଅଧିକାରୀଙ୍କ ଦୃଷ୍ଟିକୁ ଆସିଥିଲେ ସୁଦ୍ଧା କୌଣସି ପ୍ରକାରର ପଦକ୍ଷେପ ଗ୍ରହଣ ନକରିବା ପରିତାପର ବିଷୟ ଅଟେ ।

## ସିପଞ୍ଜୀରି ଗ୍ରାମ ବିଦ୍ୟୁତ ସରବରାହ ସ୍ୱାଭାବିକ ହେଲା

ଫୁଲବାଣୀ,୧୮(ଆନିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପକାରୀ ପଞ୍ଚାୟତ ସିପାଞ୍ଜିରୀ ଗ୍ରାମରେ ଦୀର୍ଘ ତିନିମାସ ହେବ ବିଦ୍ୟୁତ ସେବା ବନ୍ଦ ରହିଥିଲା। ଏହାକୁ କାର୍ଯ୍ୟକ୍ଷମ କରିବାକୁ ବିଭାଗ ଅଧିକାରୀ ଙ୍କୁ ଜଣାଇଥିଲେ ସୁଦ୍ଧା ବିଦ୍ୟୁତ କାମ କରାଯିବ ବୋଲି କହିଥିଲେ। କିନ୍ତୁ ଆସିବାର ବିଳମ୍ବ ହେବାରୁ ଗ୍ରାମ ର ଲୋକମାନେ ତିନିମାସ ଅନ୍ଧାର ରେ ଅତିବାହିତ କରିଥିଲେ। ଏଣୁ ଗ୍ରାମବାସୀ ଉପାୟ ଚିନ୍ତାକରି ଫୁଲବାଣୀ ବିଧାୟକ ପ୍ରତିନିଧି ସ୍ୱାସ୍ଥ୍ୟ ବିଭାଗ ନୀଳାମ୍ବର କହଁର ଙ୍କୁ



ଜଣାଇଥିଲେ। ଏହା ଖବର ପାଇଁ ଶ୍ରୀ କହଁର ସଙ୍ଗେ ସଙ୍ଗେ ବିଦ୍ୟୁତ ବିଭାଗ ଅଧିକାରୀ ଙ୍କୁ ଯୋଗାଯୋଗ କରିଥିଲେ। ଏହି କାର୍ଯ୍ୟ ତୁଲାଇବା ପାଇଁ ଶ୍ରୀ କହଁର ବାରମ୍ବାର ଫୋନକରି ଥିବାହେତୁ କାର୍ଯ୍ୟ ଟି ସଫଳ ହୋଇଥିଲା। ଶେଷରେତୁରନ୍ତ ମରାମତି କାର୍ଯ୍ୟ କରିବା ଫଳରେ ଗ୍ରାମବାସି ଖୁସୀ ବ୍ୟକ୍ତ କରିବା ସହ ନୀଳାମ୍ବର କହଁର ଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଆବାସ ଯୋଜନା ସାତ ସପନ, ଭଙ୍ଗା ଦଦରା ଘରେ ପକ୍ଷାଘାତ ରୋଗୀ

ବିନିକା, ୧୮ (ଆନିସ): ବିନିକା ବ୍ଲକ କଇଁନ୍ତିରା ପଞ୍ଚାୟତ ବାଞ୍ଜିପାଲି ଗ୍ରାମର ପକ୍ଷାଘାତ ରୋଗୀ ବୈ ନାଗ (୭୦) ସରକାର ଙ୍କ ପକ୍ଷରୁ ଆବାସ ଗୃହ ଯୋଜନା ରେ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ମିଳିପାରିନାହିଁ ଯାହା ଫଳରେ ସେ ତାଙ୍କ ପରିବାର ସହ ଭଙ୍ଗା ଘରେ ରହୁଛନ୍ତି ବୈବ ଙ୍କ ପରିବାର କହିଲେ ସ୍ତ୍ରୀ ଖୋଲାଣା(୬୫ ), ପୁଅ ଅନିରୁଦ୍ଧ ( ୩୩), ସୁଦର୍ଶନ, ବୋହୁ ଗୌରୀ, ସସ୍ମିତା, ନାତି ରିଶୁ, ନାତୁଣୀ ପୂର୍ଣ୍ଣିମା ଆଜକୁ ପ୍ରାୟ ପାଞ୍ଚ ବର୍ଷ ହେଲା ବୈବ ପକ୍ଷାଘାତ ରୋଗରେ ପୀଡ଼ିତ ହେବାରୁ ତାଙ୍କୁ ବିନିକା, ସୋନପୁର, ବରଗଡ, ବୁର୍ଲା ଡାକ୍ତରଖାନାରେ ରେ ଚିକିତ୍ସା କରାଯାଇ ଥିଲେ ମଧ୍ୟ ସେ ଆରୋଗ୍ୟ ହୋଇ ପାରିନାହାନ୍ତି ତାଙ୍କ ପାଖରେ ଜମିବାଡ଼ି କିଛି ନାହିଁ କାମଧନ୍ଦା କରି ପୂର୍ବରୁ ବୈବ ପରିବାର ପାରିପୋଷଣ କରୁଥିଲେ କିନ୍ତୁ ପକ୍ଷାଘାତ ରୋଗ ହେବାରୁ ସେ ଘରେ ପଡି ରହିଛନ୍ତି ସେ ଗରିବ ଶ୍ରେଣୀ ଓ ରୋଗାଗ୍ରସ୍ତ ହେତୁ ଘରଟି ସଜାଡି ପାରୁନାହାନ୍ତି ଦୁଇ ପୁଅ କାମଧନ୍ଦା କରି ଯାହା ପାଆନ୍ତି ସେହିଥିରେ ଘର ଖର୍ଚ୍ଚ କରିବା ସହ ବାପା ଙ୍କ ମେଡିସିନ ଖର୍ଚ୍ଚ କରୁଛନ୍ତି ଭଲ ଘର ଖଣ୍ଡେ ତିଆରି କରିବା ପାଇଁ ସପ୍ନ ଦେଖୁଥିଲେ ମଧ୍ୟ ଟଙ୍କା ଅଭାବରୁ ଘର ତିଆରି କରିପାରୁ ନାହାନ୍ତି ଯେଉ ମାଟି ଘର ଖଣ୍ଡେ ଥିଲା କିଛି ଦିନ ହେଲା ଲଘୁଚାପ ଜନିତ ଲଗାଣ ବର୍ଷାରେ ଭାଙ୍ଗି ଯାଇଛି ଆବାସ ଯୋଜନା ଘର ଖଣ୍ଡିଏ ପାଇଁ ବୈବ ଦୀର୍ଘ ବର୍ଷ ହେଲା ପଞ୍ଚାୟତ ସ୍ତରରୁ ଆରମ୍ଭ କରି ବ୍ଲକ ଓ ପରେ ଜିଲ୍ଲାପାଳ ଙ୍କ ଠାରେ ଅଭିଯୋଗ କରିଥିଲେ ମଧ୍ୟ ଘର ପାଇପାରି ନାହାନ୍ତି ବର୍ତ୍ତମାନ ସେ ଦେଶ ରୋଗଗ୍ରସ୍ତ ଅବସ୍ଥାରେ ଘରେ ପଡ଼ିରହିଛନ୍ତି ବର୍ତ୍ତମାନ ତାଙ୍କ ଦୁଇ ପୁଅଙ୍କୁ ମଧ୍ୟ ଆବାସ ଗୃହ ଯୋଜନା ରେ ଘର ଖଣ୍ଡେ ମିଳିପାରି ନାହିଁ ଜିଲ୍ଲା ପ୍ରଶାସନ ଉକ୍ତ ଘଟଣା ର ତଦନ୍ତ କରି ପକ୍ଷାଘାତ ରୋଗୀ ବୈବ ନାଗ ଙ୍କ ପରିବାର କୁ ଆବାସ ଗୃହ ଯୋଜନା ରେ ଘର ଖଣ୍ଡେ ଯୋଗାଇ ଦେବାକୁ ଦାବୀ ହେଉଛି

# ବେକାର ଜୁଆଙ୍ଗ ଯୁବକ ଯୁବତୀ ମାନଙ୍କୁ ଥଇଥାନ ଏବଂ କର୍ମନିଯୁକ୍ତି ପାଇଁ ଦାବିପତ୍ର

କେନ୍ଦୁଝର, ୧୮(ଆନିସ): ଏଆଇଟିୟୁସି କେନ୍ଦୁଝର ଜିଲ୍ଲା କମିଟି ତରଫରୁ କେନ୍ଦୁଝରର ଜନଜାତି ଜୁଆଙ୍ଗ ବେକାର ଯୁବକ ଯୁବତୀ ଏବଂ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ତୁରନ୍ତ ପୁନର୍ବାସ, ସ୍ଥାନୀୟ ନିଯୁକ୍ତି, ଆର୍ଥିକ ସହାୟତା ବ୍ୟବସ୍ଥା କରିବାକୁ ଦାବିରେ ଏକ ସ୍ମାରକପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ, କେନ୍ଦୁଝର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି।କେନ୍ଦୁଝର ଜିଲ୍ଲାର ଜୁଆଙ୍ଗ ଜନଜାତି ଯୁବକ/ଯୁବତୀ ମାନେ ସାମ୍ନା କରିଥିବା ଦୁଃଖଦ ଘଟଣା ଏବଂ ସଙ୍କଟ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଜରୁରୀ ଦୃଷ୍ଟି ଆକର୍ଷଣ କରାଯାଇଛି ।

ତାମିଲନାଡୁର ଏକ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ କାରଖାନାରେ ବିଷାକ୍ତ ଗ୍ୟାସ୍/ବିଷକ୍ରିୟା ଜନିତ ଦୁର୍ଘଟଣା ହେତୁ ୧୪ ଜଣ ନିରୀହ ଆଦିବାସୀ ଯୁବକ ସେମାନଙ୍କର ଜୀବନ ହରାଇଛନ୍ତି। ଏହା ବ୍ୟତୀତ, ରାଜ୍ୟ ଶ୍ରମ ବିଭାଗର ହସ୍ତକ୍ଷେପ ଯୋଗୁଁ ୮୪ ଜଣ ଶ୍ରମିକ ଫେରିଥିବାବେଳେ ଜଣେ ଶ୍ରମିକ ଏବେ ମଧ୍ୟ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

ଏହି ସମସ୍ତ ଯୁଆଙ୍ଗ ପ୍ରଭାବିତ ପୁଅ ଏବଂ ଝିଅମାନେ ବର୍ତ୍ତମାନ ବେରୋଜଗାର, ମାନସିକ ସ୍ତରରେ ଆଘାତପ୍ରାପ୍ତ ଏବଂ ସେମାନଙ୍କର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ପାଇଁ ସଂଘର୍ଷ କରୁଛନ୍ତି। ଆର୍ଥିକ ଭାବେ ଅତି ଦୁର୍ବଳ ଜୁଆଙ୍ଗ ଜନଜାତି ଗୋଷ୍ଠୀ ଭାବରେ ସେମାନଙ୍କର ନିଜ ଜିଲ୍ଲା ମଧ୍ୟରେ ତୁରନ୍ତ ସରକାରୀ ସୁରକ୍ଷା ଏବଂ ସ୍ଥାୟୀ ଜୀବିକା ବ୍ୟବସ୍ଥା ପାଇଁ ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିଅନ୍ କଂଗ୍ରେସ ତରଫରୁ ଦାବୀ କରାଯାଇଛି।ସଙ୍ଗଠନ କରିଥିବା

ଦାବୀ ଗୁଡିକ ଜଙ୍ଗଲ ବିଭାଗରେ ନିଯୁକ୍ତି ପ୍ରଭାବିତ ଯୁବକମାନଙ୍କୁ ବନୀକରଣ, ଜଙ୍ଗଲ ସୁରକ୍ଷା ଏବଂ ନର୍ସରୀ ପରିଚାଳନାରେ ତୁରନ୍ତ ସ୍ଥାନୀୟ ଚାକିରି ପ୍ରଦାନ କରାଯାଉ।

ସ୍ଥାନୀୟ ଖଣି ଲିଜ୍‌ଧାରୀ ଏବଂ ଶିଳ୍ପଗୁଡ଼ିକୁ ଏହି ଯୁବକମାନଙ୍କୁ ଗୋଷ୍ଠୀ ବିକାଶ ଏବଂ ପାର୍ଶ୍ୱବର୍ତ୍ତୀ କଲ୍ୟାଣମୂଳକ କାର୍ଯ୍ୟରେ ଅନ୍ତର୍ଭୁକ୍ତ କରିବା ପାଇଁ ବାଧ୍ୟତାମୂଳକ କରାଯାଉ,

ଦୁଗ୍ଧ ଚାଷ (ଗାଈ ପାଳନ), ଛେଳି ପାଳନ ଏବଂ ଆନୁଷଙ୍ଗିକ କୃଷି ୟୁନିଟ୍ ପ୍ରତିଷ୍ଠା ପାଇଁ ଜିଲ୍ଲା ପ୍ରଶାସନ ସିଧାସଳଖ ସହାୟତା ପ୍ରଦାନ କରୁ।

ସେମାନଙ୍କର ଆତ୍ମ-ନିଯୁକ୍ତି ବ୍ୟବସ୍ଥା ପାଇଁ ପ୍ରାରମ୍ଭିକ ପୁଞ୍ଜି (ସିଡ୍ କ୍ୟାପିଟାଲ୍) ପ୍ରଦାନ କରିବାକୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଆବଣ୍ଟନ କରାଯାଉ,

ଅସୁରକ୍ଷିତ ବାଧ୍ୟତାମୂଳକ ପ୍ରବାସ ଯୋଗୁଁ ଜୁଆଙ୍ଗ ସମ୍ପ୍ରଦାୟକୁ ନଷ୍ଟ ହେବାକୁ ଛାଡ଼ି ଦିଆଯାଇପାରିବ ନାହିଁ, ସ୍ଥାନୀୟ ସ୍ତରରେ ସେମାନଙ୍କର ଜୀବନ ଏବଂ ଜୀବିକାର ଅଧିକାର ସୁରକ୍ଷିତ କରିବା ପାଇଁ ଆପଣଙ୍କ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁଏଆଇଟିୟୁସିର କାର୍ଯ୍ୟକାରୀ ସଭାପତି

ଅନୁରୋଧ ମହେଶ୍ୱର ରାଉତ ଦାବିପତ୍ରରେ ଅନୁରୋଧ କରିଛନ୍ତି।

## ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବୈଠକ

ସୁନ୍ଦରଗଡ଼୧।୮ (ଆନିସ): ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ପ୍ରସ୍ତୁତି ବୈଠକ ସ୍ଥାନୀୟ ସଦଭାବନା ଭବନ ଠାରେ ଅନୁଷ୍ଠିତ ହୋଇଥିଲା।

ବୈଠକରେ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କିତ ବିଭିନ୍ନ ପ୍ରସ୍ତୁତି ତଥା ବିଭିନ୍ନ ବିଭାଗର ଦାୟିତ୍ୱ ଓ ଆନୁଷଙ୍ଗିକ ବ୍ୟବସ୍ଥା ଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ପୂର୍ବ ବର୍ଷ ଭଳି ସ୍ଥାନୀୟ ଯତରା ପଡ଼ିଆ ଠାରେ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ। ଏଥି ନିମନ୍ତେ ଅଗଷ୍ଟ ୧୧, ୧୨ ଏବଂ ୧୩ ତାରିଖ ସକାଳ ୭ ଟା ସମୟରେ ପ୍ୟାରେଡ ଅଭ୍ୟାସ କରାଯିବ। ସେହିପରି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଦେଶାତ୍ମବୋଧକ କବିତା ଆବୃତ୍ତି, ଚିତ୍ରାଙ୍କନ, ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତା ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହେବ। ଏହି ପବିତ୍ର ଦିବସ ପାଳନ ଅବସରରେ ସମସ୍ତ ସରକାରୀ କାର୍ଯ୍ୟାଳୟ ସହିତ ଅନ୍ୟାୟ କାର୍ଯ୍ୟାଳୟ ତଥା ଅନୁଷ୍ଠାନ ମାନଙ୍କରେ ଆଲୋକସଜ୍ଜା କରାଯିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ସ୍ୱାଧୀନତା ଦିବସରେ ପ୍ରାତଃ ୪:୩୦ ସମୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଦ୍ୱାରା ସହର ମଧ୍ୟରେ ଡ଼ାକବାଜି ଯନ୍ତ୍ର ଦ୍ୱାରା ରାମଧୁନ ପରିବେଷଣ କରାଯିବ। ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡିକରେ ସକାଳ ୭:୩୦ ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସେହିଭଳି ସହର ମଧ୍ୟରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯିବ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ଅନୁଷ୍ଠାନ ପରିସର ମଧ୍ୟରେ ଥିବା ରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ସଂପୃକ୍ତ ଅନୁଷ୍ଠାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯିବ। ସମସ୍ତ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଭାତଫେରି କରାଯିବ।

# ଛାତ୍ରାବାସ ଖୋଲିବାରେ ଅସହଯୋଗ ଯୋଗୁଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପୋଡାଘାଟ ଅଧକ୍ଷ ନିଲମ୍ବନ

ମାଲକାନଗିରି, ୧୮ (ଆନିସ): ବାଳିକା ଶିକ୍ଷାକୁ ବୃଦ୍ଧି କରିବା ଏବଂ ଡ୍ରପ ଆଉଟ୍ କମ୍ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଦ୍ୱାରା ମାସିକ ଶିକ୍ଷା ବିଭାଗ ସମୀକ୍ଷା ବୈଠକରେ ଖଇରପୁଟ ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ତୁରନ୍ତ ଛାତ୍ରାବାସ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



କିନ୍ତୁ ନିର୍ଦ୍ଦେଶ ଦେବାର ଦୁଇମାସ ବିତିଯାଇଥିଲେ ବି ଅଧକ୍ଷ ରାଜୀବ କୁମାର ଦତ୍ତଙ୍କ ଖାମଖିଆଲି ନୀତି ଯୋଗୁଁ ତାହା ସମ୍ଭବ ହୋଇପାରିଲା ନାହିଁ। ଚିଠି ନଂ ୩୨୦୪ ତାରିଖ ୧୮-୭-୨୦୨୬ ମାଧ୍ୟମରେ ରାଜ୍ୟ ପ୍ରକଳ୍ପ ଅଧିକାରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଙ୍କୁ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଚିଠି ନଂ ୩୨୫୨ ତାରିଖ ୩୧-୭-୨୦୨୬ ଆଦେଶରେ ଅଧକ୍ଷ ଙ୍କୁ ତୁରନ୍ତ କାର୍ଯ୍ୟର ଅବହେଳା ଓ ଅସହଯୋଗ କାରଣ ଦର୍ଶାଇ ନିଲମ୍ବନ କରିଛନ୍ତି ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ମାଲକାନଗିରିକୁ ରିପୋର୍ଟ କରିବାକୁ କହିଛନ୍ତି।




Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,
ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda